

ହ୍ୟାଟ୍ରିକ୍ ଲକ୍ଷ୍ୟରେ ଆଲକାରାଜ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-6 •BHUBANESWAR •MONDAY •30 JUNE 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୬ •ଭୁବନେଶ୍ୱର •ସୋମବାର •୩୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# VIKASH BARGARH
## Vikash Higher Educational Institutions
23 Glorious Years of Excellence in Education



AWARDED As the Best Higher Educational Institutions in Western Odisha by OTV.

## The University Toppers

GOLD MEDALIST

| Course | Rank | CGPA | Name |
|---|---|---|---|
| BBA (Hons.) | 1 | 9.29 CGPA | Barnali Nayak |
| ZOOLOGY (Hons.) | 1 | 9.71 CGPA | Arpita Choudhury |
| BOTANY (Hons.) | 1 | 9.64 CGPA | Itishree Mishra |
| PSYCHOLOGY (Hons.) | 1 | 9.35 CGPA | Sibraj Behera |
| B.A. LL.B (Hons.) | 1 | 72.52% | Abhipsa Priyadarsini |

## Top 10 Rankers of Sambalpur University (BA/B.Sc./B.Com.)

| Rank | Course | CGPA | Name |
|---|---|---|---|
| 2nd Rank | Zoology Hons | 9.52 CGPA | BIPUL |
| 3rd Rank | Physics Hons | 9.35 CGPA | HITESH |
| 4th Rank | Botany Hons | 9.31 CGPA | RAHUL |
| 4th Rank | Psychology Hons | 8.95 CGPA | KIRAN |
| 4th Rank | Mathematics Hons | 8.90 CGPA | SONALI |
| 5th Rank | Physics Hons | 9.27 CGPA | RITESH |
| 5th Rank | English Hons | 8.11 CGPA | AMITARANI |
| 6th Rank | Commerce Hons | 8.86 CGPA | BODDU |
| 6th Rank | Economics Hons | 8.70 CGPA | JAGMOHAN |
| 7th Rank | Botany Hons | 9.17 CGPA | ANWESHA |
| 7th Rank | Mathematics Hons | 8.84 CGPA | HITESWARI |
| 8th Rank | Botany Hons | 9.16 CGPA | SUBHASHREE |
| 9th Rank | Botany Hons | 9.15 CGPA | SUPRITI |
| 9th Rank | Physics Hons | 9.07 CGPA | ANKITA |
| 9th Rank | Commerce Hons | 8.79 CGPA | |
| 9th Rank | English Hons | 7.97 CGPA | |
| 10th Rank | Commerce Hons | 8.75 CGPA | |

CGPA 9 & Above 14
CGPA 8 & Above 67
172 First Class Hons Out of 192

## BBA 2022-25

| Rank | CGPA | Name |
|---|---|---|
| 3rd Rank | 8.67 | Jyoti Meher |
| 5th Rank | 8.46 | Ankita Dash |
| 6th Rank | 8.40 | Manisha Gupta |
| 7th Rank | 8.39 | Yash Goel |
| 8th Rank | 8.38 | Shivani Sharma |
| 9th Rank | 8.34 | Soumyashree Pattnayak |
| 10th Rank | 8.32 | Nayantika Nayak |

## BCA 2022-25

| Rank | CGPA | Name |
|---|---|---|
| 2nd Rank | 9.32 | Akanshya Giri |
| 2nd Rank | 9.32 | Swasti Dash |
| 3rd Rank | 8.96 | Bhupesh Panigrahi |
| 3rd Rank | 8.96 | Swagat Pradhan |
| 6th Rank | 8.86 | Mehek Agrawal |
| 9th Rank | 8.80 | Dev Prasanna Nayak |
| 10th Rank | 8.78 | Bikash Bohidar |

## B.A. LL.B. (H) Result 2020-25

2nd Rank 71.93% TANMAYA MAHAKUR

| Rank | Name |
|---|---|
| 3rd Rank | Pratyasa |
| 5th Rank | Liza |
| 6th Rank | Soumya |
| 7th Rank | Soumyashree |
| 8th Rank | Nabanita |
| 9th Rank | Devirani |

## ANM Final Year Result 2022-24

| Mark | % | Name |
|---|---|---|
| 1148 | 82.00% | ALIMA MAJHI |
| 1119 | 79.93% | SUSHAMA JAL |
| 1117 | 79.79% | ANITA NAIK |
| 1115 | 79.64% | APARAJITA MALLIK |
| 1114 | 79.57% | KHUSHI PANDEY |
| 1103 | 78.79% | RAJI NAG |
| 1102 | 78.71% | SIMIRAN PRADHAN |
| 1102 | 78.71% | BANITA SINGH |
| 1101 | 78.64% | KABITA MAJHI |
| 1096 | 78.29% | LILIMA DEEP |
| 1096 | 78.29% | JUSPIN KULLU |
| 1095 | 78.21% | NAMITA KUSHAL |
| 1091 | 77.93% | MANINI SUNA |
| 1085 | 77.50% | KAMINI MEHER |
| 1081 | 77.21% | SUPRIMA KUJUR |
| 1074 | 76.71% | REKHA TANDI |
| 1065 | 76.07% | SUKANTI KUMBHAR |
| 1065 | 76.07% | SANARTI JOJO |
| 1058 | 75.57% | KUMUDINI KUMBHAR |
| 1056 | 75.43% | GIRINANDINI BHUE |
| 1047 | 74.79% | NEMANI TIDU |
| 1014 | 72.43% | NANDINI BHARASAGAR |
| 989 | 70.64% | GEETANJALI SUNA |

## Vikash Pharmacy College, Bargarh | From 2025-26 Session

# B. PHARM | D. PHARM

Eligibility: +2 Science & OJEE Rank | Eligibility: +2 Science

# MBA
Affiliated to BPUT, Odisha & Approved by AICTE

## Vikash Nursing College, Bargarh

### Courses Offered:

- **ANM** (2 Years Course) — 40 Seats
- **GNM** (3 Years Course) — 40 Seats
- **B.Sc Nursing** (4 Years Course) — 60 Seats
- **P.B. B.Sc Nursing** (2 Years Course) — 40 Seats
- SCHOLARSHIP for SC/ST/OBC Students

CONFIRMED JOB OFFER After Completion. With PARENTAL HOSPITAL FACILITY

## The Technocrats who made us proud: B.Tech 2021-25 Batch (BPUT, Odisha)

| CGPA | Name | Branch |
|---|---|---|
| 8.69 CGPA | BIPASA PRADHAN | CIVIL |
| 8.60 CGPA | RANI SWAIN | CSE |
| 8.48 CGPA | AMIT KU. AGRAWAL | CSE |
| 8.36 CGPA | RITIK BHOI | CSE |
| 8.34 CGPA | SOUMITRA AGRAWAL | CSE |
| 8.33 CGPA | BARSHA JENA | CSE |
| 8.31 CGPA | SANJANA BADHEI | CSE |
| 8.31 CGPA | ROSHAN KU. MAJHI | EEE |
| 8.30 CGPA | K. SHIVA KUMAR | CSE |
| 8.30 CGPA | PRABIN B. PANIGRAHI | CSE |
| 8.25 CGPA | SAPNARANI PATEL | CIVIL |
| 8.25 CGPA | RASHMI DHARAI | CSE |
| 8.24 CGPA | AISHWARYA NAYAK | CSE |
| 8.23 CGPA | KRISHNA PATEL | CSE |
| 8.22 CGPA | SUJAL DEBTA | CSE |
| 8.14 CGPA | HITESWARI PRADHAN | CSE |
| 8.14 CGPA | SUDIPTA PATEL | CSE |
| 8.14 CGPA | YASH KU. PANDA | EEE |
| 8.11 CGPA | PRITAM BAG | MECH. |
| 8.07 CGPA | MANISH KU. NAYAK | CSE |
| 8.03 CGPA | ABHIJIT PRADHAN | MECH. |
| 8.02 CGPA | ANKITA PRADHAN | CIVIL |

•Integrated Campus •Experienced Faculty Team •Excellent Academics •Corporate Readiness Programmes
•Competitive Exams Prep. •Separate Hostels for Boys & Girls Progressive Ambience

**Available Courses:**

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A.
BBA | BCA | B.A. LL.B | B.Sc. (N) | P.B. B.Sc. (N) | GNM | ANM | DMLT | DMRT

# ADMISSIONS OPEN 2025-26

94393 49333 / 82800 08111
70087 81518 / 94380 85817

Vikash Knowledge Hub, Barahaguda, Bargarh

Grooming Talent
**Vikash** Higher Educational Institutions

Visit us @ www.odishavikash.com | Email: vheicampus@gmail.com

# ରାତି ୧୨ଟାରେ ପହୁଡ଼ ହେଲା କାହିଁକି?



ପୁରୀ,୨୯।୬(ସମିସ): ଅନେକ ସମୟରେ ମହାପ୍ରଭୁଙ୍କୁ ରାତି ରାତି ଉଜାଗର ରଖାଯାଇଛି। ସେବାୟତଙ୍କ ମଧ୍ୟରେ ବିବାଦ ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ରତ୍ନସିଂହାସନରେ ଅନିଦ୍ରା ରହିଛନ୍ତି ଠାକୁର। ଏମିତି ବି ନୂଆବର୍ଷରେ ଅଧରାତିରୁ ଠାକୁରଙ୍କୁ ନିଦରୁ ଉଠାଇ ଦିଆଯାଉଛି। ଅତୀତକୁ ଖୋଜିଲେ, ଜଣାପଡ଼ିବ ବର୍ଷକରେ ଅନେକ

**■ ପୂର୍ବରୁ ମହାପ୍ରଭୁଙ୍କୁ ରାତିରାତି ଉଜାଗର ରଖାଯାଇଛି**

**■ ସ୍ଥିତି ନ ଥିବାବେଳେ ପହୁଡ଼ ସଅଳ କାହିଁକି କଲେ?**

ଦିନ ଶ୍ରୀମନ୍ଦିରରେ ପହୁଡ଼ ହୋଇନଥାଏ। ହେଲେ ଠାକୁର ଯେତେବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଆଉ ଶରଧାବାଲିରେ ହଜାରହଜାର ଭକ୍ତ କାଳିଆ ଠାକୁରଙ୍କୁ ଦେଖିବା ଲାଗି ବ୍ୟାକୁଳତା ପ୍ରକାଶ କରୁଛନ୍ତି, ସେତେବେଳେ ସଅଳ ପହୁଡ଼ କାହିଁକି ହେଲା? ସେଭଳି ସ୍ଥିତି ନଥିବା ବେଳେ କାହା ନିର୍ଦ୍ଦେଶରେ ରାତି ୧୨ଟାରେ ପହୁଡ଼ କରାଗଲା? ଯଦି ପହୁଡ଼ ହୋଇ ନଥା'ନ୍ତା, ତେବେ କ'ଣ ଅସୁବିଧା ହୋଇଥା'ନ୍ତା? ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରୁଥିବାବେଳେ ସମସ୍ତେ ପ୍ରଶାସନର ଦାୟିତ୍ୱହୀନତା ଓ ଅବହେଳାକୁ ଦାୟୀ କରିଛନ୍ତି।

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନ୍ୟ ଦେବଦେବୀଙ୍କଠାରୁ ଭିନ୍ନ। ଏଠାରେ ମାନବୀୟ ଲୀଳା କରିଥା'ନ୍ତି ଦାରୁଦିଅଁ। ଭୋର୍‌ରୁ ବିଳମ୍ବିତ ରାତିରେ ସାଧାରଣ ମଣିଷ ଭଳି ଠାକୁରଙ୍କ ସେବାପୂଜା କରାଯାଏ। ରାତିରେ ଶ୍ରୀଜୀଉମାନେ ନିଦ୍ରା ଯାଆନ୍ତି, ଯାହାକୁ ଆମେ ଶ୍ରୀମନ୍ଦିରରେ ରାତ୍ରପହୁଡ଼ ବୋଲି କହିଥାଉ। କେଉଁ ସମୟରେ ପହୁଡ଼ ପଡ଼ିବ ତାହାର ନିର୍ଦ୍ଦିଷ୍ଟ ସମୟ ବି ସ୍ଥିର ଥାଏ। ହେଲେ ନୀତିବିଳମ୍ବ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଅନେକ ସମୟରେ ଶ୍ରୀମନ୍ଦିରରେ ପହୁଡ଼ ସମ୍ଭବ ହୋଇପାରିନଥାଏ। ଏମିତି ବି ବିଭିନ୍ନ ସମୟରେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ନୀତିରେ ବିଳମ୍ବ ହେଲେ ପହୁଡ଼ ହୋଇନଥାଏ। ଆବଶ୍ୟକସ୍ଥଳେ ଠାକୁରଙ୍କୁ କେତେବେଳେ ଘଣ୍ଟାଏ ତ ପୁଣି କେତେବେଳେ ୨ ଘଣ୍ଟାରେ ନିଦରୁ ଉଠାଇ ଦେଇଥା'ନ୍ତି। ତେଣୁ ସବୁଦିନ ପହୁଡ଼ ହେବା ବାଧ ଏମିତି ବି କିଛି ଧରାବନ୍ଧା ନାହିଁ। ଅବଶ୍ୟ ପ୍ରତିଦିନ ଠାକୁରଙ୍କୁ ବିଶ୍ରାମ ଦିଆଯିବା କଥା। କିନ୍ତୁ ତାହା ପାଳନ କରାଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ବହୁଳ ନୀତିକାନ୍ତି ଯୋଗୁଁ ଗତ ୧୦ଦିନ ରାତ୍ରପହୁଡ଼ ହୋଇନାହିଁ। ତେଣୁ ଶନିବାର ରାତିରେ ରାତ୍ରପହୁଡ଼ ପାଇଁ କାହିଁକି ଏତେ ତତ୍ପରତା ଦେଖାଗଲା, ତାହା ମଧ୍ୟ ବୁଝାପଡୁ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହାପ୍ରଭୁ ହେଉଛନ୍ତି ଭକ୍ତପ୍ରିୟ। ସେଇଥିପାଇଁ ବର୍ଷକୁ ଥରେ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଅବସରରେ ବଡ଼ଦାଣ୍ଡରେ ସବୁ ଧର୍ମ, ସବୁ ସମ୍ପ୍ରଦାୟର ଭକ୍ତ ଚର୍ମ ଚକ୍ଷୁରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ସୁଯୋଗ ପାଆନ୍ତି। ରଥରେ ଠାକୁରଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅନେକ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ପାଇଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ଚାହାନ୍ତି ନାହିଁ। ତେଣୁ ସେମାନେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବାକୁ ପସନ୍ଦ କରିଥା'ନ୍ତି। ଯେଉଁଥିପାଇଁ ଗତ କିଛି ବର୍ଷ ହେବ, ଠାକୁର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଥିବା ବେଳେ ରାତିରେ ପ୍ରବଳ ଭିଡ଼ ହୋଇଥାଏ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଚାଲେ। ବିଶେଷକରି କଟକ, ଭୁବନେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଆଖପାଖ ଜିଲ୍ଲାରୁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରାତିରେ ଆସି ଦର୍ଶନ ସାରି ରାତାରାତି ଫେରିଯା'ନ୍ତି। ପ୍ରଶାସନ ଏବଂ ସେବାୟତ ଏସବୁ ଜାଣିଛନ୍ତି। କିନ୍ତୁ କ'ଣ ପାଇଁ ଶନିବାର ରାତିରେ ଶରଧାବାଲିରେ ଭକ୍ତଙ୍କ ଭିଡ଼ ଥିବା ବେଳେ ରାତି ୧୨ଟାରୁ ୧୨ଟା ୧୫ ମଧ୍ୟରେ ପହୁଡ଼ କରିଦେଲେ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଯଦି ଠାକୁରଙ୍କର ପହୁଡ଼ ହୋଇ ନ ଥାନ୍ତା, କିମ୍ବା ଘଣ୍ଟାଏ ପାଇଁ ପହୁଡ଼ କରାଯାଇଥା'ନ୍ତା ତେବେ ଏତେବଡ଼ ଅଘଟଣ ଘଟି ନଥାନ୍ତା ବୋଲି ମତ ଦେଇଛନ୍ତି ଶ୍ରଦ୍ଧାଳୁ। ଦର୍ଶନ ଚାଲିଥିଲେ ଭକ୍ତଙ୍କର ଯିବାଆସିବା ଲାଗିଥା'ନ୍ତା। ତେଣୁ ଏତେଟା ଭିଡ଼ ହୋଇନଥା'ନ୍ତା। ଯେଉଁ ୩/୪ ଘଣ୍ଟା ପହୁଡ଼ ପାଇଁ ଦର୍ଶନ ବନ୍ଦ ରହିଲା, ତେଣୁ ପଛକୁ ପଛ ଭକ୍ତଙ୍କ ଗହଳି ଲାଗିଗଲା। ଫଳରେ ଦଳାଚକଟାକୁ ଡାକିଆଣିବା ଭଳି ହେଲା ବୋଲି କହିଛନ୍ତି ଭକ୍ତ ପ୍ରହ୍ଲାଦ ପରିଡ଼ା।

## ମହାପ୍ରଭୁ କାହାର ଗର୍ବ ରଖି ନାହାନ୍ତି: ଶୁଭାଶିଷ

ମହାପ୍ରଭୁ କାହାରି ଗର୍ବ ରଖି ନାହାନ୍ତି। ଗତବର୍ଷ ରଥଯାତ୍ରାରେ ବଡ଼ ଠାକୁର ପଡ଼ିଯିବା ପରଠାରୁ ଯେଉଁ ସବୁ ଭୁଲ୍ କରିଚାଲିଛନ୍ତି, ସେଥିପ୍ରତି ସରକାର ଚେତିଯିବା ଆବଶ୍ୟକ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ଭୁଲ୍ ପାଇଁ ମହାପ୍ରଭୁଙ୍କ ପାଖରେ ଶରଣ ପଶି କ୍ଷମାପ୍ରାର୍ଥନା କରନ୍ତୁ। ଦେଖିବେ ଏହାପରେ କୌଣସି ଅଘଟଣ ଘଟିବ ନାହିଁ। ସେବାୟତଙ୍କୁ ରଥ ଉପରୁ ଭିଡ଼ି ତଳକୁ ଓହ୍ଲାଇବା, ସାମ୍ବାଦିକଙ୍କୁ ମାଡ଼ ମାରିବା ଆଦି କି' ପ୍ରକାର ମାନସିକତା। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରାଯାଇପାରୁନି। ରଥଯାତ୍ରାରେ ପ୍ରାୟ ୬୦୦ ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହେଲେ। କିଛି ଭକ୍ତ ମଧ୍ୟ ମରିଛନ୍ତି। ଏତେ ଅବ୍ୟବସ୍ଥା ପୂର୍ବରୁ କେବେ ଦେଖାଯାଇନଥିଲା। ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଆଇନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏକାଧିକ ବୈଠକ କରିଛନ୍ତି। ହେଲେ ସ୍ଥିତି କ'ଣ ହେଲା? ରଥଯାତ୍ରାକୁ ଆସି ଭକ୍ତ ମଲେ। ଏଥିରୁ ସମନ୍ୱୟ ଅଭାବ ଜଳଜଳ ଦିଶୁଛି। ଆଗକୁ ଯେପରି ଏହିପରି ଅଘଟଣ ନଘଟେ, ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଜକୁ ସଜାଡ଼ନ୍ତୁ ବୋଲି ମତ ଦେଇଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ।

## ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ: ସୁନୀଲ

ଚଳିତବର୍ଷ ରଥଯାତ୍ରା ଅବସରରେ ଯେଉଁ ସବୁ ଅଘଟଣ ଘଟି ଚାଲିଛି, ତାହା ବାସ୍ତବିକ ବେଶ୍ ଦୁଃଖଦାୟକ। ଏହି ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ ବୋଲି କହିଛନ୍ତି ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି। ଶରଧାବାଲିରେ ଦଳଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସମ୍ପର୍କରେ ପ୍ରତିକ୍ରିୟା ରଖି ସୁନୀଲ କହିଛନ୍ତି, ଏଥିରେ ପ୍ରଶାସନିକ ଅଧିକାରୀଙ୍କର ତ୍ରୁଟି ରହିଛି। ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନିକ ଅଧିକାରୀମାନେ ଫେଲ୍ ମାରିଛନ୍ତି। ଦୋଷ ସ୍ୱୀକାର କରନ୍ତୁ ଅଧିକାରୀ। ରଥଟଣା ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। କାହା ସ୍ୱାର୍ଥରେ ହଜାର ହଜାର କର୍ଡନ୍ ପାସ୍ କରାଯାଇଛି। ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବା ଦରକାର ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି।

## ଅହଂକାର ଯୋଗୁଁ ଅଘଟଣ: ରାମକୃଷ୍ଣ

ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଛି। ଏଥିପାଇଁ କିଏ ଦାୟୀ, ଏହାର ଖୋଳତାଡ଼ କରାଯାଉଥିବାବେଳେ ଏହାକୁ ନେଇ ସମସ୍ତେ ପ୍ରଶାସନିକ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ବରିଷ୍ଠ ଦଇତାପତି ସେବକ ତଥା ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଅହଂକାର ଯୋଗୁଁ ଆଜି ଏଭଳି ଅଘଟଣ ଘଟିଛି। ଏହି ଅଘଟଣ ପାଇଁ ସରକାର ଏବଂ ପ୍ରଶାସନ ସଚେତନ ହୋଇଯିବା ଦରକାର। ନିଶ୍ଚିତ ଭାବେ କେଉଁଠି ତ୍ରୁଟି ରହିଲା। ତେଣୁ ସଠିକ୍ ଅଧିକାରୀଙ୍କୁ ପଚରିଚାଳନା ଦାୟିତ୍ୱ ଦିଆଯିବା ଦରକାର।

## ୭୫ ଭାଗ ବ୍ୟାରିକେଡ୍ କାହିଁକି: ବିନାୟକ

ଚଳିତବର୍ଷ ରଥଯାତ୍ରାରେ ଆରମ୍ଭରୁ ବିଭ୍ରାଟ ଲାଗି ରହିଛି। ଏଥର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୭୫ ଭାଗ ଜାଗାକୁ ବ୍ୟାରିକେଡିଂ କରାଯାଇଛି ବୋଲି କହିଛନ୍ତି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର। ବ୍ୟାରିକେଡିଂ ଏତେ ଜାଗା ମାଡ଼ି ବସିବାରୁ ଭକ୍ତଙ୍କ ଚଳାଚଳରେ ସମସ୍ୟା ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ରଥ ଲାଗିଲେ ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। ଏହା ସ୍ୱାଭାବିକ କଥା। କିନ୍ତୁ ବଡ଼ ବ୍ୟାରିକେଡିଂ ଯୋଗୁଁ ନନ୍ଦିଘୋଷ ରଥ ପାଖରେ ଯାତାୟାତ ପାଇଁ ମାତ୍ର ୨ରୁ ୩ ଫୁଟ୍ ଜାଗା ରହିଥିଲା। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲା ନାହିଁ। ଆଗକୁ ମହାପ୍ରଭୁଙ୍କର ବଡ଼ବଡ଼ କାମ ରହିଛି। ଏଭଳି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ଅଧିକାରୀମାନେ ସମସ୍ତଙ୍କ ସହ ସମନ୍ୱୟ ରଖିବା ଦରକାର ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି।

# ଜେଲ ଗଲେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର,୨୯।୬(ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ ଗଞ୍ଜାମ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ୍ କୁମାର ପଣ୍ଡା। କଳାଧନର ହିସାବ ଦେଇ ନପାରିବାରୁ ତାଙ୍କ ନାମରେ ଡିଏ ମାମଲା ରୁଜୁ କରି ଗିରଫ କରାଯାଇଛି। ତାଙ୍କୁ ମେଡିକାଲ ପରୀକ୍ଷା କରାଯିବା ପରେ ବ୍ରହ୍ମପୁର ସ୍ପେସ।ଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାପରେ ବ୍ରହ୍ମପୁର ଜେଲ ପଠାଇ ଦିଆଯାଇଛି। ସେ ଆୟ ଠାରୁ ୧୬୩ ପ୍ରତିଶତ କଳାଧନ ଅର୍ଜନ କରିଥିଲେ।

**ଆୟଠାରୁ ୧୬୩ ପ୍ରତିଶତ ଅଧିକ କଳାଧନ ଅର୍ଜନ କରିଥିଲେ**

ଗତକାଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କର ୭ଟି ଠିକଣାରେ ଚଢାଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଥିଲା। ବ୍ରହ୍ମପୁରର ରାମହରି ନଗରରେ ତାଙ୍କର ଗୋଟିଏ ତିନି ମହଲା କୋଠା ରହିଛି। ବ୍ରହ୍ମପୁର ଆଙ୍କୁଲିରେ ଥିବା ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ତାଙ୍କର ଗୋଟିଏ ଟୁ-ବିଏଚ୍‌କେ ଫ୍ଲାଟ ରହିଛି। ସେହିଭଳି ପୁରୀରେ ଗୋଟିଏ ୱାନ୍-ବିଏଚ୍‌କେ ଫ୍ଲାଟ ଅଛି। ଏହାସହିତ ପଣ୍ଡାଙ୍କର ୬ଟି ଦାମୀ ପ୍ଲଟ ମଧ୍ୟ ରହିଛି। ସେଥିରୁ ଦୁଇଟି ବ୍ରହ୍ମପୁରରେ, ଦୁଇଟି ଭୁବନେଶ୍ୱରରେ, ଗୋଟିଏ ଖୋର୍ଦ୍ଧାର ବଣିଆଟାଙ୍ଗୀରେ ଓ ଗୋଟିଏ ଗଞ୍ଜାମ ଛତ୍ରପୁର ଅଞ୍ଚଳରେ ରହିଛି। ଚଢ଼ଉ ବେଳେ ତାଙ୍କ ବାସଭବନରୁ ନଗଦ ୨ ଲକ୍ଷ ୫ ହଜାର ଟଙ୍କା ମିଳିଛି। ତାଙ୍କର ୧ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଏବଂ ଗୋଟିଏ ଚାରିଚକିଆ ଓ ଦୁଇଟି ଦୁଇ ଚକିଆ ଗାଡ଼ି ରହିଛି। ସେହିପରି ତାଙ୍କ ଘରୁ ୧୨୬ ଗ୍ରାମ ସୁନାଗହଣା ଜବତ ହୋଇଛି। ଏତେ ସବୁ ସମ୍ପତ୍ତି ସେ କେମିତି ଠୁଳ କଲେ, ସେ ନେଇ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗତକାଲି ଚଢ଼ଉରେ ୬ ଜଣ ଡିଏସ୍‌ପି , ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଗଞ୍ଜାମ ଓ ପୁରୀ ଜିଲ୍ଲାର ୭ଟି ସ୍ଥାନରେ ଗତକାଲି ଏହି ଚଢାଉ କରିଥିଲା ଭିଜିଲାନ୍ସ। ସୋମବାର ଯନ୍ତ୍ରୀ ପଣ୍ଡା ଚାକିରିରୁ ଅବସର ନେଇଥାନ୍ତେ, ହେଲେ ତାହା ପୂର୍ବରୁ ଡିଏ ମାମଲାରେ ତାଙ୍କ ଘରେ ଭିଜିଲାନ୍ସ ଚଢଉ କରି ତାଙ୍କୁ ଗିରଫ କରିଛି।

**ସରକାରଙ୍କ ଉପରେ ବର୍ଷିଲେ ସନ୍ତୃପ୍ତ**

# ଯଦି ସବୁ ପ୍ରଭୁଙ୍କ ଲୀଳା, ତେବେ ସରକାର ଇସ୍ତଫା ଦିଅନ୍ତୁ



ଭୁବନେଶ୍ୱର,୨୯।୬(ସମିସ): ଗୁଣ୍ଡିଚା ମନ୍ଦିର ଆଗରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର। 'ଏକ୍ସ'ରେ ସେ ପୁରୀରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରି ଏହା ସମସ୍ତଙ୍କୁ ମର୍ମାହତ କରିଛି ବୋଲି କହିଛନ୍ତି। ଏହା ସହ ସବୁ ଘଟଣାକୁ ପ୍ରଭୁଙ୍କ ଲୀଳା ବୋଲି କହି ଖସି ଯିବାକୁ ସରକାର ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟବୋଲି ଉଲ୍ଲେଖ କରି ସରକାର ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ସନ୍ତୃପ୍ତ। ଅନ୍ୟପକ୍ଷରେ ଯେଉଁ ପରିବାର ମାନେ ତାଙ୍କର ପ୍ରିୟଜନଙ୍କୁ ଏ ଦୁର୍ଘଟଣାରେ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପରିପେକ୍ଷୀରେ ମୁଁ ଗତକାଲି ସରକାରଙ୍କୁ ପଚାରିଥିବା ଆଠଟି ପ୍ରଶ୍ନର ଗୁରୁତ୍ୱ ଆହୁରି ବଢ଼ି ଯାଇଛି। ବାରମ୍ବାର ଏଭଳି ଘଟଣା ଘଟିବା ସତ୍ତ୍ୱେ ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ଏହାକୁ ପ୍ରଭୁଙ୍କ ଲୀଳା କହିବା ଅକ୍ଷମଣୀୟ। ଲୋକମାନଙ୍କର ସେବା କରିବାର ଶପଥ ନେଇ ସରକାର କ୍ଷମତାକୁ ଆସିଛନ୍ତି। ଯଦି ସେ ସେବା କରିବାର କ୍ଷମତା ନାହିଁ, ତାହେଲେ ସେ ସରକାର ମଧ୍ୟ କ୍ଷମତାରେ ରହିବାର କୌଣସି ଯଥାର୍ଥତା ନାହିଁ। ଯଦି ସବୁ କଥା ପ୍ରଭୁଙ୍କର ଲୀଳା, ତାହେଲେ ସରକାର ମଧ୍ୟ ଇସ୍ତଫା ଦେଇଦେଲେ ପ୍ରଭୁ ରାଜ୍ୟକୁ ଚଳାଇବେ। ଓଡ଼ିଆ ଅସ୍ମିତା, ଓଡ଼ିଶାର ଖ୍ୟାତି ଏବଂ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ଗୌରବ ଏବଂ ଗାରିମାକୁ ମନରେ ରଖି ସରକାର ତୁରନ୍ତ ଅତ୍ୟନ୍ତ କଠିନ ଏବଂ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆମେ ଆଶା କରୁଛୁ । ବର୍ତ୍ତମାନ ଡବଲ ଇଂଜିନର ସରକାର ଥାଉ ବା ନଥାଉ, ଭଲ ଚାଲୁଥିବା ଅଧା ଇଂଜିନର ସରକାର ମଧ୍ୟ ସୁଚାରୁରୂପେ ଶାସନ ପରିଚାଳନା କରିବା ଦରକାର। ଓଡିଶା ସରକାର ରାଜ୍ୟବାସୀଙ୍କ ସାମ୍ନାରେ ନିଜର ଦୃଷ୍ଟିକୋଣ ଏବଂ କଣ କାର୍ଯ୍ୟକ୍ରମ କରୁଛନ୍ତି ତାହା ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ଜଣାନ୍ତୁ। ତଦନ୍ତ କମିଟି ବା କମିଶନ ବସେଇବାରେ କୌଣସି ଲାଭ ନାହିଁ; କାହିଁକି ନା ଗତ ବର୍ଷ ମଧ୍ୟ ପ୍ରତିଷ୍ଠିତ କମିଶନର ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସି ପାରିଲା ନାହିଁ ବୋଲି କହି ସରକାରଙ୍କୁ ଶ୍ରୀ ମିଶ୍ର କଟାକ୍ଷ କରିଛନ୍ତି।

# କାହାପାଇଁ ଓଡ଼ିଶା ଆସୁଛି ଚୋରା ବନ୍ଧୁକ ?

ଭୁବନେଶ୍ୱର,୨୯।୬(ସମିସ): ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରି କରୁଥିବା ଜଣେ ବେପାରୀକୁ ଗିରଫ କରିଛି ଏସ୍‌ଟିଏଫ। ସେ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ବାଲିଅନ୍ତା ସରଦେଇପୁରରେ ଆଜି ବିକ୍ରି କରୁଥିବା ବେଳେ ମାଡ଼ିବସିଲା ଏସ୍‌ଟିଏଫ (ସ୍ୱତନ୍ତ୍ର ଟାସ୍କ ଫୋର୍ସ)। ବ୍ୟାଗ୍ ଯାଞ୍ଚ କରିବା ପରେ ତା ନିକଟରୁ ୫ଟି ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ମିଳିଛି। ଜବତ ବନ୍ଧୁକ ମଧ୍ୟରେ ରହିଛି ୩ଟି ୭ଏମ୍‌ଏମ୍‌ର ବନ୍ଧୁକ ଥିବା ବେଳେ ୯ଏମ୍‌ଏମ୍‌ର ଗୋଟିଏ ବନ୍ଧୁକ, ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ। ଗିରଫ ଅଭିଯୁକ୍ତ ହେଲା ବିହାର ଡୁମାରୀ ବଜାର ନିକଟରେ ରହୁଥିବା ଦିଲ୍ଲୀପ ସାହା। ତାକୁ

**■ ଧରାପଡ଼ିଲା ବନ୍ଧୁକ ବେପାରୀ**

**■ ୫ଟି ବନ୍ଧୁକ, ୭ଟି ଜୀବନ୍ତ ଗୁଳି ଜବତ**

**■ ଗଞ୍ଜାମ ବନ୍ଧୁକ ଲିଙ୍କ୍‌ରୁ ମିଳିଲା ବେପାରୀ ଠିକଣା**

ଏସ୍‌ଟିଏଫ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି।

ଏସ୍‌ଟିଏଫ ଏସ୍‌ପି ରବି ଶତପଥୀଙ୍କ ସୂଚନା ଅନୁସାରେ, ଗତ ମେ ୪ ତାରିଖରେ ଗଞ୍ଜାମ ପୁଲିସ ୩୧ ବନ୍ଧୁକ ଜବତ କରିବା ସହ ୧୮ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ତଦନ୍ତଭାର ନେଇଥିଲା କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଓଡ଼ିଶାକୁ ଆସୁଥିବା ବନ୍ଧୁକ ସବୁ ବିହାର ମୁଙ୍ଗେରରୁ ଆସୁଥିବା ଜଣାପଡ଼ିଥିଲା। ସେଠାରୁ ବନ୍ଧୁକ ଆଣି ଦିଲ୍ଲୀପ ସାହା ନାମକ ବ୍ୟକ୍ତି ଏଠାରେ ବିକ୍ରି କରୁଛି। ସେଠାରୁ ସେ ୭୦ ହଜାର ଟଙ୍କାର ବନ୍ଧୁକ କିଣି ଆଣୁଥିବା ବେଳେ ଏଠାରେ ସେ ୮୦ ହଜାର ଟଙ୍କାରେ ବିକ୍ରି କରୁଛି। ପୁଣି ଏହି ବନ୍ଧୁକ ଆଣିବା ପୂର୍ବରୁ ଦିଲ୍ଲୀପ ଆଡଭାନ୍ସ ନେଉଥିଲା। ଆଡଭାନ୍ସ ନେବା ପରେ ସେ ଦେଇଥିବା ତାରିଖ ମଧ୍ୟରେ ବିହାରରୁ ବନ୍ଧୁକ ଆଣି ଦେଉଥିଲା। ଅଭିଯୁକ୍ତଙ୍କ ଠାରୁ ଏସ୍‌ଟିଏଫର ତଦନ୍ତକାରୀ ଟିମ୍ ଦିଲ୍ଲୀପର ଫୋନ୍ ନମ୍ବର ସଂଗ୍ରହ କରିବା ପରେ ତାକୁ ଟ୍ରାକ୍ କରାଯାଉଥିଲା। ସେ ନିୟମିତ ବସ୍ ଏବଂ ଟ୍ରେନ୍ ଯୋଗେ ବନ୍ଧୁକ ଆଣି ଓଡ଼ିଶାର ଏକାଧିକ ଜିଲ୍ଲାରେ ବିକ୍ରି କରୁଥିଲା। ତେଣୁ ସେ ନିକଟରେ ବିହାରରୁ ବନ୍ଧୁକ ଆଣିଥିବା ଏସ୍‌ଟିଏଫର ଅଧିକାରୀମାନେ ଜାଣିଥିଲେ। ସେ ଆଜି ବାଲିଅନ୍ତା ସରଦେଇପୁରରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେବାର ଥିଲା। ତା' ଫୋନ୍ ନମ୍ବରକୁ ଟ୍ରାକ୍ କରିବା ପରେ ଏସ୍‌ଟିଏଫ ଅଧିକାରୀ ତାକୁ ଘଟଣାସ୍ଥଳରେ ମାଡ଼ି ବସିଥିଲେ। ତା ନିକଟରେ ଥିବା ଏକ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ୫ଟି ବନ୍ଧୁକ ଜବତ କରାଯାଇଥିଲା। ସେ ଓଡ଼ିଶାରେ ୫୦ରୁ ଅଧିକ ବନ୍ଧୁକ ବିକ୍ରି କରିଥିବା ତଦନ୍ତରୁ ଏସ୍‌ଟିଏଫ ଜାଣିଛି। ତେଣୁ କେଉଁମାନଙ୍କୁ ସେ ବନ୍ଧୁକ ବିକ୍ରି କରିଛି? ତା ଭଳି ଆଉ କେଉଁମାନେ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରୁଛନ୍ତି? ତାହା ଜାଣିବା ପାଇଁ



ଏସ୍‌ଟିଏଫ ଦିଲ୍ଲୀପକୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ରବି ଶତପଥୀ ସୂଚନା ଦେଇଛନ୍ତି।

ଦିଲ୍ଲୀପ ଭଳି ମହମ୍ମଦ ଅସଲମ ବନ୍ଧୁକ ମଧ୍ୟ ବିହାରରୁ ଆଣି ଓଡ଼ିଶାରେ ବିକ୍ରି କରୁଥିଲା। ଅସଲାମକୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଦିଲ୍ଲୀପ ସମ୍ପର୍କରେ ଜଣାପଡ଼ିଥିଲା। ଓଡ଼ିଶାର ୭ଟି ସହରରେ ବନ୍ଧୁକ କାରବାର କରୁଥିଲା ଅସଲାମ। ପଶ୍ଚିମବଙ୍ଗରୁ ଆସାମ ପର୍ଯ୍ୟନ୍ତ ବେପାର ଚଳାଇଥିଲା ଅସଲାମ। ଦିଲ୍ଲୀପ ଏବଂ ଅସଲାମ କେବଳ ମୁଙ୍ଗେର ନୁହେଁ, ଓଡିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଆଉ ଆସାମରେ ଚଳାଇଥିଲେ ବନ୍ଧୁକ ବେପାର। କଟକ ବୟାଳିଶ ମୌଜାରେ ବନ୍ଧୁକ କାରଖାନା ପଛର ମାଷ୍ଟରମାଇଣ୍ଡ ଥିଲା ଅସଲାମ। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲାମ ଏବଂ ଦିଲ୍ଲୀପର ହାତ। ଗଞ୍ଜାମ ବ୍ୟତୀତ ଆଉ କେଉଁ ସହରର କେତେ ଅପରାଧୀଙ୍କ ହାତକୁ କେତେ ବନ୍ଧୁକ ଯାଇଛି ସେ ନେଇ ଖୋଳତାଡ଼ ଆରମ୍ଭ କରିଛି ଏସଟିଏଫ୍।

# ଜୁଲାଇ ୧ରୁ ଶିମିଳିପାଳ ବନ୍ଦ

ବାରିପଦା, ୨୯।୬ (ସମିସ): ଭାରୀବର୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଅଭୟାରଣ୍ୟ ଜୁଲାଇ ୧ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଏକ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଗତ ଅକ୍ଟୋବରରେ ପର୍ଯ୍ୟଟକଙ୍କ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ଖୋଲିଥିଲା। ମୌସୁମୀ ଆଗମନ ସହିତ ଲଗାଣ ବର୍ଷା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଅଭୟାରଣ୍ୟକୁ ବନ୍ଦ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ୪ମାସ ପର୍ଯ୍ୟନ୍ତ ପିଠାବଟା ଓ କାଳିଆଣି ଫାଟକ ବନ୍ଦ ରହିବ। ପ୍ରତିବର୍ଷ ବର୍ଷାଋତୁ ପାଇଁ ଜୁନ୍୧୫ରୁ ଶିମିଳିପାଳ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥାଏ। ଚଳିତଥର ଆଉ ୧୫ଦିନ ଅଧିକ ଖୋଲା ରଖାଯାଇଛି। ଆଗକୁ ମୌସୁମୀ ବର୍ଷା ପରେ ସ୍ଥିତିକୁ ଦେଖି ଅକ୍ଟୋବର ବା ଦୁର୍ଗାପୂଜା ଛୁଟି ସମୟରେ ଖୋଲିବା ନେଇ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଛି। ସାଧାରଣତଃ ବର୍ଷା ଋତୁରେ ଅଭୟାରଣ୍ୟର ରାସ୍ତାଘାଟ ଧୋଇଯାଇ ବିପଦସଂକୁଳ ଅବସ୍ଥାରେ ରହିଥାଏ। ତେଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସାମୟିକ ବନ୍ଦ କରାଯାଇଥାଏ।

ଏହି ସମୟ ମଧ୍ୟରେ ଅଭୟାରଣ୍ୟ ଭିତରେ ରାସ୍ତା ସମେତ ବିଭିନ୍ନ ଭିତ୍ତିଭୂମିର ମରାମତି ମଧ୍ୟ ହୋଇଥାଏ। ସେପଟେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଜାମୁଆଣି, ଗୁଡୁଗୁଡ଼ିଆ, କୁମାରୀ, ବରେହିପାଣି ଓ ରାମତୀର୍ଥ ଇକୋ ଟୁରିଜିମରେ ପର୍ଯ୍ୟଟକଙ୍କ ରହଣି ସମେତ ପର୍ଯ୍ୟଟନ ପାଇଁ ଖୋଲା ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି।

ଚଳିତବର୍ଷ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ବେଶ ଆକର୍ଷିତ କରିଥିଲା। ଚଳିତ ବର୍ଷ ସମୁଦାୟ ୩୮, ୪୮୩ଜଣ ପର୍ଯ୍ୟଟକ ଶିମିଳିପାଳ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିଛନ୍ତି। ସେଥି ମଧ୍ୟରେ ଓଡ଼ିଶାରୁ ୨୬,୦୮୩ଜଣ, ରାଜ୍ୟ ବାହାରୁ ୧୨,୩୮୮ ଏବଂ ବିଦେଶୀ ୧୨ଜଣ ରହିଛନ୍ତି।

**■ ଆଜି ମହାପ୍ରଭୁଙ୍କ ବନକଲାଗି**

# ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨୯।୬(ସମିସ): ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ସୋମବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ହେରାପଞ୍ଚମୀ ପୂର୍ବଦିନ ମହାପ୍ରଭୁଙ୍କର ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ସୋମବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

# ଜମ୍ଭୀରାରେ ବନ୍ୟା, ନଦୀକୂଳ ଗାଁ ଜଳମଗ୍ନ

ମୋରଡ଼ା, ୨୯।୬ (ସମିସ): ଲଘୁଚାପଜନିତ ତୁହାକୁ ତୁହା ବର୍ଷା ତିନି ଦିନ ଧରି ଲାଗି ରହିଥିବାରୁ ରବିବାର ଝମ୍ଭୀରା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ମୋରଡ଼ା ବ୍ଲକ୍‌ର ଘୋଳମୁହାଁ, ଗଣ୍ଡଗୁହାଳି, ଶିଳଦା, ବରକନ୍ଦ, ପାଞ୍ଚୋଗୋଛିଆ,

**■ କାନ୍ଥ ଭୁଶୁଡ଼ି ପଡ଼ି ବୃଦ୍ଧା ମୃତ**

**■ ବନ୍ୟାଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ ଓ ପୂର୍ବତନ ବିଧାୟକ**





ହଳଦୀପାଳ ଭଳି ନଦୀକୂଳିଆ ଗାଁଗୁଡ଼ିକ ଜଳମଗ୍ନ ହୋଇଛି। ଚିତ୍ରଡ଼ା-ମୋରଡ଼ାର ଶିଳଦା ପୋଲ ଉପରେ ୩ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସେହିପରି ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସାନମୁଣ୍ଡାବଣି ଗ୍ରାମର ଇନ୍ଦ ମାର୍ଣ୍ଡି(୬୫)। ସାନମୁଣ୍ଡାବଣି ପିଇଓ ପ୍ରଶାନ୍ତ ସିଂଙ୍କ ସୂଚନା ମୁତାବକ, ଶନିବାର ଇନ୍ଦ ଭାଇ ଘରକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଘର ବାରଣ୍ଡାରେ ଶୋଇଥିବା ସମୟରେ ନିକଟରେ ଏକ ପରିତ୍ୟକ୍ତ ଘର କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଅପରପକ୍ଷେ,ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ପୂର୍ବତନ ବିଧାୟକ ରାଜକିଶୋର ଦାସ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ଭେଟିଛନ୍ତି। ଉଭୟ ନଦୀକୂଳିଆ ଗାଁର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ମୋରଡ଼ା ଜିପିଓ ଶଙ୍କର ମୁର୍ମୁଙ୍କ ସୂଚନା ମୁତାବକ ବ୍ଲକ୍ ପ୍ରଶାସନ ତରଫରୁ ବିଭିନ୍ନ ଅଧିକାରୀମାନେ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ସମ୍ପର୍କରେ ବୁଝିବା ସହ ବିସ୍କୁଟ, ଚୁଡ଼ା, ଗୁଡ଼, ମୁଢ଼ି, ମିକ୍ସଚର୍ ଆଦି ଶୁଖିଲା ଖାଦ୍ୟ ପ୍ରଶାସନ ତରଫରୁ ବଣ୍ଟନ କରିଥିବା ବେଳେ ବରକନ୍ଦ ପଞ୍ଚାୟତର ଭରଡ଼ାନଣ୍ଡା ସ୍କୁଲରେ ବନ୍ୟା ପ୍ରଭାବିତ ୧୫୦ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ରଖି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-6 •BHUBANESWAR •MONDAY •30 JUNE 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୬ •ଭୁବନେଶ୍ୱର •ସୋମବାର •୩୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ମହାଅଘଟଣ

## ଶରଧାବାଲିରେ ଦଳାଚକଟା; ୩ ମୃତ



■ **ପୁରୀ, ୨୯।୬ (ସମିସ):** ଆସିଥିଲେ ଶରଧାବାଲିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ। ଚକାଆଖି ସହ ଆଖି ମିଶାଇ ଲୁହ ଗଡ଼ାଇବେ, ଅଳି କରିବେ, ନିଜ ଦୁଃଖକଷ୍ଟ ଜଣାଇବା ସହ ପରିବାରର ସୁଖଶାନ୍ତି ପାଇଁ ଆଶୀର୍ବାଦ ମାଗିବେ। ଏମିତି ଆଶା ବିଶ୍ୱାସ ନେଇ କାହିଁ କେତେ ଦୂରରୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଥିଲେ ଲକ୍ଷଲକ୍ଷ ଭକ୍ତ। ହେଲେ ସରକାର ଓ ପ୍ରଶାସନର ଅବହେଳା ଯୋଗୁଁ ଚକାଆଖି ଆଗରେ ଏତେ ବଡ଼ ଅଘଟଣ ଘଟିଯିବ, ତାହା ସେମାନେ କଳ୍ପନା ସୁଦ୍ଧା କରିନଥିଲେ। ଭାବର ଠାକୁରଙ୍କୁ ମନର ଭାବ ଜଣାଇବା ପୂର୍ବରୁ ଚାଲିଗଲା ଜୀବନ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଓ ବହୁ ଭକ୍ତ ଆହତ ହେବା ଘଟଣା ଏବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏଠି ପ୍ରଶ୍ନ ଉଠୁଛି, ଏହି ଦଳାଚକଟା ପାଇଁ ଦାୟୀ କିଏ, ଯେଉଁଥିପାଇଁ ଏତେବଡ଼ ଅଘଟଣ ଘଟିଲା। ଅନ୍ୟପକ୍ଷରେ ପ୍ରଶାସନିକ ଅବହେଳା ଏବଂ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି ଶ୍ରଦ୍ଧାଳୁ। ସରକାର ମଧ୍ୟ ଅବହେଳାକୁ ସ୍ୱୀକାର କରିଛନ୍ତି।

ଶନିବାର ଥିଲା ନବଦିନାତ୍ମକ ଯାତ୍ରାର ଦ୍ୱିତୀୟ ଦିବସ। ଭକ୍ତମାନେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରୁଥିଲେ। ଅନୁକୂଳ ପାଗ ସାଙ୍ଗକୁ ସପ୍ତାହାନ୍ତ। ଅର୍ଥାତ୍ ଚତୁର୍ଥ ଶନିବାର ଓ ରବିବାର ଦୁଇଦିନ ଛୁଟିଥିଲା। ତେଣୁ ଶନିବାର ସନ୍ଧ୍ୟା ପରଠାରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ଠାକୁରଙ୍କୁ ଦର୍ଶନ ଲାଗି ପ୍ରବଳ ଭିଡ଼ ଲାଗି ରହିଥିଲା। ରାତି ଯେତେ ବଢୁଥିଲା ଭିଡ଼ ସେତେ ଅଧିକ ହେଉଥିଲା। ହେଲେ ନୀତିକାନ୍ତି ନିର୍ଘଣ୍ଟ ସମୟରେ ଚାଲିଥିବା ସତ୍ତ୍ୱେ ରାତି ୧୨ଟାରୁ ୧୨ଟା ୧୫ ମଧ୍ୟରେ ତିନିରଥରେ ଠାକୁରଙ୍କର ପହୁଡ଼ କରାଯାଇଥିଲା। ଏପଟେ ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ଅଞ୍ଚଳରେ ଦର୍ଶନ ପାଇଁ ଅପେକ୍ଷା କରିରହିଥିଲେ। ପହୁଡ଼ ପଡ଼ିଯିବାରୁ ଶ୍ରଦ୍ଧାଳୁମାନେ ଜରି ପକାଇ ତଳେ ବସି ରହିଥିଲେ। ଅନ୍ୟପକ୍ଷରେ ରାତି ଯେତେ ଅଧିକ ହେଉଥିଲା, ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେତେ ବଢ଼ିବାରେ ଲାଗିଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖ ସୀମିତ ଅଞ୍ଚଳରେ ହଜାରହଜାର ଭକ୍ତ ସମାଗମ ହୋଇଥିଲେ। ପ୍ରତ୍ୟୁଷରେ ପହୁଡ଼ ଖୋଲିବା ପରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିଲା। ଏହି ସମୟରେ ଚାରମାଳ କାଠ ନେଇ ଭିଡ଼ ଭିତରେ ୨ଟି ଟ୍ରକ୍ ଆସିଥିଲା। ଶ୍ରଦ୍ଧାଳୁ ଆଡ଼େଇ ହୋଇଯାଉଥିବା ବେଳେ ଠେଲାପେଲା ହୋଇଥିଲା। ଏହି ଠେଲାପେଲା ଯୋଗୁଁ ମଝି ରଥ ସମ୍ମୁଖରେ ଦଳାଚକଟା ହୋଇଥିଲା। ବହୁ ଭକ୍ତ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ି ଚାଲିଯାଉଥିଲେ। ଫଳରେ ଘଟଣାସ୍ଥଳରେ ୨ଜଣ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଜଣେ; ଏହିପରି ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ▶ପୃଷ୍ଠା-୭

## ଜନ୍ମବେଦୀରେ ଶ୍ରୀଜୀଉ



## କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

### ମୃତକଙ୍କ ଆତ୍ମୀୟଙ୍କୁ ୨୫ ଲକ୍ଷ ଲେଖାଏଁ ସହାୟତା



**ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ**

**ଭୁବନେଶ୍ୱର,୨୯।୬(ସମିସ):** ରବିବାର ଭୋର ୪ଟାରେ ପୁରୀ ଶରଧାବାଲିରେ ଦଳାଚକଟା କାରଣରୁ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ଏପରି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବେ ନିଜେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥପ୍ରେମୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁରୀରେ ଲକ୍ଷଲକ୍ଷ ଭକ୍ତଙ୍କ ଦର୍ଶନ ବ୍ୟଗ୍ରତା ଓ ଭିଡ କାରଣରୁ ତିନି ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ଘଟିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି। ପରଲୋକଗତ ଭକ୍ତମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

## ବଦଳିଲେ ଜିଲ୍ଲାପାଳ ଓ ଏସ୍‌ପି

### ଚଞ୍ଚଳ ରାଣା ଜିଲ୍ଲାପାଳ ଓ ପିନାକ ମିଶ୍ର ଏସ୍‌ପି ନିଯୁକ୍ତ

■ **ଭୁବନେଶ୍ୱର, ୨୯।୬(ସମିସ):** ଶରଧାବାଲିରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ପରେ ସରକାର ପୁରୀ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସପି ଭୀନିତ ଅଗ୍ରୱାଲଙ୍କୁ ବଦଳି କରିଛନ୍ତି । । ଏହା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢୀଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗ ଯୋଗୁଁ ନିଲମ୍ବିତ କରାଯାଇଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୁରୀର ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ୍ ରାଣାଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଏସ୍‌ପି ରୂପେ ପିନାକମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି।

## ସରକାର ସମ୍ପୂର୍ଣ୍ଣ ବିଫଳ: ନବୀନ

### ବେଖାତିର, ସମ୍ବେଦନହୀନ ମନୋଭାବକୁ ନିନ୍ଦା



**ମୃତକଙ୍କ ପରିବାର ସହ ଫୋନ୍‌ରେ କଥାହେଲେ**

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଏଭଳି ଅଘଟଣ ପାଇଁ ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ। 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି, ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଭୟାବହ ଅଘଟଣ ▶ପୃଷ୍ଠା-୭

## ଉଦ୍‌ବେଗ ଜଣାଇଲେ ରାହୁଲ, ଖଡ଼୍‌ଗେ

■ **ଭୁବନେଶ୍ୱର, ୨୯।୬ (ସମିସ):** ପୁରୀରେ ରଥଯାତ୍ରା ସମୟରେ ଦଳାଚକଟା ଘଟଣାରେ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଚିନ୍ତାପ୍ରକଟ କରିଛନ୍ତି। 'ଏକ୍ସ'ରେ ରାହୁଲ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଏବଂ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କୁ ତ୍ୱରାନ୍ୱିତ କାର୍ଯ୍ୟ କରିବାକୁ ନିବେଦନ କରିଥିବା ବେଳେ କଂଗ୍ରେସ କର୍ମୀମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବାକୁ ସେ ଅନୁରୋଧ କରୁଛନ୍ତି। ଅନ୍ୟପଟେ ଏହି ଦୁଃଖଦ ଘଟଣା ଏକ ଗମ୍ଭୀର ଚେତାବନୀ ବୋଲି ରାହୁଲ୍ ଉଲ୍ଲେଖ କରିବା ସହ ଏତେ ବଡ଼ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଏବଂ ଭିଡ଼ ପରିଚାଳନା ପ୍ରସ୍ତୁତି ▶ପୃଷ୍ଠା-୭

### ମୁଖ୍ୟ ପ୍ରଶାସକଙ୍କ କ୍ଷମତା ସଙ୍କୁଚିତ

## ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରା ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ

■ **ଭୁବନେଶ୍ୱର, ୨୯।୬ (ସମିସ):** ରଥଯାତ୍ରାର ସୁରୁଖୁରୁ ପରିଚାଳନା ଶ୍ରୀମନ୍ଦିର ପ୍ରଶାସକଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ହୋଇଥିଲେ ହେଁ ଚଳିତ ବର୍ଷ ସୀମା ଟପିଥିବା ଅବ୍ୟବସ୍ଥା ତାଙ୍କୁ ସାଧାରଣରେ ନିନ୍ଦିତ କରିଛି। ଚଳିତ ବର୍ଷ ରଥଯାତ୍ରା ପରିଚାଳନାକୁ ନେଇ ଆରମ୍ଭରୁ ସମାଲୋଚନାର ଶରବ୍ୟ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ କ୍ଷମତା ସଙ୍କୁଚିତ କରିଛନ୍ତି ରାଜ୍ୟ ସରକାର। ମୋଦକ ଚୋରି ବିବାଦ ପରେ ରଥ ଟଣାକୁ ନେଇ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ନିଶାଣକୁ ଆସିଥିଲେ ହେଁ

**ସୌମେନ୍ଦ୍ର ପ୍ରିୟଦର୍ଶୀ କରିବେ ପୁଲିସ ବ୍ୟବସ୍ଥା ପରିଚାଳନା**

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଥିଲେ। ମାତ୍ର ଦଳାଚକଟା ଘଟଣା ପରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ କ୍ଷମତାକୁ ସଙ୍କୁଚିତ ▶ପୃଷ୍ଠା-୭

## ମନ୍ତ୍ରୀ, ପ୍ରଶାସକଙ୍କୁ ସୁରକ୍ଷା ଦେବାକୁ ଅଫିସର ବଳି!

**ମନ୍ତ୍ରୀସ୍ତରୀୟ କମିଟିର ଭୂମିକାକୁ ନେଇ ସାଧାରଣରେ କ୍ଷୋଭ**

**ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିଲା କମିଟି**

**କେବଳ ପାସ୍ ବଣ୍ଟନରେ ସୀମିତ ରହିଛି ମନ୍ତ୍ରିସ୍ତରୀୟ କମିଟି**

■ **ଭୁବନେଶ୍ୱର, ୨୯।୬ (ସମିସ):** ଚଳିତ ରଥଯାତ୍ରା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ ଏବଂ ଭକ୍ତଗଣ ନିଜେ ଦିବ୍ୟ ଏବଂ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ନିଜେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ମାତ୍ର ରଥଯାତ୍ରା ଆରମ୍ଭରୁ ମୋଦକ ଚୋରିରୁ ବିଭ୍ରାଟ ଆରମ୍ଭ ହୋଇଥିବା ବେଳେ ରବିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରବିବାର ପ୍ରତ୍ୟୁଷରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯାଇଛି। ଶ୍ରୀଗୁଣ୍ଡିଚା ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ଜୀବନ ଯିବା ଇତିହାସରେ ପ୍ରଥମ ଘଟଣା ହୋଇଥିବା ବେଳେ ଏହା ଦେଶବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଅଭାବନୀୟ ଘଟଣା ପାଇଁ ପରିଚାଳନାଗତ ବିଭ୍ରାଟ, ସରକାରଙ୍କ ଭୂମିକା, ଅପାରଗତା ଏବଂ ହେୟଜ୍ଞାନ ମନୋବୃତ୍ତିକୁ ଦାୟୀ କରୁଥିବା ବେଳେ ରାଜ୍ୟ ସରକାର ନିଜ ଉପରୁ ଦୋଷ ଝାଡ଼ିବାକୁ ପୁରା ଉଦ୍ୟମ ଚଳାଇଛନ୍ତି। ରଥଯାତ୍ରା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟି, ଆଇନମନ୍ତ୍ରୀ, ପ୍ରଶାସକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କେବଳ ବଦଳି କରିଛନ୍ତି। କଠୋର କାର୍ଯ୍ୟାନୁଷ୍ଠାନ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସୀମାହୀନ ଅବ୍ୟବସ୍ଥା, ଚରମ ଅପାରଗତା ଓ ଅସୀମ ଉଦାସୀନତା ଯୋଗୁଁ ଇତିହାସରେ ଯାହା କେବେ ଘଟି ନ ଥିଲା; ଚଳିତ ବର୍ଷ ତାହା ଘଟିଛି। ରଥଯାତ୍ରାର ସୁପରିଚାଳନା ପାଇଁ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଏହି କମିଟିର ଭୂମିକା ଏଯାବତ୍ କଣ ବୋଲି ଜଗନ୍ନାଥପ୍ରେମୀ ପ୍ରଶ୍ନ କରୁଛନ୍ତି। ଘୋଷଯାତ୍ରା ବେଳେ ଏହି କମିଟିରେ ସଦସ୍ୟ ଥିବା ମନ୍ତ୍ରୀମାନେ କେବଳ ▶ପୃଷ୍ଠା-୭

## ବାପାଙ୍କ ସମୟରେ ୬, ପୁଅଙ୍କ ସମୟରେ ୩

■ **ଭୁବନେଶ୍ୱର, ୨୯।୬ (ସମିସ):** ଦୁଇଦିନ ତଳେ ଚଳିତ ବର୍ଷ ରଥଯାତ୍ରାକୁ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଅବଶ୍ୟ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ତାହା ଭୁଲ ବୋଲି କୁହାଯାଇ ପାରିବ ନାହିଁ । ଚଳିତ ବର୍ଷ ରଥଯାତ୍ରା ଅବ୍ୟବସ୍ଥାରେ ଇତିହାସ ସୃଷ୍ଟି କରିଛି। ଅତୀତର ଇତିହାସ ଲେଉଟାଇଲେ ଏପରି ବିଶୃଙ୍ଖଳା କେବେ ଘଟି ନ ଥିଲା ଓ ଭବିଷ୍ୟତରେ ଘଟିବ କି ନାହିଁ ସନ୍ଦେହ। ତେବେ ଚଳିତ ବର୍ଷ ରଥଯାତ୍ରାରେ ଏକ ଐତିହାସିକ ସଂଯୋଗ ଦେଖିବାକୁ ମିଳିଛି । ୧୭ ବର୍ଷ ତଳ ଅର୍ଥାତ୍ ୨୦୦୮ରେ ବିଶ୍ୱଭୂଷଣ ହରିଚନ୍ଦନ ଆଇନମନ୍ତ୍ରୀ ଥିବାବେଳେ ରଥଯାତ୍ରାରେ ଦଳାଚକଟା ହୋଇଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏବେ ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିଛି । ଏବେ ▶ପୃଷ୍ଠା-୭

## ଜଳକାରେ ବନ୍ୟା, ଫୁଲୁଛି ବୁଢ଼ାବଳଙ୍ଗ

■ **ବାଲେଶ୍ୱର, ୨୯।୬ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଜିଲ୍ଲାରେ ପ୍ରବାହିତ ହେଉଥିବା ପ୍ରମୁଖ ତିନୋଟି ନଦୀ ମଧ୍ୟରୁ ଜଳକା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସିଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ସେହିପରି ବୁଢ଼ାବଳଙ୍ଗ ନଦୀରେ ପ୍ରଥମ ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

ଗତ ତିନି ଦିନ ଧରି ବାଲେଶ୍ୱର ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ଆଜି ଜିଲ୍ଲାରେ ମୋଟ ୮୭୨ମିମି ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳରେ ଅତ୍ୟଧିକ ମାତ୍ରାରେ ବର୍ଷା ହେବା ଫଳରେ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଜଳକା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ



**ପତ୍ରଝଡ଼ାରେ ୫୦ ଫୁଟ୍‌ର ଘାଇ ସତର୍କ ରହିବାକୁ ନିର୍ଦ୍ଦେଶ**

ସଙ୍କେତ ୬ମିଟର ରହିଛି। ଜଳକା ନଦୀରେ ସନ୍ଧ୍ୟା ୭ଟା ସୁଦ୍ଧା ୭.୧୯ମିଟର ଜଳ ପ୍ରବାହିତ ହେଉଛି। ଏଣୁ ଏହି ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ବାଲିଆପାଳ, ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକେ ପ୍ରଭାବିତ ହୋଇଛନ୍ତି।

ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତର ସରଡିହାରୁ ନାଭ ଗ୍ରାମକୁ ସଂଯୋଗ କରୁଥିବା ବନ୍ଧରେ ୫୦ ଫୁଟର ଘାଇ ଯୋଗୁଁ ପ୍ରବଳ ସ୍ରୋତରେ ପାଣି ମାଡ଼ି ଚାଲିଛି। ଏହି ବନ୍ଧରେ ୧୦ରୁ ଅଧିକ ଛୋଟ ଛୋଟ ଘାଇ ସୃଷ୍ଟି ହୋଇଛି। ବନ୍ୟା ପାଣିରୁ ନାଭ ଓ କାଶୀମାରି ଗ୍ରାମରୁ ଲୋକଙ୍କୁ ମୋଟର ବୋଟ ସାହାଯ୍ୟରେ ବ୍ଲକ ପ୍ରଶାସନ ଉଦ୍ଧାର କରିଛି। ବାହାର୍ଦ୍ଧା ଚଟାଣରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ୭ରୁ ଅଧିକ ପଂଚାୟତ ପ୍ରଭାବିତ ହୋଇଛି। ଅନ୍ୟପଟେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ▶ପୃଷ୍ଠା-୭

**ମୟୂରଭଞ୍ଜରେ ରେକର୍ଡ ବର୍ଷା**

## ସୁବର୍ଣ୍ଣରେଖା ଓ ଜମ୍ବୀରାରେ ବନ୍ୟା

### ୨୪୨ ଘର ଭାଙ୍ଗିଲା, କାନ୍ଥ ପଡ଼ି ଜଣେ ମୃତ



- ଝାଡ଼ଖଣ୍ଡ ଛାଡ଼ିଲା ବନ୍ୟାଜଳ
- ୨ଟି ଗାଁରୁ ୪ହଜାର ଲୋକଙ୍କୁ ସ୍ଥାନାନ୍ତର
- ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ବଢୁଛି
- ବଜ୍ରପାତରେ ୨ ବଖରା ଜଳିଗଲା
- ୩ଦିନ ଅଙ୍ଗନବାଡି, ୧ ଦିନ ସ୍କୁଲ ବନ୍ଦ

**ବାରିପଦା,୨୯।୬(ସମିସ):** ଉପରମୁଣ୍ଡ ଝାଡ଼ଖଣ୍ଡ ଓ ମୟୂରଭଞ୍ଜରେ ଲଘୁଚାପ ଜନିତ ତୁହାକୁ ତୁହା ବର୍ଷା ଯୋଗୁଁ ଜିଲ୍ଲାରେ ସ୍ଥିତି ସଂଗିନ୍ ହୋଇପଡ଼ିଛି। ଗୋଟିଏପଟେ ଜିଲ୍ଲାରେ ଭାରୀ ବର୍ଷା ଓ ଅନ୍ୟପଟେ ଝାଡ଼ଖଣ୍ଡ ଚାହିଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ଯୋଗୁଁ ସୁବର୍ଣ୍ଣରେଖା ଓ ଜମ୍ବୀରା ନଦୀରେ ବନ୍ୟା ଦେଖାଦେଇଛି। ସେହିପରି ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ଆଦି ନଦୀରେ ଜଳସ୍ତର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆସନ୍ତାକାଲି ମଧ୍ୟ ଜିଲ୍ଲାକୁ ରେଡ୍-ୱାର୍ଣ୍ଣିଂ ଥିବାରୁ ବଡ଼ବନ୍ୟା ଆଶଙ୍କା ଦେଖାଦେଇଛି। ଏପରି ସ୍ଥିତିରେ ନଦୀକୂଳିଆ ଗାଁରେ ଛନକା ପଶିଛି। ଖବର ଲେଖା ହେବା ବେଳକୁ ସୁବର୍ଣ୍ଣରେଖା ଓ ଜମ୍ବୀରାର ବନ୍ୟାଜଳ କିଛି ଗାଁରେ ପ୍ରବେଶ କରିଥିବା ବେଳେ ପ୍ରଶାସନ ପକ୍ଷରୁ ୨ଟି ଗାଁରୁ ୪ହଜାର ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତର କରାଯାଇଛି। ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେବା ଯୋଗୁଁ କିଛି ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ▶ପୃଷ୍ଠା-୭

# ବର୍ଷା ଆରମ୍ଭରୁ ବେହାଲ ବାରିପଦା ସହର



ବାରିପଦା, ୨୯।୬(ସମିସ)’

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ଅଞ୍ଚଳରେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ପାଇଁ ମୌସୁମୀ ବର୍ଷା ଆରମ୍ଭରୁ ବାରିପଦା ସହର ବେହାଲ ହୋଇଛି। ସହରର ମହାନାଳଗୁଡ଼ିକର ପୁନରୁଦ୍ଧାର ନେଇ ଘୋଷଣାର ବର୍ଷେ ପୂରଣ ପରେ ମଧ୍ୟ ପ୍ରତିଶ୍ରୁତି ପୂରଣ ନହେବାରୁ ବିଭିନ୍ନ ୱାର୍ଡର ଘରେ ବର୍ଷା ପାଣି ପ୍ରବେଶ କରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରୁ ୪ଘଣ୍ଟା ଧରି ବାଦଲପଟା ଲଗାଣ ବର୍ଷା ହୋଇଥିଲା। ଫଳରେ ଜରାଳୀ, ସରାଳୀ ଓ ଶୁଖଯୋଡ଼ା ନଦୀ ସଂଲଗ୍ନ ସହରର ବିଭିନ୍ନ ତଳି ଅଞ୍ଚଳର ଘରମାନଙ୍କରେ ଆଣ୍ଠୁଏରୁ ଉପରେ ପାଣି ପଶିଥିଲା। ସୁନଗଡ଼ିଆ, ବାଘରାରୋଡ୍, ବଳରାମପୁର, ଲାଲବଜାର, କବରଖାନା, କାଳିକାପୁର, ଦେଉଳସାହି, ଟିବି ହସ୍ପିଟାଲ ନିକଟ, ପିଆରଏମ ହସ୍ପିଟାଲ ପରିସରରେ, ଭଞ୍ଜେଶ୍ୱର ମନ୍ଦିର ସମେତ ଖୋଦ ମନ୍ତ୍ରୀଙ୍କ ନିଜ ୱାର୍ଡ ନମ୍ବର ୩ ମାଇନିଂ କଲୋନୀର ବିଭିନ୍ନ ସ୍ଥାନରେ ପାଣି ପଶିଥିଲା। ତତସହିତ ସଂଯୋଗକାରୀ ରାସ୍ତା ବୁଡିଯାଇଥିଲା। ସହର ମଧ୍ୟରେ ଥିବା ଜରାଳି, ସରାଳି ଓ ଶୁଖଯୋଡ଼ା ଆଦି ୩ଟି ପ୍ରମୁଖ ମହାନାଳ/ନଦୀ ଦ୍ୱାରା ସହରର ଉଦବୃତ୍ତ ବର୍ଷା ଜଳ ପ୍ରବାହିତ ହୋଇ ବୁଢାବଳଙ୍ଗ ନଦୀରେ ମିଶି ନିଷ୍କାସିତ ହୁଏ। ଦୀର୍ଘଦିନ ଧରି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପୁନରୁଦ୍ଧାର ଅଭାବରୁ

- ପୌରାଞ୍ଚଳର ବିଭିନ୍ନ ଘରେ ପଶିଲା ପାଣି
- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ପୁନରୁଦ୍ଧାର ହେଲାନି ମହାନାଳ
- ସ୍ଥିତି ଅନୁଧ୍ୟାନ କଲେ ନଗରପାଳ ଓ ଅତିରିକ୍ତ ଜିଲ୍ଲାପାଳ

ଗଛଲତା ଓ ମାଟିରେ ପୋତି ହୋଇଯିବା। ଏହାସହିତ ଜବରଦଖଲକାରୀଙ୍କ କବଜାରେ ନଦୀ ଶଯ୍ୟା ରହିଥିବାରୁ ମହାନାଳଗୁଡ଼ିକରେ ପାଣି ବଢ଼ି ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସହରର କାଳିକାପୁର ପୋଲ ନିକଟରେ ଏକ କାର ଭାସି ଆସି ଲାଗି ରହିଥିଲା। ରବିବାର ସକାଳୁ ପାଣି ଛାଡିବା ପରେ ସ୍ଥାନୀୟ ଲୋକେ କାରଟି ଦେଖିବା ସହ ଖବର ଦେଇଥିଲେ। ଅପରପକ୍ଷରେ ଶନିବାର ରାତିରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଏସପି ଗୌତମ କିଷାନ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ବାରିପଦା ତହସିଲଦାର ଏବଂ ସ୍ଥାନୀୟ କାଉନସିଲରମାନେ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଲୋକଙ୍କୁ ସୁରକ୍ଷିତ ରଖିବା ନେଇ ଅନୁଧ୍ୟାନ କରିଥିଲେ। କୃତ୍ରିମ ବନ୍ୟ ପାଇଁ ସହର ୫୦୦ରୁ ଊର୍ଦ୍ଧ୍ୱ ଘରେ ପାଣି ପ୍ରବେଶ କରିଥିବା ବେଳେ ଲୋକ ଅନେକ ସମସ୍ୟାର ସମ୍ମୁଖିନ ହୋଇଥିଲେ। ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଉକ୍ତ ମହନାଳ ପୁନରୁଦ୍ଧାର ପାଇଁ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ୍ସ ଯୋଗେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଗାଁ ରାସ୍ତାରେ ବନ୍ୟାଜଳର ଲହଡ଼ି, ଜଳବନ୍ଦୀ ପରିବାର



**କପ୍ତିପଦା, ୨୯।୬(ସମିସ):** ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଭଳି ଅବସ୍ଥାରେ ଲଗାଣ ବର୍ଷା ଜାରି ରହିବା କାରଣରୁ ଗାଁ ଗହଳିରେ ପାଣି ପ୍ରବେଶ କରିଛି। ଯାହାର ପ୍ରଭାବରେ କପ୍ତିପଦା ବ୍ଲକ ନୂଆଗାଁ ଗ୍ରାମରେ ଜଳବନ୍ଦୀ ଅବସ୍ଥା ହୋଇଛି। ଗାଁ ରାସ୍ତାରେ ବର୍ଷା ଜଳ ଲହଡ଼ି ମାରୁଥିବା ବେଳେ ରାସ୍ତା ଉପରେ ୨ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ପାଣି ରହିଛି। ଉକ୍ତ ପାଣି ଭିତରେ ପଶି ଗ୍ରାମବାସୀ ଯାତାୟାତ କରୁଛନ୍ତି। କେବଳ ସେତିକି ନୁହେଁ ରାସ୍ତାରେ ପାଣି ଲହଡ଼ି ମାରୁଥିବା ବେଳେ ଉକ୍ତ ପାଣି ଲୋକଙ୍କ ଘରେ ପଶିଛି। ବର୍ଷା ପାଣି ଘର ଭିତରେ ପଶିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୪ରୁ ଅଧିକ ପରିବାର। ଘରୁ ବାହାରିଲେ ପାଣିରେ ପଶି ବାହାରକୁ ଆସିବାକୁ ପଡ଼ିବ। ନଚେତ ଅନ୍ୟ କୌଣସି ରାସ୍ତା ନାହିଁ। ଦୁଇ ଦିନ, ଲଗାଣ ବର୍ଷା ଜାରି ରହିବା, ନିଷ୍କାସନ ପାଇଁ କୌଣସି ବାଟ ନ ଥିବା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

## ଲଘୁଚାପ ଜନିତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



**ବହଳଦା, ୨୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅଞ୍ଚଳରେ ଗତରାତିରେ ହୋଇଥିବା ଅତି ପ୍ରବଳ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଫଳରେ ବହଳଦା ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇଛି। ଯାହାଫଳରେ ନଦୀ, ନାଳ, ପୋଖରୀ ସବୁ ଉପୁଲି ଉଠିବା ସହ ରାସ୍ତା ଓ ପୋଲ ଉପରେ ପାଣି ବହିଚାଲିଥିଲା। ବଡପଳସା ପଞ୍ଚାୟତର ଓଲିଡିହି ଗ୍ରାମର ପଡ଼ାଗ୍ରାମ ବାଡୁସାହି ବସତିରେ ବରେହି ନାଳର ବଢ଼ି ପାଣି ପଶି ଯାଇଥିଲା। ନଦୀର ଦୁଇ ପାର୍ଶ୍ୱରେ ଥିବା ଲୋକଙ୍କ ମାଟିକାନ୍ଥ ଘର କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିବାବେଳେ ଖବର ପାଇ ବହଳଦା ତହସିଲରୁ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଥିଲେ। ସେହିପରି ଠାକୁରବାଡି ବରେହୀ ନାଳରେ ବିକରାଳ ରୁପରେ ପାଣି ବହିଥିଲା ଫଳରେ ନାଳର ବିପରିତ ପାର୍ଶ୍ୱରେ ଥିବା ଠାକୁରବାଡି, ପାତ୍ରାମହୁଲପାଣି ଇତ୍ୟାଦି ଗ୍ରାମ ଜଳବନ୍ଦି ହୋଇ ରହିଥିଲେ। ଝରାଡିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ପୋଲ ଉପରେ ପାଣି ବହିବା ସହ ଆଖପାଖ ଅଞ୍ଚଳକୁ ମାଡି ଯାଇଥିଲା। ଭିତରାମଦା ଗ୍ରାମପଞ୍ଚାୟତର ଭଗାବନ୍ଦି ଗାଁ ଦେଇ ଅତିକ୍ରମ କରିଥିବା ରାସ୍ତାରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହାର ଡାଇଭର୍ସନ ରାସ୍ତା ପ୍ରଖର ବର୍ଷା ଜଳରେ ଭାସିଯାଇଥିଲା ଯାହାଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଝରାଡିହିର ରେଳଧାରଣା ତଳେ ଥିବା ଗଳାପୋଲ ମଧ୍ୟରେ ଅଣ୍ଟାଏ ଲେଖାଏଁ ପାଣି ରହିଥିବା ଫଳରେ ଲୋକଙ୍କ ଦୁଇଚକିଆ ଓ ଚାରିଚକିଆ ଯାନ ପାଣିରେ ବନ୍ଦ ପଡ଼ି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଭିତରାମଦା ଗ୍ରାମରୁ ଅସନା ପଞ୍ଚାୟତ ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ମଧ୍ୟ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହାର ଡାଇଭର୍ସନ ରାସ୍ତା ଉପରେ ପ୍ରଖର ବର୍ଷା ପାଣି ବହିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅସନା ପର୍ଯ୍ୟନ୍ତ ଦୈନନ୍ଦିନ ଯିବା ଆସିବା କରୁଥିବା ଲକ୍ଷ୍ମୀବସ ଆଗକୁ ଯାଇ ନପାରି ଭିତରାମଦାରୁ ବହଳଦାକୁ ଫେରିଥିଲା। ତେବେ ପ୍ରବଳ ବର୍ଷା ପ୍ରଭାବରେ ମାଟିକାନ୍ଥ ଓ ଚାଳଛପର ଘର ଗୁଡିକରେ ପାଣି ଗଳିବା ଫଳରେ ଲୋକେ ରାତି ଅନିଦ୍ରା ହୋଇଥିବା ବେଳେ ଅଧିକାଂଶ ଘର କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଘର ଭାଙ୍ଗିଥିବା ଖବର ହସ୍ତଗତ ହୋଇଛି।

### ବିପଦ ସଂକେତରୁ ୧ ଫୁଟ ତଳେ ପାଣି

## ଖୋଲାଗଲା ଦେଓ ନଦୀବନ୍ଧର ୩ ଗେଟ୍



**କରଞ୍ଜିଆ, ୨୯।୬(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଦେଓନଦୀର ଉପରମୁଣ୍ଡରେ ହେବାରୁ ଦେଓ ନଦୀବନ୍ଧର ଜଳପତନ ବୃଦ୍ଧି ପାଇ ୪୧୧ଫୁଟରେ ପହଞ୍ଚିଛି। ଦେଓ ଡ୍ୟାମ୍‌ର କ୍ଷମତା ହେଲା ସର୍ବୋଚ୍ଚ ୪୧୨ଫୁଟ। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଏବଂ ଆଗକୁ ଆହୁରି ବର୍ଷା ହେବାର ସମ୍ଭାବନା ଥିବାରୁ ଦେଓ ବନ୍ଧର ଜଳ ହ୍ରାସ କରିବା ପାଇଁ ଆଜି ସ୍ପିଲୱେରୁ ୩ଟି ଗେଟ ଖୋଲାଯାଇଛି। ଦେଓ ଡ୍ୟାମର ଅଧିକ୍ଷଣ ଯନ୍ତ୍ରୀ ସୁରୋଜ କୁମାର ପାତ୍ରଙ୍କ ସହିତ ଏସ୍‌ଡିଓ ବିକ୍ରମ ଟୁଡୁ ଓ ଶଶିକାନ୍ତ ନାୟକ ଦେଓ ଡ୍ୟାମ ପାର୍ଶ୍ୱକୁ ଯାଇ ଅନୁଧ୍ୟାନ କରିଥିଲେ। ୩ଟି ଗେଟ ଖୋଲାଯିବାରେ ପ୍ରତି ସେକେଣ୍ଡରେ ୨୪୦ଘନ ଫୁଟ ପାଣି ବନ୍ଧରୁ ନିଷ୍କାସନ ହେଉଛି। ଦେଓ ଡ୍ୟାମର ଉଭୟ ବାମ ଓ ଦକ୍ଷିଣର ୩ଟି ଗେଟ ଖୋଲାଯାଇଛି।

## ବିଧାୟକଙ୍କ ଜନଶୁଣାଣିରେ ଅଭିଯୋଗ ବୃଥା

# ସାମ୍ବାଦିକ ଭବନ ନିର୍ମାଣ ବନ୍ଦ

**ବାରିପଦା/ବେତନଟୀ, ୨୯।୬(ସମିସ):** ରାଜ୍ୟରେ ସାମ୍ବାଦିକଙ୍କ ଉପରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ଆକ୍ରମଣ ବଢ଼ି ଚାଲିଛି। ତେଣୁ ସହର ଏବଂ ଗ୍ରାମାଞ୍ଚଳ ସାମ୍ବାଦିକ ଏବେ ଅସୁରକ୍ଷିତ। ବିଜେଡି ସରକାର ସମୟରେ ବେତନଟୀ ବ୍ଲକରେ ଏକ ସାମ୍ବାଦିକ ଭବନ ନିର୍ମାଣ ପାଇଁ ୩.୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଭବନର ଛାତ ପଡ଼ିବା ପାଇଁ ସବୁ ବ୍ୟବସ୍ଥା ହୋଇଥିବାବେଳେ ବିଡିଓ ସୁଶାନ୍ତ କୁମାର ସୂତାର କାର୍ଯ୍ୟ ବନ୍ଦ କରିଛନ୍ତି। ଏ ନେଇ ସଂଘ ପକ୍ଷରୁ ବିଡିଓଙ୍କ ସହିତ ଆଲୋଚନା କରାଯାଇ ସ୍ପଷ୍ଟୀକରଣ ଲୋଡା ଯାଇଥିଲା। ଗତ ୨୫ତାରିଖ ବେତନଟୀ ବ୍ଲକ ପରିସରରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଜିଲ୍ଲାପାଳ ବିଡିଓଙ୍କୁ ଘଟଣାର ତ୍ୱରିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସାମ୍ବାଦିକ ସଂଘ ପକ୍ଷରୁ କୁହାଯାଇଛି। ବେତନଟୀ ବିଡିଓ ଏବଂ ସାମ୍ବାଦିକ ସଂଘ ମଧ୍ୟରେ ବଳ କଷାକଷି ଚାଲିଥିବା ଯୋଗୁଁ ସାମ୍ବାଦିକ ଭବନର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଠେଲି ହୋଇଯାଇଛି। ପୂର୍ବ ସରକାର ଅନୁଦାନ ଦେଇଥିବା ବେଳେ ବର୍ତ୍ତମାନର ବିଡିଓ ବିଜେପି ବିଧାୟକଙ୍କ ଇଙ୍ଗିତରେ କାମ ବନ୍ଦ କରିଥିବା ସଂଘ ପକ୍ଷରୁ କୁହାଯାଇଛି।

### ସାନ୍ତାଳ ବିଦ୍ରୋହ ସ୍ମୃତି

## ଜୁନ ୩୦କୁ ସରକାରୀ ଛୁଟି ଘୋଷଣା ପାଇଁ ମାରିସାର ଦାବି

**ବାରିପଦା, ୨୯।୬(ସମିସ):** ମାରିସା ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁଙ୍କ ଆହ୍ୱାନ କ୍ରମେ ଗାଁ ଗାଁରେ ଚାଲିଛି ସାମାଜିକ ଓ ଧାର୍ମିକ ଲଢ଼େଇ। ଲୋକଙ୍କୁ ଜାଗ୍ରତ, ସଚେତନ ଓ ସଂଗଠିତ କରିବା ପାଇଁ ମୟୂରଭଞ୍ଜର ବିଭିନ୍ନ ଧର୍ମୀୟ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। ୧୮୫୫ ମସିହାର ଜୁନ୍ ୩୦ତାରିଖରେ ମହାନ ଆଦିବାସୀ ନାୟକ ସିଧୁ ମୁର୍ମୁ ଏବଂ କାହ୍ନୁ ମୁର୍ମୁଙ୍କ ନେତୃତ୍ୱରେ ମହାନ ହୁଲ୍ (ସାନ୍ତାଳ ବିଦ୍ରୋହ)ଙ୍କ ସ୍ମୃତିରେ ଜୁନ୍ ୩୦କୁ ରାଜ୍ୟସ୍ତରରେ ଛୁଟି ଘୋଷଣା କରିବା ପାଇଁ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ୧୮୮୫ ମସିହା ଜୁନ୍ ୩୦ ତାରିଖରେ ଦୁଇ ଆଦିବାସୀ ନାୟକ ସିଧୁ ମୁର୍ମୁ ଓ କାହ୍ନୁ ମୁର୍ମୁ ପ୍ରାୟ ୬୦ହଜାର ସାନ୍ତାଳମାନଙ୍କୁ ଏକାଠି କରି ଭାରତରେ ଶକ୍ତିଶାଳୀ ବ୍ରିଟିଶ ପ୍ରଶାସନ ବିରୁଦ୍ଧରେ ଅସ୍ତ୍ର ଉଠାଇଥିଲେ। ଯେଉଁଥିରେ ହଜାର ହଜାର ସାନ୍ତାଳ ଲୋକ ସିଧୁ ଏବଂ କାହ୍ନୁଙ୍କ ସମେତ ନିଜ ଜୀବନ ବଳିଦାନ ଦେଇଥିଲେ। ଯଦିଓ, କିଛି ଅଜ୍ଞାତ କାରଣ ଯୋଗୁଁ ଭାରତୀୟ ଇତିହାସ ଏହି ମହାନ ସାନ୍ତାଳ ହୁଲ୍ କିମ୍ବା ସାନ୍ତାଳ ବିଦ୍ରୋହ ବିଷୟରେ ନୀରବ, କିନ୍ତୁ ମହାନ ରାଜନୈତିକ ଦାର୍ଶନିକ କାର୍ଲ ମାର୍କ୍ସ ତାଙ୍କ କୃତି ‘ଦାସ କ୍ୟାପିଟାଲ’ରେ ଏହି ସତ୍ୟକୁ ଭାରତୀୟ ଇତିହାସ ପ୍ରତି ସମର୍ପିତ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ପଶ୍ଚିମବଙ୍ଗ ସରକାର ଏବଂ ଆସାମ ସରକାର ସେମାନଙ୍କ ନିଜ ନିଜ ରାଜ୍ୟରେ ଜୁନ୍ ୩୦ ତାରିଖକୁ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି। ଓଡ଼ିଶାରେ ଏକ ବଡ଼ ଆଦିବାସୀ ଜନସଂଖ୍ୟା ରହିଛି ଏବଂ ଜୁନ୍ ୩୦ତାରିଖକୁ ମହାନ ସାନ୍ତାଳ ହୁଲ୍ ବା ହୁଲ୍ ମାହାଁ ସ୍ମୃତିରେ ପାଳନ କରୁଛନ୍ତି। ତେଣୁ ରାଜ୍ୟ ସରକାର ଜୁନ୍ ୩୦ତାରିଖକୁ ସରକାରୀ ଛୁଟି ହିସାବରେ ଘୋଷଣା କରିବାକୁ ମାରିସା ରାଜ୍ୟ ସଭାପତି ଶ୍ରୀ ମୁର୍ମୁ ଦାବି ଉପସ୍ଥାପନ କରିଛନ୍ତି।

## ପାଲବଣିରେ ମା’ ତାରିଣୀ ପୀଠ ପ୍ରତିଷ୍ଠା

**ବାରିପଦା, ୨୯।୬(ସମିସ):** ସ୍ଥାନୀୟ ପାଲବଣିଠାରେ ପ୍ରସିଦ୍ଧ ମା’ ତାରିଣୀଙ୍କ ପୀଠ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ ବୋଷଙ୍କ ସହାୟତାରେ ଏବଂ ଉପସ୍ଥିତ ଭକ୍ତମାନଙ୍କ ସହଯୋଗରେ ମା’ଙ୍କ ପୂଜାର୍ଚ୍ଚନା ସମାପନ ହୋଇଯାଇଛି। ଏଥିରେ ସୁବାଷିଶ ବୋଷ ଓ ତାଙ୍କ ସହଧର୍ମିଣୀ ମୌସୁମୀ ବୋଷ, ନନ୍ଦ କୁମାର ମହାପାତ୍ର, କାହ୍ନୁଚରଣ ବେହେରା, ଜଗବନ୍ଧୁ ମିଶ୍ର, ମହେଶ୍ୱର ବେହେରା, ସତ୍ୟଜିତ ପାଇନ୍, ମଦନମୋହନ ମାରାଣ୍ଡି, ସଂଯୁକ୍ତା ଦତ୍ତ, ସଂଯୁକ୍ତା ବେହେରା, ଆରତୀ ପାତ୍ର ପ୍ରମୁଖ ଶତାଧିକ ଭକ୍ତ ଉପସ୍ଥିତ ରହି ମା’ତାରିଣୀଙ୍କ ମହିମା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ।



### କରଞ୍ଜିଆ ହୋ’ ସମାଜ ସଂସ୍କୃତି ଭବନ

## ଉପକୃତ ହେଉଛନ୍ତି ୧୫ ଲକ୍ଷ ହୋ’ ଜନଜାତି

**କରଞ୍ଜିଆ, ୨୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନ୍‌ସିର ୧୫ନଂ. ୱାର୍ଡ ବଣସାହିଠାରେ ନିର୍ମାଣ ହୋଇଛି ହୋ’ ସମାଜ ସଂସ୍କୃତି ଭବନ। ଗତ ୨୦୨୩ରେ ବିଜେଡି ସରକାର ସମୟରେ ୨୫ କୋଟି ବ୍ୟୟରେ ଏହି ଭବନ ନିର୍ମାଣ କରାଯାଇଥିଲା। ହୋ ସମାଜର ଲୋକେ ମାଗେ ପରବ, ବାହା ପରବ, ଜମନାମା ପରବ ଆଦି ପାଳନ କରିଥାନ୍ତି ଭବନରେ। ଲୋକେ ଏହାକୁ ନବୀନ ସରକାରଙ୍କ ‘ବିକାଶ କେନ୍ଦ୍ର’ ବୋଲି ମଧ୍ୟ ଚଳିତ ବର୍ଷ ମେ ୧୮ ତାରିଖରେ ହୋ ସମାଜର ଜାତିଭିତ୍ତିକ ଜନ ଗଣନା ସମ୍ବନ୍ଧିତ ବିଶାଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଭବନ ସଂଲଗ୍ନରେ ବୃହତ୍ ଚଉଡାର ୩ ରୁମ ବିଶିଷ୍ଟ ଗୃହ ମଧ୍ୟ ନିର୍ମାଣ କରାଯାଇଛି। ବିଜେପି ଦେଶରେ ସରକାର ଗଠନ କରିବାର ୧୧ ବର୍ଷ ଚାଲିଥିଲେ ହେଁ ନିର୍ଦ୍ଦିଷ୍ଟ ଭାବେ ହୋ ସମ୍ପ୍ରଦାୟ ନିମନ୍ତେ କୌଣସି ସାମୂହିକ କି ଗୋଷ୍ଠୀଗତ ଯୋଜନା କରିନାହାନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ୯ଟି ନିର୍ବାଚନ ମଣ୍ଡଳୀରୁ ତିନିଜଣ ବିଧାୟକ ହୋ’ ସମ୍ପ୍ରଦାୟର ନିର୍ବାଚିତ ହୋଇଛନ୍ତି। ଏପରିକି ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପଦ ମଧ୍ୟ ମିଳିଛି; କିନ୍ତୁ ମନ୍ତ୍ରୀ ହୋ ସମ୍ପ୍ରଦାୟର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ହେଉଥିବା ଭଳି କୌଣସି ପାଣ୍ଠି ଏବଂ ସରକାରୀ ଯୋଜନା କାର୍ଯ୍ୟକାରୀ କରିନାହାନ୍ତି। ସେହିପରି କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଏବଂ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ (ବାରଦା) ମଧ୍ୟ ହୋ ଜାତିର। ବିଜେପି ଓଡ଼ିଶାରେ ସରକାର ଗଠନ କରିବାର ୧ ବର୍ଷ ପୂର୍ତ୍ତି ପାଳନ କରୁଥିଲେ ହେଁ ନିର୍ଦ୍ଦିଷ୍ଟ ଭାବେ ହୋ ସମାଜର ସାମାଜିକ ଓ ସାଂସ୍କୃତିକ ଉନ୍ନତି ନିମନ୍ତେ ଗୋଟିଏ ହେଲେ ପ୍ରକଳ୍ପ ଅନୁମୋଦନ କରିନାହାନ୍ତି। ବିଜେଡି ସରକାରଙ୍କ ସୁଶାସନକୁ ହୋ’ ସମ୍ପ୍ରଦାୟର ଲୋକେ ଏବେ ମନେ ପକାଉଛନ୍ତି। ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନରେ ହୋ ସମାଜର ଭୋଟ ବ୍ୟାଙ୍କ ପୁଣି ଥରେ ବିଜୁ ଜନତା ଦଳ ଖାତାକୁ ଯିବ ବୋଲି ରାଜନୀତି ବିଶେଷଜ୍ଞ ଏବେଠାରୁ ଆକଳନ କଲେଣି।




## ବସ୍ ଧକ୍କାରେ ଅବସରପ୍ରାପ୍ତ ଅମଲାଙ୍କ ମୃତ୍ୟୁ

**ଉଦଳା, ୨୯।୬(ସମିସ):** ଅବସରପ୍ରାପ୍ତ କର୍ମଚାରୀ ତଥା ଉଦଳାର ଜଣାଶୁଣା ବ୍ୟକ୍ତି ଦିଲ୍ଲୀପ ଦାସ ଓରଫ ନିନି ବାବୁଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବାରିପଦା ସତ୍ୟସାଇ ଛକ ନିକଟରେ ଏକ ବସ୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ବରିଷ୍ଠ ଅମଲା ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ଜିଲ୍ଲାସ୍ତରରେ ଅମଲା ସଙ୍ଘର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସଫଳତାର ସହ ଅମଲାଙ୍କ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି। ୧୧ନଂ ୱାର୍ଡରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗ ଖବର ଶୁଣି ବିଧାୟକଙ୍କ ସମେତ ପୂର୍ବତନ ବିଧାୟକ, ନଗରପାଳ, ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ମନ୍ଦିର ପାଖରୁ ୨ ବାଇକ୍ ଚୋରି

ବୈଶିଙ୍ଗା, ୨୯।୬(ସମିସ): ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମ ସ୍ଥିତ ତାରିଣୀ ମନ୍ଦିର ପାଖରୁ ବିଳମ୍ବିତ ରାତ୍ରିରେ ଦୁଇଟି ବାଇକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, କେନ୍ଦୁଆ ସତ୍ୟସୁନ୍ଦର ନାଏକଙ୍କ ଓଡି ୧୧ ଏଫ ୬୪୮୩ ନମ୍ବର ବିଶିଷ୍ଟ କଳାରଙ୍ଗର ବାଇକ୍ ଏବଂ ସୁବ୍ରତ କୁମାର ନାଏକଙ୍କ ନାମରେ ପଞ୍ଜିକୃତ ଥିବା ଓଡି ୧୧ କେ ୫୩୫୮ ବାଇକ୍ ୨ଟିକୁ ଘରେ ରଖିଥିଲେ। ସକାଳ ହେବାରୁ ସତ୍ୟସୁନ୍ଦର ଦୁଇଟି ଗାଡି ନଥିବା ସହିତ ଗ୍ୟାସ ସିଲିଣ୍ଡର ଓ ଚୁଲା ନଥିବା ଦେଖିବାକୁ ପାଇଥିଲେ। ଏନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୈଶିଙ୍ଗା ପୁଲିସର ଢିଲା ପାଟ୍ରୋଲିଂ ଯୋଗୁଁ ବାଇକ୍ ଚୋର ସକ୍ରିୟ ଥିବା ଚର୍ଚ୍ଚା ହେଉଛି।

### ଖଡ଼ିଆ ଜନଜାତିଙ୍କ ନିଆରା ପରମ୍ପରା

## ରଜ ଦୋଳିଗୀତରେ ପରାଜିତ ଯୁବକଯୁବତୀଙ୍କ ରଥଯାତ୍ରାରେ ବିବାହ

ବାରିପଦା, ୨୯।୬(ସମିସ)

ରଥଯାତ୍ରାକୁ ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଚଳଚଞ୍ଚଳ ରହିଥିବା ବେଳେ ଖଡ଼ିଆ ଜନଜାତିଙ୍କ ନିଆରା ପରମ୍ପରାର ବାହାଘର ଅନୁଷ୍ଠିତ ହୋଇଯାଇଛି। ରଜପର୍ବ ବେଳେ ଦୋଳିଗୀତରେ ପରାଜିତ ଯୁବକଯୁବତୀଙ୍କ ରଥଯାତ୍ରାରେ ବିବାହ ହୋଇଛି। ପାଲବଣିରେ ଖଡ଼ିଆ ଜନଜାତିର ପାରମ୍ପରିକ ବାଦ୍ୟଗୀତ ମହୋତ୍ସବ ଆୟୋଜନ ହୋଇ ବିବାହ ଧୁମଧାମରେ ହୋଇଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟର ନିଆରା ପରମ୍ପରା ରହିଛି। ସେଥିମଧ୍ୟରେ ଜିଲ୍ଲାର ଆଦିମ ଖଡ଼ିଆ ଜନଜାତିର ରଜପର୍ବରେ ଅନନ୍ୟ ପରମ୍ପରା ଆବାହମାନ କାଳରୁ ଜାରିରହିଛି। ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକଯୁବତୀ ସାରା ବର୍ଷ ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି। କାରଣ ଖଡ଼ିଆ ସମ୍ପ୍ରଦାୟରେ ପରମ୍ପରା ମୁତାବକ ଅବିବାହିତ ଯୁବକ ଯୁବତୀ ରଜ ଦୋଳି ବାଦୀଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯେଉଁ ପୁଅ ପ୍ରତିଯୋଗିତାରେ ଝିଅକୁ ହରାଏ ଅବା ଯେଉଁ ଝିଅ ପୁଅକୁ ହରାଏ ଉଭୟଙ୍କ ବିବାହ ସ୍ଥିର ହୋଇଥାଏ। ବିବାହ ପାରମ୍ପାରିକ ରୀତିରେ ତଥା ରଥଯାତ୍ରା ସମୟରେ ସମ୍ପନ୍ନ ହୋଇଥାଏ। ଜିଲ୍ଲାର ଆଦିବାସୀ ସଂସ୍କୃତି ଓ ପର୍ବ ସମ୍ପୂର୍ଣ୍ଣ ନିଆରା। ରଜ ଅବସରରେ ବାରିପଦା, ବଡ଼ସାହି, ବେତନଟୀ, ମୋରଡ଼ା, ରାସଗୋବିନ୍ଦପୁର, କପ୍ତିପଦା ଓ ଯଶିପୁର ଆଦି ବ୍ଲକର ଆଦିବାସୀ ଖଡିଆ ସମ୍ପ୍ରଦାୟର ଅବାଳବୃଦ୍ଧବନିତା ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ ହୋଇ ରଜପର୍ବ ପାଳନ କରିଥାନ୍ତି। ଦୋଳିପଡ଼ିଆରେ ସମସ୍ତେ ଏକାଠି ହୋଇ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଭାଗ ନିଅନ୍ତି। ହାରିଯିବାର ଭୟ ଆଉ ଜିତିବାର ଖୁସିରେ ଯୁବକମାନେ ଉତ୍ସାହିତ ଥିବାବେଳେ ଯୁବତୀମାନେ ମଧ୍ୟ ନିଜ ପସନ୍ଦ ଥିବା ଯୁବକଙ୍କୁ ହରାଇବା ପାଇଁ ଲାଗିଥାନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ଆଖପାଖ ଗ୍ରାମର ଲୋକେ ଏକାଠି ହୋଇଥାନ୍ତି। ନିଜ ଗାଁର ଯୁବତୀମାନେ ପ୍ରତିଯୋଗିତାରେ ଭାଗ ନେଉଥିବା ବେଳେ ଅନ୍ୟ ଗାଁରୁ ଯୁବକ ମାନେ ପ୍ରତିଯୋଗିତାକୁ ଭାଗନେବାକୁ ଆସିଥାନ୍ତି। ପ୍ରତିଯୋଗିତା ମାଧ୍ୟମରେ ବିବାହ ସ୍ଥିର ହେବାପରେ ରଥଯାତ୍ରାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଖଡ଼ିଆ ସମ୍ପ୍ରଦାୟର ଲୋକେ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ବଡ଼ାମ ନାମରେ ପୂଜା କରିଥାନ୍ତି। ତେଣୁ ତାଙ୍କୁ ହିଁ ସାକ୍ଷୀ ରଖି ଜୀବନ ସାଥି ବାଛିଥାନ୍ତି। ପରମ୍ପରା ଓ ପ୍ରଥାକୁ ଦେଖିବା ପାଇଁ ବାହାର ଅଞ୍ଚଳରୁ ମଧ୍ୟ ଲୋକେ ଆସିଥାନ୍ତି। ତେବେ ଆଧୁନିକ ଯୁଗରେ ମଧ୍ୟ ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟର ଲୋକେ ଏଭଳି ପ୍ରଥା ଓ ପରମ୍ପରାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି ତାହା ସବୁଠାରୁ ବଡ଼ କଥା ବୋଲି ଆଦିବାସୀ ସଂସ୍କୃତି ଗବେଷକ କହିଛନ୍ତି।



# ଦ୍ୱିତୀୟ ଶ୍ରୀକ୍ଷେତ୍ର ମାଉସୀ ମା'ମନ୍ଦିରରେ ତିନିରଥ

ବଡ଼ଦାଣ୍ଡ ଜନସମୁଦ୍ର







**ବାରିପଦା, ୨୯ ।୬(ସମିସ)**

ପରମ୍ପରା ଅନୁଯାୟୀ ଶ୍ରୀହରିବଳଦେବଜୀଉ ବିଜେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରବିବାର ଦର୍ପଦଳନ ଓ ନନ୍ଦିଘୋଷ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁଣ୍ଡିଚା ଯାତ୍ରା ଶେଷ ହୋଇଛି। ନିୟମାନୁସାରେ ପ୍ରଥମ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ମାଉସୀମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ଅଧାବାଟରେ ଅଟକିଥିବା ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଟାଣି ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚାଇଥିଲେ। ରବିବାର ସୁଭଦ୍ରା ରଥ ଟଣା ସମୟରେ ଦୂରଦୂରାନ୍ତରୁ ଆସିଥିବା ମହିଳା ପ୍ରବଳ ଉତ୍ସାହରେ ରଥଟାଣିଥିଲେ ଏବଂ ୩ଟା ୩୫ ମିନିଟରେ ରଥ ମାଉସୀମା ମନ୍ଦିର ପହଞ୍ଚିଥିଲା। ପରେ ଗୁଣ୍ଡିଚାଯାତ୍ରା ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଜଗନ୍ନାଥଙ୍କର। ଝିପିଝିପି ବର୍ଷାରେ ଭକ୍ତମାନେ ଘଣ୍ଟା, ହୁଳହୁଳି ଓ ସଂକୀର୍ତ୍ତନ ଧ୍ୱନୀରେ ଲକ୍ଷାଧିକ ଭକ୍ତ ରଥ ଦଉଡ଼ିକୁ ଆନନ୍ଦର ସହ ଟାଣି ମାଉସୀ ମା'ଙ୍କ ମନ୍ଦିର ନିକଟରେ ସନ୍ଧ୍ୟାରେ ପହଞ୍ଚାଇଥିଲେ। ପ୍ରଥମ ଦିନଠାରୁ ଆଜି ଭକ୍ତଙ୍କ ସମାଗମ ଯଥେଷ୍ଟ ଅଧିକ ରହିଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର। ଭିଡ଼ ନିୟନ୍ତ୍ରଣ ଅଣାୟତ୍ତ ହୋଇଥିଲା। ପରମ୍ପରାନୁଯାୟୀ, ମାଉସୀ ମା' ମନ୍ଦିରରେ ରଥ ପହଞ୍ଚିବା ପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଉପରୁ ଶ୍ରଦ୍ଧା(ଗୁଡ଼) ଲଡୁ ଫିଙ୍ଗାଯିବା ସମୟରେ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ବଡ଼ଦାଣ୍ଡରେ ଭଜନ, କୀର୍ତ୍ତନ, ସାଙ୍ଗକୁ ପାନୀୟଜଳ ବିତରଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ପାଣି ଟ୍ୟାଙ୍କ, ଦମକଳ, ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଥିଲା। ସଂସ୍କୃତି ବିଭାଗ ଓ ସୂଚନା ଓ ଜନସମ୍ପର୍କ ବିଭାଗ ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଧାରାବିବରଣୀ ପ୍ରଦାନରେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡା ଧାରାବିବରଣୀ ଦେଇଥିଲେ। ଜିଲ୍ଲାପାଳ ଓ ଏସପିଙ୍କ ତତ୍ତ୍ୱାବଧାନରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲାପ୍ରଶାସନର ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିଥିଲେ। ବଡ଼ଦାଣ୍ଡରେ ସାଧା ପୋଷାକଧାରୀ ପୁଲିସ, ସିସି କେମେରା ଓ ୱାଚ୍‌ଟାୱାର ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ନବଚରଣ ମାଝୀ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ସମସ୍ତ କାଉନସିଲରଙ୍କ ସହ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଓ ଆନନ୍ଦଉଲ୍ଲାସରେ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ତିନି ଦିଅଁ ନିଜନିଜ ରଥରେ ପୂଜା ପାଉଥିବା ବେଳେ ଭକ୍ତଙ୍କ ଗହଳି ଲାଗିଛି। ରାତିରେ ଗୋଟି ପହଣ୍ଡି କରାଯାଇ ତିନି ଠାକୁରଙ୍କୁ ମାଉସୀ ମା' ମନ୍ଦିରକୁ ନିଆଯିବ।

## ମାଉସୀ ମା' ମନ୍ଦିରକୁ ସାଙ୍ଗରେ ଆସିଛନ୍ତି ୧୨୦ ସେବାୟତ

**ବାରିପଦା:** ଶ୍ରୀଜଗନ୍ନାଥ ମାଉସୀ ମା' ମନ୍ଦିରକୁ ବଡ଼ଭାଇ ଓ ସୁନାନାକି ଭଉଣୀଙ୍କୁ ସାଙ୍ଗରେ ଆଣିଥିବା ବେଳେ ସମସ୍ତ ସରଞ୍ଜାମ ଓ ସେବାୟତଙ୍କୁ ଧରି ଆସିଛନ୍ତି। ଯେପରି ରୋଷେଇ ସାମଗ୍ରୀ, ଖଟ, ମସିଣା, ବାସନକୁସନ, ଛତ୍ରଚାମର, କାହଳୀ ଓ ରଣସିଂହ ସହିତ ରାଜକୀୟ ପରିପାଟୀରେ ନିଜର ୪ଜଣ ପୂଜାରୀ, ୬ରୁ ୭ଜଣ ଟହଲିଆ ଓ ସୁପକାରଙ୍କ ସମେତ ଦୈନିକ ୧୨୦ ସେବା ସମ୍ପନ୍ନ କରୁଥିବା ସେବାୟତ ମଧ୍ୟ ପହଞ୍ଚିଛନ୍ତି। ସୋମବାର ଠାରୁ ୫ଦିନ ବିଭିନ୍ନ ଦିବସରେ ପ୍ରଭୁଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ।



## ଅମାନିଆଙ୍କୁ ଦମକଳ ପାଣି

**ବାରିପଦା:** ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଅମାନିଆ ଯୁବଗୋଷ୍ଠୀଙ୍କ ଉତ୍ପାତ ଅନ୍ୟ ବର୍ଷ ତୁଳନରେ ଅଧିକ ଦେଖିବାକୁ ମିଳିଥିଲା। ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ତାଳେ ତାଳେ ସଭିଏଁ ଭକ୍ତିମୟ ନୃତ୍ୟ ପରିବର୍ତ୍ତେ ସେହି ତାଳରେ ଆଧୁନିକ ନୃତ୍ୟରେ ମସଗୁଲ ରହିଥିଲେ। ପ୍ରଥମ ଦିନ ଦମକଳ ନିକଟରେ ପହଞ୍ଚି ଚିତ୍କାର କରି ପାଣି ସ୍ପ୍ରେରେ ଭିଜିଥିଲେ। କେତେକ ସାର୍ଟ ଓ ବେନିୟନ ଖୋଲି ଉଦଣ୍ଡ ନୃତ୍ୟ ସହିତ ଭୂଇଁରେ ଗଡୁଥିଲେ। ଦ୍ୱିତୀୟ ଦିନ ଅନୁରୂପ ଉତ୍ପାତ କମି ନଥିଲା।

## ପୌରପରିଷଦ ସଫେଇ କର୍ମଚାରୀଙ୍କ ପ୍ରଶଂସନୀୟ କାର୍ଯ୍ୟ

**ବାରିପଦା:** ରଥଟଣା ସମୟରେ ପଛେପଛେ ବାରିପଦା ପୌରପରିଷଦ ପକ୍ଷରୁ ନିଯୁକ୍ତ ସଫେଇ କର୍ମଚାରୀଙ୍କ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ରଥ ଯିବା ପଛରେ ସଙ୍ଗେ ସଙ୍ଗେ ବଡ଼ଦାଣ୍ଡରୁ ଟିକିନିଖିଅଳିଆ ସବୁ ସଂଗ୍ରହ ପୂର୍ବକ ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ିରେ ପକାଇ ଚାଲିଥିଲେ।



## କୁନି କୁନି ଭକ୍ତ ଟାଣିଲେ ସାନ ଜଗନ୍ନାଥଙ୍କ ରଥ

**ବାରିପଦା, ୨୯।୬(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରାର ସତନ୍ତ୍ରତା ରହିଛି। ଆଉ ଏହି ସତନ୍ତ୍ର ପରମ୍ପରା ମଧ୍ୟରେ ବାରିପଦାର ସାନ ଜଗନ୍ନାଥ ବା ବାଣ୍ଟିଆ ଜଗନ୍ନାଥ ମନ୍ଦିର ରଥଯାତ୍ରା ଅନନ୍ୟ ପରମ୍ପରା ରହିଛି। କୁନିକୁନି ଭକ୍ତମାନଙ୍କ ଗହଣରେ ମହାପ୍ରଭୁ ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ସେହି ପରମ୍ପରାକୁ ଚଳିତ ବର୍ଷ ମଧ୍ୟ ଉଦଜୀବିତ ରଖି କୁନି କୁନି ପିଲାମାନଙ୍କ ଦ୍ୱାରା ବାରିପଦା ବାଣ୍ଟିଆ ଜଗନ୍ନାଥଙ୍କ ରଥ ଟଣା ଅନୁଷ୍ଠିତ ହୋଇଛି। ଚତୁର୍ଧାମୂର୍ତ୍ତି ରଥରୂଢ଼ ହେବା ପରେ ନୀତିକ୍ରାନ୍ତି ସମ୍ପର୍ଣ୍ଣ ହୋଇଥିଲା। ଏହାପରେ ରବିବାର ପୂର୍ବାହ୍ନରେ ସାନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଦେବତ୍ତୋର ବିଭାଗ ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ କୁନି କୁନି ପିଲା ସହ ଭକ୍ତ ମାନେ ରଥ ଟାଣି ନେଇଥିଲେ। ଅନେକ ପରମ୍ପରା ସହିତ ଜଡ଼ିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଏହା ଆଉ ଏକ ଅନନ୍ୟ ପରମ୍ପରା ଅଟେ। ସାନ ଜଗନ୍ନାଥ ବା ବଣ୍ଟିଆ ଜଗନ୍ନାଥଙ୍କ ରଥଟଣାରେ କୁନି କୁନି ଛୁଆମାନଙ୍କୁ ରଥ ଟାଣିବାର ସୁଯୋଗ ଦିଆଯାଇଥିଲା। ରଥକୁ ଟାଣି ନେଇ ମାଉସୀ ମା' ମନ୍ଦିରରେ ପହଞ୍ଚାଇବା ପରେ ଜନ୍ମବେଦୀକୁ ଚତୁର୍ଦ୍ଧାମୂର୍ତ୍ତି ଯାଇଥିଲେ। ତାପରେ ସ୍ୱତନ୍ତ୍ର ନୀତିକ୍ରାନ୍ତି ସମେତ ଶ୍ରଦ୍ଧାଳୁଙ୍କୁ ଜିଲ୍ଲାର ସ୍ୱତନ୍ତ୍ର ଗୁଡ଼ଲଡୁ ଦିଆଯାଇଥିଲା। ରଥଉପରୁ ଲଡୁ ଫିଙ୍ଗା ଯାଇଥିବା ବେଳେ ତାହାକୁ ଧରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଭିଡ଼କୁ ଦୃଷ୍ଟି ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



## ବିରାଟ ଲୀଳାକ୍ଷେତ୍ରରେ ଘୋଷଯାତ୍ରା

**ପିଙ୍ଗୁ, ୨୯।୬(ସମିସ):** ବିରାଟ ଲୀଳାକ୍ଷେତ୍ର ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଳିତ ହୋଇଯାଇଛି। ସକାଳ ୯ଟା ୩୦ ମିନିଟରେ ମନ୍ଦିରର ପୂଜକଙ୍କ ଦ୍ୱାରା ସମସ୍ତ ଦେବକର୍ମ ଯଥା ରୀତିନୀତିରେ ସମ୍ପାଦିତ ହୋଇଥିଲା। ପରେ ରଥପୂଜନ ଓ ହୋମକର୍ମ ଶେଷହେବା ପରେ ବିଧିମୁତାବକ ତିନିରଥ ମାର୍ଜନ କରାଯାଇଥିଲା। ସେବାୟତମାନେ ସ୍ୱତନ୍ତ୍ର ବିମାନ ଯୋଗେ ସଂକୀର୍ତନମଣ୍ଡଳୀଙ୍କ ପଟୁଆରରେ ଯାଇ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରଥମ ସେବକ ଭାବରେ ଏ ଅଞ୍ଚଳର ପ୍ରାଧ୍ୟାପକ ନକୁଳ ଜେନାଙ୍କୁ ପାଛୋଟି ଆଣିଥିଲେ। ପ୍ରଥମେ ଚତୁର୍ଦ୍ଧାମୂର୍ତିଙ୍କୁ ପୁଷ୍ପାଳି ଦେବା ପରେ ପୂଜକ ସୁନାଖଡ଼ିକା ସଂସ୍କାର କରି ତାଙ୍କୁ ପ୍ରଦାନ କରିଥିଲେ। ପରେ ଉତ୍କଳୀୟ ସଂସ୍କୃତି ଓ ପରଂପରା ଆଧାରରେ ଶ୍ରୀ ଜେନା ତିନିରଥରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅପରାହ୍ଣ ୫ଟା ବେଳେ ପ୍ରଥମେ ମହାପ୍ରଭୁ ବଳଭଦ୍ରଙ୍କ ରଥ ତାଳଧ୍ୱଜକୁ ଭକ୍ତମାନେ ଶ୍ରଦ୍ଧାର ସହିତ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ। ପରେ ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବଦଳନ ଓ ନନ୍ଦିଘୋଷ ରଥକୁ କ୍ରମାନ୍ୱୟରେ ଆନନ୍ଦତାର ସହିତ ଟାଣିଥିଲେ। 'ରଥେ ତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ' ନୀତିରେ ପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରିବା, ପ୍ରଭୁଙ୍କ ଡ଼ୋରିରେ ବନ୍ଧାହୋଇ ବଡ଼ଦାଣ୍ଡରେ ପଦାର୍ପଣ କରିବା ଓ ରଥର ଦଉଡ଼ିକୁ ଧରି ଟାଣିନେବାର ସୌଭାଗ୍ୟ ଆଜି ମିଳିଛି। ତିନିରଥ ନର୍ସି ସେଣ୍ଟର ଛକ, ମହାନ୍ତିପଡ଼ା ଛକ ଓ ପୁରୁଣା ଜଗନ୍ନାଥ ମନ୍ଦିର ଛକରେ ଅଟକି ରହିଥିଲା। ରବିବାର ଅପରାହ୍ଣ ୪ଟା ବେଳେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶ୍ରୀଗୁଣ୍ଡିଚାପାଖ ଶରଧାବାଲିରେ ପହଞ୍ଚିଥିଲା। ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ଗୀତ ଗୋବିନ୍ଦ ଗାନ କରାଯାଇଥିଲା। ପହଣ୍ଡି କାର୍ଯ୍ୟକ୍ରମ ଓ ରଥ ଟଣା ନୀତିକାନ୍ତି ସମ୍ପର୍କରେ ଭାବବନ୍ଧନ ପତ୍ରିକାର ମୁଖ୍ୟ ସମ୍ପାଦକ ଭୋଳାନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଜଗନ୍ନାଥ ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଦାଶ, ସର୍ବେଶ୍ୱର ରାଉତ, ବୃନ୍ଦାବନ ବେହେରା, ଭଗବାନ ବେହେରା, ସମସ୍ତ ସଭ୍ୟ/ସଭ୍ୟା, ଦିବାକର ନାୟକ, ଚିନ୍ତାମଣି ବେହେରା ଓ ସମସ୍ତ ମହାରଣା ପୂର୍ଣ୍ଣ ସହଯୋଗ କରିଥିଲେ। କପ୍ତିପଦା ଉପଜିଲ୍ଲାପାଳ, ବିଡିଓ ଓ ଥାନା ଅଧିକାରୀ ଦାୟିତ୍ୱ ବହନ କରିଥିଲେ।




## ସାରସକ୍ଷେତ୍ରରେ ଦୁଇଦିନିଆ ରଥଟଣା

**ସାରସକଣା, ୨୯।୬(ସମିସ):** ବର୍ଷାର ଘନଘଟା ସତ୍ତ୍ୱେ ବିପୁଳ ଭକ୍ତ ସମାଗମ ମଧ୍ୟରେ ଜୁନ୍ ୨୭ ଓ ୨୮ ତାରିଖ ପବିତ୍ର ଶ୍ରୀଗୁଣ୍ଡିଚାର ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ରର ପାରମ୍ପରିକ ରଥଟଣା ସମାପନ ହୋଇଯାଇଛି। ପ୍ରଥମ ଦିବସରେ ଜୟଦୁର୍ଗା ଯୁବକସଂଘ, ଛାତ୍ରସଂଘ, ନିକଟସ୍ଥ ଅଞ୍ଚଳର ସଂଖ୍ୟାଧିକ ଶ୍ରଦ୍ଧାଳୁ, ସଞ୍ଜୟ କୁମାର ଭୋଳଙ୍କ ସଂଯୋଜନାରେ ସଂକୀର୍ତ୍ତନ ଦଳର ନାମଗାୟନ ଓ ମା'ମାଉସୀମାନଙ୍କ ଶଙ୍ଖ ହୁଳହୁଳି ମଧ୍ୟଦେଇ ଶ୍ରୀଜୀଉମାନେ ସେବାୟତ ଅବିନାଶ କର, ଅମର ବିକାଶ ଷଡ଼ଙ୍ଗୀ, ଅତନୁ କର, ଅଜିତ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଉପାଧ୍ୟାୟ, ନାରାୟଣ ମହାକୁଡ଼ ଓ ରଥନିର୍ମାଣ ନିମିତ୍ତ ବୃକ୍ଷ ଉତ୍ସର୍ଗକାରୀ ଗାଁ ମୁଖ୍ୟ ସେବକ ଭବାନୀ ନିଏକ ପ୍ରମୁଖଙ୍କ ଗହଣରେ ପହଣ୍ଡି ବିଜେକରି ରଥାରୂଢ଼ ହୋଇଥିଲେ। ପୁରୋହିତ ସର୍ବଶ୍ରୀ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ପଣ୍ଡିତ ଦିବ୍ୟସୁନ୍ଦର କରଙ୍କ ପୂଜାର୍ଚ୍ଚନାରେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ମୁରାରି ଲାଲ ଶର୍ମାଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୀଠ ଆନୁକୂଲ୍ୟରେ ଦୀର୍ଘ ୨୪ବର୍ଷ ହେଲା ପ୍ରକାଶ ପାଇ ଆସୁଥିବା ହରିଗାଥା ସମ୍ବଳିତ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା 'ହେ ଭଗତେ..୨୦୨୫' ସଂଖ୍ୟା ମହାପ୍ରଭୁଙ୍କ ପଦ୍ମପାଦରେ ନିବେଦନ ପୂର୍ବକ ଶ୍ରୀଶର୍ମାଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେଦିନର ରଥଟଣା କ୍ଷେତ୍ର ବଡ଼ଦାଣ୍ଡରେ ଅଧାବାଟରେ ଅଟକି ଦ୍ୱିତୀୟ ଦିବସ ପାଇଁ ରହିଥିଲା। ପରଦିନ ଅଞ୍ଚଳବାସୀ ତଥା ଦୂରଦୂରାନ୍ତରରୁ ଆସିଥିବା କେବଳ ମହିଳା ଭକ୍ତ, ମୁନୀ ନାଏକଙ୍କ ଅଗ୍ରଣୀତ୍ୱରେ ଇଲାକାର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ରଥଟାଣି ମାଉସୀମା' ମନ୍ଦିର ସମ୍ମୁଖରେ ଆଣି ପହଞ୍ଚାଇଥିଲେ। ଦିଅଁଗଣ ଭକ୍ତ ଓ ସେବାୟତଙ୍କ ଗହଣରେ ରଥରୁ ଓହ୍ଲାଇ ମାଉସୀ ମା' ମନ୍ଦିରକୁ ବିଜେ କରିଥିଲେ। ରଥରେ ଧାରାବିବରଣୀ ପ୍ରଦାନ କରିଥିଲେ ଅଧ୍ୟାପକ ସମରେନ୍ଦ୍ର କୁମାର ବଣା। କର୍ମକର୍ତ୍ତା ପ୍ରତିନିଧି ଭାବେ ରଥଟଣାର ନିୟନ୍ତ୍ରଣ ତଦାରଖ କରିଥିଲେ ହିମାଂଶୁ ଶେଖର ଶେଖର ସାହୁ ଓ ତପନ କୁମାର ସାହୁ(ତପ)। ରଥର ଗତି ଓ ମରାମତି କାର୍ଯ୍ୟରେ ନିଯୁକ୍ତ ଥିଲେ ମହାରଣା ସର୍ବଶ୍ରୀ ଗୋଲକ ଦଣ୍ଡପାଟ, ସୁରୁ ସିଂ, ମୋହନ ବେହେରା ଓ ବସନ୍ତ କୁମାର ବେହେରା। ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ମାନସ କୁମାର ପତି ଏବଂ ଅଧ୍ୟାପିକା ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୀମାନ୍ତ ମହାବିଦ୍ୟାଳୟ, ଶରତପାଳ କଲେଜର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶୀକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ, ସାରସକଣା ବ୍ଲକ ମଟର ଚାଳକ ମହାସଂଘର ସଦସ୍ୟ ତଥା ସ୍ଥାନୀୟ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ, ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ତଥା ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରବୃନ୍ଦ ଏବଂ ସର୍ବୋପରି ଝାରପୋଖରିଆ ପୁଲିସ ବାହିନୀ ରଥଟଣାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଚଳିତବର୍ଷ ଅନ୍ୟତମ ଆକର୍ଷଣ ଥିଲା ବହୁଭକ୍ତଙ୍କ କପାଳରେ ଶୋଭା ପାଉଥିବା 'ଜୟ ଜଗନ୍ନାଥ' ଲିଖିତ ମଥାପଟି ଓ ପିଠିପଟେ ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର, ସମ୍ମୁଖ ଭାଗରେ ଶ୍ରୀଜଗନ୍ନାଥଙ୍କ ଲଗୋ ମୁଦ୍ରିତ, ବେନିୟନ୍ ପରିଧାନ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଥିଲେ ସମ୍ପାଦକ ଜଗନ୍ନାଥ ସାହୁ।



ସକାଳ THE SAKALA

# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।
-ମାରଶାଲ୍ ମାକଲୁହାନ୍

## କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ। ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି। ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ତେବେ ଦେଶର ଏକଶହ ବିତ୍ତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତ୍ତି ଠୁଳ ହୋଇ ରହିଛି। ତେଲିଆ ମୁଣ୍ଡରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢ଼ୁଛି। ସେମାନେ ଜାତୀୟ ସମ୍ବଳକୁ ନିଜ କରାୟତ୍ତରେ ରଖିବାକୁ ସମର୍ଥ ହୋଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି। ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି। ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିସିଜିର ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ। ଏହା ବିଶ୍ୱହାରଠାରୁ ୨୧ ପ୍ରତିଶତ ଅଧିକ। ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ। ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି। ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା।

କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ବିତ୍ତଶାଳୀ କରିଛି। ଦ୍ରୁତ ଅର୍ଥନୀତିର ସେମାନେ ହିଁ ହୋଇଛନ୍ତି ବାହକ। ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଉଲ୍ଲଘଂନ କରି ନିର୍ବାଧରେ ସେମାନେ ଶୋଷଣ ଜାରି ରଖିଛନ୍ତି। ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି। ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉପୁଜୁଥିବା ନାନା ସମସ୍ୟାର କାରଣ ପାଲଟିଛି। ଅଭାବରୁ ଅପରାଧ ପ୍ରବଣତା ବଢ଼ୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି। ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି। ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ। ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି।

ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି। ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମୁଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି। ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ। ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ। ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ। କିନ୍ତୁ ଜୀବନଧାରଣ ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ। ଫଳରେ ଏକଚାଟିଆ କାରବାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ। ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ।

ଦେଶର ବିତ୍ତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି। ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି। ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ। ସେ ୫୩.୫ ବିଲିୟନ ଡଲାର ସମ୍ପତ୍ତିର ମାଲିକ। ଅର୍ଥ ବା ସମ୍ପତ୍ତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚୟ ରହିବ। ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି। ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଥିବାର ପରିଲକ୍ଷିତ ହୋଇଛି। ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଞ୍ଚିଛି। ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୬ ହଜାରରେ ପହଞ୍ଚିଛି। ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ।

ଦେଶର ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଞ୍ଚାଇଛି। ଅଭିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ। ଅବଶ୍ୟ ଗତ ତ୍ରୈମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା। ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି। ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି। ତେଣୁ ସରକାର ବିପୁଳ ବ୍ୟାଙ୍କଋଣ ଛାଡ଼ କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି। କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗ ହିଁ ଅଧିକ ଟିକସ ଦେଇଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି। ●

## ବିଶ୍ୱାସର ବୈଜ୍ଞାନିକ ବିଶ୍ଳେଷଣ

ସୁଧାଂଶୁ ଶେଖର ଧଡ଼ା

ଆମ ସମାଜରେ ଧର୍ମ ବିଶ୍ୱାସ ସହିତ ତନ୍ତ୍ରମନ୍ତ୍ର ଆଦିର ଉପସ୍ଥିତି ଓ ପ୍ରଭାବ ବହୁକାଳରୁ ରହିଆସିଛି। ଏଥିସହିତ ଯୋଡ଼ି ହୋଇରହିଥିବା ଅଲୌକିକତା ଯୋଗୁଁ ତନ୍ତ୍ରମନ୍ତ୍ରର ଉପରେ ଜନବିଶ୍ୱାସ ଦୃଢ଼ ହୋଇ ଆସିଛି। ଅପରପକ୍ଷରେ ବିଜ୍ଞାନର ଆହ୍ୱାନରେ ତନ୍ତ୍ରମନ୍ତ୍ରର କରାମତି ବଳହୀନ ସାବ୍ୟସ୍ତ ହୋଇଛି। ତଥାପି ଅନ୍ଧବିଶ୍ୱାସକୁ ପାଥେୟ କରି ତନ୍ତ୍ର ଓ ତାନ୍ତ୍ରିକମାନେ ଆଜି ମଧ୍ୟ ସମାଜର ବିଭିନ୍ନ ସ୍ତରରେ ଆଧିପତ୍ୟ ବିସ୍ତାର କରିଛନ୍ତି।

ତନ୍ତ୍ରମନ୍ତ୍ର ଆଦିର ବିଶ୍ଳେଷଣରୁ ଜଣାଯାଏ ଯେ ପାଶ୍ଚାତ୍ୟ ଜଗତରେ ଏହାର ଦୁଇ ପ୍ରକାରର ଉତ୍ସ ରହିଛି। ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟରେ ଯୋରାଷ୍ଟର ଧର୍ମାବଲମ୍ବୀମାନଙ୍କ ମଧ୍ୟରୁ ଏକ କ୍ଷୁଦ୍ର ଗୋଷ୍ଠୀ ଦୁର୍ବୋଧ ଶବ୍ଦ ଉଚାରଣ, ମନ୍ତ୍ର ଆଦି ମାଧ୍ୟମରେ ପ୍ରକୃତି ଉପରେ କିଛିଅଂଶରେ ଏବଂ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଉପରେ ନିୟନ୍ତ୍ରଣ, ସେମାନଙ୍କୁ ବଶୀଭୂତ କରିବା, ରୋଗୀ ଚିକିତ୍ସା ଭଳି କାର୍ଯ୍ୟରେ ସଂପୃକ୍ତ ଥିଲେ। ଏହି ବ୍ୟକ୍ତିମାନେ 'ମାଗି' ଭାବରେ ଏବଂ ସେମାନଙ୍କ ବୃତ୍ତି 'ମାଗସ୍' ନାମରେ ପରିଚିତ ଥିଲା। 'ମାଗସ୍' ଶବ୍ଦରୁ ଆଧୁନିକ 'ମ୍ୟାଜିକ' ଶବ୍ଦର ସୃଷ୍ଟି। ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ 'ମେଜିକସିୟାନ' ବା 'ଯାଦୁକର' ନାମ ଦିଆଯାଇଥିଲା। ଏମାନେ ତନ୍ତ୍ରମନ୍ତ୍ର, ଅଲୌକିକ ଶକ୍ତି ଆଦିର ପ୍ରୟୋଗ କରି ଅସାଧ୍ୟ ସାଧନ କରୁଥିବା ଦାବି କରୁଥିଲେ। ଏମାନଙ୍କ ବିଦ୍ୟା ଅତ୍ୟନ୍ତ ରହସ୍ୟମୟ ଏବଂ ମାରଣ, ତାରଣ, ବଶୀକରଣ, ଉଚ୍ଚାଟନ, ସ୍ତମ୍ଭନ, ସମ୍ମୋହନ, ପ୍ରକୃତି ନିୟନ୍ତ୍ରଣ ଓ କୃଷି ଯାଦୁ ଭାବରେ ଆଠଟିରୁ ଅଧିକ ଭାଗରେ ବିଭକ୍ତ ଥିଲା।

ଅନ୍ୟପକ୍ଷରେ ଯାଦୁବିଦ୍ୟା ପ୍ରାୟ ୨୦ରୁ ଅଧିକ ବିଭାଗରେ ବିଭାଜିତ। ଅଲୌକିକ କୁହାଯାଉଥିବା ଏକ ରହସ୍ୟମୟ ଶକ୍ତି ଏସବୁର ମୂଳଉତ୍ସ। ଅଲୌକିକ ଶବ୍ଦର ବିଶ୍ଳେଷଣ କଲେ ଏହା ବୈଜ୍ଞାନିକ ତତ୍ତ୍ୱଗୁଡ଼ିକର ଧୋକାବାଜୀପୂର୍ଣ୍ଣ ପ୍ରୟୋଗକୁ ବୁଝାଏ। ପାଶ୍ଚାତ୍ୟ ସଭ୍ୟତାରେ ତନ୍ତ୍ରମନ୍ତ୍ର, ଅଲୌକିକତା ଆଦିର ଦ୍ୱିତୀୟ ଉତ୍ପତି ହେଉଛି ଖ୍ରୀଷ୍ଟିୟ ୩ୟ ଶତାବ୍ଦୀ ପୂର୍ବରୁ ଇଜିପ୍ଟରେ 'ଚେମି' ନାମରେ ପରିଚିତ ଥିବା ଏକ ଚିକିତ୍ସକ ଗୋଷ୍ଠୀ। ତୃତୀୟ ଶତାବ୍ଦୀ ବେଳକୁ ରୋଗର ସଫଳ ଉପଶମର ସଫଳତା ଯୋଗୁଁ ସମାଜରେ ସେମାନଙ୍କ ସମ୍ମାନ ଶାସକବର୍ଗ ଅପେକ୍ଷା ଅଧିକ ବଢ଼ିଲା। ଏଥିରେ ଶାସକମାନେ କ୍ଷମତା ହରାଇବା ଆଶଙ୍କାରେ 'ଚେମି'ମାନଙ୍କୁ ଗୁପ୍ତରେ ହତ୍ୟା କଲେ। ତେଣୁ 'ଚେମି'ମାନେ ଇଜିପ୍ଟରୁ ଆରବକୁ ଚାଲିଆସି ଆରବୀୟ ଭାଷାଶୈଳୀରେ 'ଚେମି' ପୂର୍ବରୁ 'ଏଆଇ' ଯୋଗକରି 'ଏଆଇଚେମିଷ୍ଟ' ନାମରେ ପରିଚିତ ହେଲେ।

'ଏଆଇଚେମିଷ୍ଟ'ମାନଙ୍କର ବୃତ୍ତିଗତ ଅବଧାରଣା ଦୁଇପ୍ରକାରର ଥିଲା। ପ୍ରଥମତଃ, 'ଫିଲୋସଫିକାଲ୍ ଷ୍ଟୋନ୍' ନାମକ ଏକ ରହସ୍ୟମୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ନିକୃଷ୍ଟ ଧାତୁ ସୁନା ହେବା ସହ ସମସ୍ତ ରୋଗରୁ ଆରୋଗ୍ୟଲାଭ, କାମନା ପୂରଣ ଆଦି ହୋଇପାରେ। ଏହା ପୃଥିବୀ ପୃଷ୍ଠରେ କେଉଁଠି ଅଛି ଓ ଶୁଭ ମୁହୂର୍ତ୍ତରେ ଖୋଜିଲେ ମିଳିବ। ଦ୍ୱିତୀୟ ଧାରଣାଟି ହେଲା ଏହା କେଉଁଠି ନାହିଁ, ଏହାକୁ ବିଭିନ୍ନ ଧାତୁ ଇତ୍ୟାଦିର ମିଶ୍ରଣରୁ ତିଆରି କରାଯାଇ ପାରିବ। ପ୍ରଥମ ଅବଧାରଣାକୁ ନେଇ ଶୁଭ ମୁହୂର୍ତ୍ତରେ ବିଭିନ୍ନ ସ୍ଥାନ ଖୋଜି ପାଇବାକୁ ଚେଷ୍ଟା କରୁଥିବା ଗୋଷ୍ଠୀ ଏହା ପାଇଲେ ନାହିଁ ସତ, କିନ୍ତୁ ଫଳିତ ଜ୍ୟୋତିଷ ଆଧାରରେ ଜ୍ୟୋତିର୍ବିଜ୍ଞାନ ଓ ଭୂ-ବିଜ୍ଞାନକୁ ବିଭିନ୍ନ ନୂଆ ତତ୍ତ୍ୱରେ ସମୃଦ୍ଧ କଲେ। ବିଭିନ୍ନ ଧାତୁର ମିଶ୍ରଣରେ 'ଫିଲୋସଫିକାଲ୍ ଷ୍ଟୋନ୍' ତିଆରୁଥିବା ଗୋଷ୍ଠୀ ମେଟାଲରଜିକାଲ୍ ସାଇନ୍ସ, ଆଲଏ, ଆର୍ସେନିକ୍ ପଏଜନ୍, ଟକ୍ସିକୋଲଜି, ସାଇନ୍ସ ଅଫ୍ ମେଡିସିନ୍ ଆଦି ବିଜ୍ଞାନର ଅନେକ କ୍ଷେତ୍ରକୁ ନୂଆ ତତ୍ତ୍ୱ ଦେଲେ। ଏହି ଉଭୟ ଅବଧାରଣାରେ ତନ୍ତ୍ରମନ୍ତ୍ରର ପ୍ରୟୋଗ ଅପବିଜ୍ଞାନ ହୋଇ ରହିଗଲା।

ପ୍ରାଚ୍ୟ ଭୂଭାଗରେ ତନ୍ତ୍ରମନ୍ତ୍ର ଆଦିର ଅନେକ ଉତ୍ସ ରହିଛି। ବୌଦ୍ଧ ଧର୍ମ ମହାଯାନ ଓ ହୀନଯାନ ଭାବରେ ବିଭାଜିତ ହୋଇ ସେଥିରୁ ଆହୁରି ଅନେକ ବିଭାଜନ ପରେ ତନ୍ତ୍ରଯାନ ଓ ସହଜଯାନର ଉଦ୍ଭବ ହେଲା। ସହଜଯାନପନ୍ଥୀମାନେ ରହସ୍ୟମୟ ତାନ୍ତ୍ରିକ ଅବଧାରଣାର ସ୍ରଷ୍ଟା ବୋଲି ସେମାନଙ୍କ ଦ୍ୱାରା ରଚିତ ଚର୍ଯ୍ୟାପଦଗୁଡ଼ିକରୁ ଜଣାପଡ଼େ। ବେଦ ଏବଂ ବିଭିନ୍ନ ସଂହିତାଗୁଡ଼ିକର ରଚନାକାଳ ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୬୦୦ ବୋଲି ଏକ ମତ ରହିଛି। ବୈଦିକ ଯୁଗରୁ ଫଳିତ ଜ୍ୟୋତିଷର ପ୍ରୟୋଗ ପ୍ରାଚ୍ୟ ଜଗତରେ ଥିଲା। ବେଦ ଓ ଜ୍ୟୋତିଷ ଶାସ୍ତ୍ରରେ ବିଭିନ୍ନ ପ୍ରକାରର ତନ୍ତ୍ରମନ୍ତ୍ର ଆଦିର ବ୍ୟବହାର ମଧ୍ୟ ହେଉଥିଲା। ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ରଚିତ ଆୟୁର୍ବେଦର ଆଠଟି ବିଭାଗ ମଧ୍ୟରୁ ଶଲ୍ୟତନ୍ତ୍ର, ଶାଲକ୍ୟତନ୍ତ୍ର, ଅଗଦତନ୍ତ୍ର ଓ ଭୂତବିଦ୍ୟା ସିଧାସଳଖ ତନ୍ତ୍ରମନ୍ତ୍ର ସହ ଜଡ଼ିତ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସମ୍ଭବତଃ ୧୩ଶ ଶତାବ୍ଦୀରେ ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କ ରଚିତ 'ରୁଦ୍ରସୁଧାନିଧି' ନାମକ ଅସମ୍ପୂର୍ଣ୍ଣ ଗଦ୍ୟକାବ୍ୟରେ ତନ୍ତ୍ରମନ୍ତ୍ରର ଅନେକ ବିଭାଗର ବର୍ଣ୍ଣନା ରହିଛି। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ' କାବ୍ୟରେ 'ଐନ୍ଦ୍ରଜାଲିକର ରାମଚରିତ ପ୍ରଦର୍ଶନ' ଅଧ୍ୟାୟରେ ଓଡ଼ିଶାରେ ତନ୍ତ୍ରମନ୍ତ୍ର, ଯାଦୁବିଦ୍ୟା ପ୍ରଚଳନର ସୂଚନା ଦେଇଛନ୍ତି। ପ୍ରାଚ୍ୟ-ପାଶ୍ଚାତ୍ୟ ଅବଧାରଣା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବା ଦେଖାଯାଏ।

ଡଚ୍-ଜୀଉ ଦାର୍ଶନିକ ସ୍ପିନୋଜା ଷୋଡ଼ଶ ଶତାବ୍ଦୀରେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣ ଆବଶ୍ୟକ ବୋଲି ମତଦେଲେ। ସେ ଅନୁଭବ କରିଥିଲେ ଯେ ଧର୍ମଗୁଡ଼ିକ ଅଜ୍ଞତାପୂର୍ଣ୍ଣ ଅବଧାରଣା, ବିଚାରହୀନତା ଓ ଅବୈଜ୍ଞାନିକ ଚିନ୍ତାଧାରାରେ ପରିପୂର୍ଣ୍ଣ। ଏହି ମତସହ ସେ ଧର୍ମର ବୈଜ୍ଞାନିକ ବିଶ୍ଳେଷଣର ଭିତ୍ତି ପକାଇଥିଲେ। ଏହିଠାରୁ ଅଲୌକିକ କୁହାଯାଉଥିବା ଘଟଣାଗୁଡ଼ିକର ସିଧାସଳଖ ଅନୁସନ୍ଧାନ ଓ ଆହ୍ୱାନ ଆରମ୍ଭ ହେଲା ବୋଲି କୁହାଯାଇପାରେ। ଅଲୌକିକତାକୁ ଛାଡ଼ି ଦେଲେ ଧର୍ମ ଆକର୍ଷଣୀୟ ହେବନାହିଁ। ଅନ୍ୟପକ୍ଷରେ ଅଲୌକିକତା ହେଉଛି ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱର ବିରୁଦ୍ଧାଚରଣ କରୁଥିବା ଘଟଣାର ବର୍ଣ୍ଣନା। ପ୍ରତ୍ୟେକ ବ୍ୟକ୍ତି ପାରିବାରିକ ଧର୍ମ ବିଶ୍ୱାସ ଭିତରେ ବଢ଼ନ୍ତି। ତେଣୁ ଯେତେ ଅଧିକ ପାଠ ପଢ଼ିଲେ ମଧ୍ୟ ପାରିବାରିକ ଧର୍ମର ଅବୈଜ୍ଞାନିକ ଅବଧାରଣାକୁ ଛାଡ଼ିବା ସହଜ ହୁଏ ନାହିଁ। ଏହି ଅବଧାରଣାକୁ ନେଇ କିଛି ଧୂର୍ତ୍ତ ଧୋକାବାଜୀକୁ ବ୍ୟବସାୟରେ ପରିଣତ କରିଦିଅନ୍ତି। ସମାଜର ପ୍ରତିଷ୍ଠିତ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏପ୍ରକାରର ବ୍ୟବସାୟିକ ଧୋକାବାଜୀର ଶିକାର ହୁଅନ୍ତି ଏବଂ ଲୋକଲଜ୍ଜା ହେତୁ ପ୍ରତିବାଦ କିମ୍ବା ଅଭିଯୋଗ କରନ୍ତି ନାହିଁ।

ତନ୍ତ୍ରମନ୍ତ୍ର, ଅଲୌକିକତା, ଅପବିଜ୍ଞାନ, ଚିକିତ୍ସକ ନହୋଇ ରୋଗୀ ଚିକିତ୍ସା ଆଦି ଉପରେ ଅନୁସନ୍ଧାନ ତଥା ଏସବୁକୁ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଭାବରେ ଆହ୍ୱାନ ଦେବା ଜନଆନ୍ଦୋଳନ ଭାବରେ ଆରମ୍ଭ ହେଲା ଉନବିଂଶ ଶତାବ୍ଦୀରେ। ୧୮୮୫ ମସିହାରେ 'ବ୍ରିଟିଶ ରେସନାଲିଷ୍ଟ ପ୍ରେସ ଆସୋସିଏସନ' ଗଠିତ ହୋଇ ଅନେକ ତଥାକଥିତ ଅଲୌକିକ ଶକ୍ତିଧାରୀଙ୍କୁ ଶକ୍ତି ପ୍ରଦର୍ଶନର ଆହ୍ୱାନ ଦେଲା। ଏହାପରେ ଅଲୌକିକତା ନାମରେ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅନେକ ସଙ୍ଗଠନ ସୃଷ୍ଟି ହେଲା। ୧୯୭୬ ମସିହାରେ ନ୍ୟୁୟର୍କଠାରେ ପଲ କର୍ଜଙ୍କ ସଭାପତିତ୍ୱରେ 'କମିଟି ଫର ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ୍ ଅଫ୍ କ୍ଲେମ୍‌ସ ଅଫ୍ ପାରାନର୍ମାଲ' ନାମକ ଅନ୍ତର୍ଜାତୀୟ ସଙ୍ଗଠନ ସୃଷ୍ଟି ହେଲା। ଆମେରିକାରେ ଜେମ୍ସ ରାଣ୍ଡି, ହାରି ଏଡୱାଡସ୍‌ଙ୍କ ଭଳି କେତେକ ବ୍ୟକ୍ତି ଜନସାଧାରଣଙ୍କୁ ଅଲୌକିକତା ନାମରେ ଶୋଷଣରୁ ରକ୍ଷା କରିବାକୁ ସଂସ୍ଥାମାନ ଗଢ଼ିଲେ। ୧୯୮୦ ମସିହାରେ ଅଷ୍ଟ୍ରେଲିଆର ସିଡନୀଠାରେ 'ଅଷ୍ଟ୍ରେଲିଆନ ସ୍କେପଟିକସ' ନାମକ ଆନ୍ତର୍ଜାତିକ ସଙ୍ଗଠନ ଗଠନ ହେଲା। ଏହା ପୂର୍ବରୁ ୧୯୪୮ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘ ପକ୍ଷରୁ 'ୟୁନିଭର୍ସାଲ ଡିକ୍ଲାରେସନ ଅଫ ହ୍ୟୁମାନ ରାଇଟସ୍' ଘୋଷଣାପତ୍ର ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରି ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ସହ ବିଭିନ୍ନ ପ୍ରକାର ଶୋଷଣରୁ ସୁରକ୍ଷା ନିମିତ୍ତ ଆଇନ ପ୍ରଣୟନ କରିଛନ୍ତି। ଆମ ଦେଶରେ 'ଦ ମ୍ୟାଜିକାଲ୍ ରିମେଡିସ୍ ଆଣ୍ଡ(ଅବଜେକସନାଲ୍ ଆଡଭରଟାଇଜମେଣ୍ଟ) ଆକ୍ଟ ୧୯୫୪' ମାଧ୍ୟମରେ ଚିକିତ୍ସାଗତ ଆଇନସିଦ୍ଧ ପ୍ରମାଣପତ୍ର ନଥିଲେ ରୋଗୀ ଚିକିତ୍ସା, ତନ୍ତ୍ରମନ୍ତ୍ର ଚିକିତ୍ସା, ଉପଚାର ଆଦି କରିବା ଦଣ୍ଡନୀୟ ଅପରାଧ ଭାବରେ ପରିଗଣିତ ହୋଇସାରିଛି। ଆମ ଦେଶର ସମ୍ବିଧାନର ଧାରା ୫୧(କ)(ଜ) ବୈଜ୍ଞାନିକ ଦୃଷ୍ଟିକୋଣ, ମାନବବାଦର ପ୍ରସାର ଓ ଅନୁସନ୍ଧାନର ମନୋବୃତ୍ତି ପ୍ରତ୍ୟେକ ନାଗରିକ ରଖିବାକୁ ନିର୍ଦ୍ଦେଶ କରିଛି। ଭାରତରେ ପ୍ରଫେସର ଆବ୍ରାହମ ଥମାସ କଭୁର, ସାନାଲ ଏଡାମାରୁକୁ, ବାସବ ପ୍ରେମାନନ୍ଦଙ୍କ ଭଳି ଅନେକ ବ୍ୟକ୍ତି ଅଲୌକିକତା ଓ ତନ୍ତ୍ରମନ୍ତ୍ର ନାମରେ ଶୋଷଣକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ଲୋକଙ୍କୁ ଖୋଲା ଆହ୍ୱାନ ଦେଇ ଅଲୌକିକତା ନାମରେ କରାଯାଉଥିବା ଧୋକାବାଜୀର ରହସ୍ୟ ପ୍ରଘଟକାରୀ ଜନସଭା ଆୟୋଜନ କରିଛନ୍ତି। ଏସବୁ ସତ୍ତ୍ୱେ ଶିକ୍ଷିତ ଲୋକଙ୍କ ସହିତ ସାଧାରଣ ଲୋକେ ଅବୈଜ୍ଞାନିକ ଅବଧାରଣାକୁ ନେଇ ବିଜ୍ଞାପନ ମାଧ୍ୟମରେ ଠକାମି ଓ ଶୋଷଣର ଶିକାର ହୋଇଚାଲିଛନ୍ତି। ●

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

## ପାରମ୍ପରିକ ଘରର ପ୍ରାସଙ୍ଗିକତା

ସତ୍ୟଶୋଭନ ଦାସ

'ଏଇ ଘରଟିରେ ଜନମ ମୋର, ଝାଟିମାଟିର ଏ ନଡ଼ା ଛପର / ଏଇ ଘରେ ଆମେ ଏକାଠି ଥାଉ, ଏକାଠି ଖାଉ, ଏକାଠି ବସୁ, ଏକାଠି ହସୁ / ବୁଢ଼ୀମା' ପାଶେ, ଗପ ଶୁଣୁ ଶୁଣୁ ନିଦଟି ଆସେ।' ପିଲା ଦିନର ଏହି କବିତା, ଗ୍ରାମ୍ୟ ଜୀବନର ଜୀବନ ଶୈଳୀକୁ ନିଖୁଣ ଭାବରେ ଦର୍ଶାଇ ଥାଏ। ଆଜି ବି ଗ୍ରାମ୍ୟ ଜୀବନର ଏହା ବହୁମାତ୍ରରେ ଜୀବନ୍ତ।

ବର୍ଦ୍ଧିଷ୍ଣୁ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ସଙ୍କଟ ପରିପ୍ରେକ୍ଷୀରେ ଗ୍ରାମୀଣ ଘରର ଅନେକ ପ୍ରାସଙ୍ଗିକତା ଓ ଆବଶ୍ୟକତା ରହିଛି। ଗ୍ରାମୀଣ ଘର ଚତୁଃପାର୍ଶ୍ୱରେ ବାରଣ୍ଡା ଫଳରେ ସୂର୍ଯ୍ୟକିରଣ ଘର କାନ୍ଥରେ ସିଧାସଳଖ ପଡୁ ନଥିବାରୁ ଘର ପ୍ରାୟତଃ ଥଣ୍ଡା ରୁହେ। ଘର ପଛ ପଟ ପୋଖରୀ ଭୂତଳ ଜଳ ପୁନଃ ସଂରକ୍ଷଣ ସହିତ ତା' ଉପର ଦେଇ ସୁଲୁସୁଲିଆ ଥଣ୍ଡା ପବନ ଏକ ପରିବେଶ ଅନୁକୂଳିତ ବାତାବରଣ ସୃଷ୍ଟି କରେ।

ପାରମ୍ପରିକ ଗ୍ରାମାଞ୍ଚଳ ଏବଂ ଆଦିବାସୀ ଘରଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଭାବରେ ପ୍ରାପ୍ତ ଜଳବାୟୁ-ଉପଯୁକ୍ତ ସାମଗ୍ରୀ, ଯେପରିକି କାଦୁଅ, ବାଉଁଶ, ପଥର ଓ ନଡ଼ା ବ୍ୟବହାର କରି ନିର୍ମାଣ କରାଯାଇଥାଏ। ଏହି ସାମଗ୍ରୀଗୁଡ଼ିକ ଉତ୍କୃଷ୍ଟ ତାପ ନିରୋଧକତା ପ୍ରଦାନ କରେ, ଗରମ ଦିନରେ ଭିତରକୁ ଥଣ୍ଡା ଏବଂ ଥଣ୍ଡା ରାତିରେ ଉଷ୍ମ ରଖେ, ଏୟାର କଣ୍ଡିସନର କିମ୍ବା ହିଟର ଭଳି ଶକ୍ତି-ସଘନ ଉପକରଣ ଉପରେ ନିର୍ଭର ନକରି। ଉଦାହରଣ ସ୍ୱରୂପ, ଘନ କାନ୍ଥ ବିଶିଷ୍ଟ ମାଟି ଘରଗୁଡ଼ିକ ଆବୃତକ(ଇନ୍‌ସୁଲେଟର) ଭାବରେ କାମ କରେ, ଯାହା ଦିନରେ ବର୍ଦ୍ଧିଷ୍ଣୁ ଉତ୍ତାପ ପ୍ରତିରୋଧ କରିବା ସହିତ ଉତ୍ତାପ ବିକିରଣ କରୁ ନ ଥିବାରୁ ରାତିରେ ଭିତର ତାପମାତ୍ରାକୁ ଆରାମଦାୟକ ରଖିଥାଏ। ସେହିପରି, କୁଟା ଛାତ ବାୟୁଚଳନ ଏବଂ ପ୍ରାକୃତିକ ବାୟୁ ପ୍ରବାହକୁ ସୁଗମ କରେ, ଯାହା ବାସିନ୍ଦାଙ୍କୁ ବର୍ଦ୍ଧିତ ଉତ୍ତାପ ସ୍ତରର ମୁକାବିଲା କରିବାରେ ସାହାଯ୍ୟ କରେ। ଘରର ଚାରିପଟେ ପିଣ୍ଡା ଯୋଗୁଁ ସୂର୍ଯ୍ୟ କିରଣ ଘରର କାନ୍ଥ ଉପରେ କମ ପଡ଼େ, ସେଇଥି ପାଇଁ ଏହି ଘର ଗରମ ଦିନରେ ଥଣ୍ଡା ରହେ। ଏହି ସ୍ଥାପତ୍ୟ ସମାଧାନଗୁଡ଼ିକ କେବଳ ପ୍ରଭାବଶାଳୀ ନୁହେଁ ବରଂ ମୂଲ୍ୟ-ଲାଭକାରୀ ମଧ୍ୟ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଦୁର୍ବଳ ଥିବା ନିମ୍ନ-ଆୟ ସମ୍ପ୍ରଦାୟ ପାଇଁ ଏଗୁଡ଼ିକୁ ଆଦର୍ଶ କରିଥାଏ।

ପାରମ୍ପରିକ ଘରଗୁଡ଼ିକ କେବଳ ଆଶ୍ରୟସ୍ଥଳ ନୁହେଁ, ଏହା ଏକ ସମ୍ପ୍ରଦାୟର ଇତିହାସ, ମୂଲ୍ୟବୋଧ ଏବଂ ଭୂମି ସହିତ ସଂଯୋଗର ପ୍ରକାଶ। ଆଦିବାସୀ ଏବଂ ଗ୍ରାମୀଣ ସମାଜରେ ସ୍ଥାପତ୍ୟ ପ୍ରାୟତଃ ରୀତିନୀତି, ପର୍ବ ଏବଂ ସାମାଜିକ ବ୍ୟବସ୍ଥା ସହିତ ଜଡ଼ିତ। ଏହି ଘରଗୁଡ଼ିକୁ ସଂରକ୍ଷଣ କରିବା ସମ୍ପ୍ରଦାୟ ସଂହତିକୁ ସମର୍ଥନ କରେ ଏବଂ ପରିଚୟକୁ ସୁଦୃଢ଼ କରେ। ଏହା ବ୍ୟତୀତ, ସାଂସ୍କୃତିକ ଐତିହ୍ୟ ସ୍ଥିରତା-ନିର୍ମାଣରେ ଏକ ପ୍ରମୁଖ ସମ୍ପତ୍ତି। ପାରମ୍ପରିକ ସ୍ଥାପତ୍ୟ ବଜାୟ ରଖିବା ପିଢ଼ି ପରେ ପିଢ଼ି ମାନସିକ ସୁସ୍ଥତା ଓ ନିରନ୍ତରତାକୁ ସମର୍ଥନ କରେ। ଆଧୁନିକ ନିର୍ମାଣ ବିଶ୍ୱ କାର୍ବନ ନିର୍ଗମନରେ ଏକ ପ୍ରମୁଖ ଅବଦାନକାରୀ। ଏହା ସାଧାରଣତଃ ରାସ୍ତା ଓ ରେଳ ଦ୍ୱାରା ପରିବହନ କରାଯାଏ। ମାଲବାହୀ ଯାନଗୁଡ଼ିକ, ବିଶେଷକରି ମଧ୍ୟମ ଓ ଭାରୀ ଯାନଗୁଡ଼ିକ, ବିଶ୍ୱ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନରେ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ। ପ୍ରକୃତରେ, ପାରମ୍ପରିକ କୋଠାଗୁଡ଼ିକର ସମଗ୍ର ଜୀବନଚକ୍ରରେ ସାମଗ୍ରୀ ସଂଗ୍ରହଠାରୁ ଆରମ୍ଭ କରି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ କମ୍ କାର୍ବନ ପଦଚିହ୍ନ ଥାଏ। ପାରମ୍ପରିକ ଗୃହଗୁଡ଼ିକରେ ବ୍ୟବହୃତ ସ୍ଥାନୀୟ ସାମଗ୍ରୀଗୁଡ଼ିକ ପ୍ରାୟତଃ ଜୈବବିଘଟନଶୀଳ ହୋଇଥାଏ ଏବଂ ସର୍ବନିମ୍ନ ପ୍ରକ୍ରିୟାକରଣ ଆବଶ୍ୟକ କରେ, ଯାହା ନିର୍ଗମନକୁ ବହୁଳ ଭାବରେ ହ୍ରାସ କରେ।

ସରକାର ପାରମ୍ପରିକ ଗୃହଗୁଡ଼ିକର ସଂରକ୍ଷଣ ପାଇଁ ପ୍ରୋତ୍ସାହନ ଏବଂ ଯୋଜନା ସହିତ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି। ଅଧିକନ୍ତୁ, ଯେହେତୁ ଏହି ଗଠନଗୁଡ଼ିକ ସ୍ଥାୟୀ ଏବଂ ସହଜରେ ମରାମତି କରାଯାଏ, ସେମାନେ କମ୍ ଅପଚୟ ସୃଷ୍ଟି କରନ୍ତି, ବାରମ୍ବାର ପୁନଃନିର୍ମାଣର ଚାହିଦାକୁ ହ୍ରାସ କରନ୍ତି। ଏପରି ଘରଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି, ଆମେ ପରିବେଶଗତ ସନ୍ତୁଳନ ବଜାୟ ରଖିବା ସହିତ ଜଳବାୟୁ ଅନୁକୂଳନ ପ୍ରୟାସରେ ଯୋଗଦାନ ଦେଉଛୁ।

ପାରମ୍ପରିକ ଘରଗୁଡ଼ିକ ଦ୍ରୁତ ସହରୀକରଣ, ଅବହେଳା ଏବଂ ଆଧୁନିକ ନିର୍ମାଣ ସପକ୍ଷରେ ନୀତିଗତ ପକ୍ଷପାତରୁ ବିପଦର ସମ୍ମୁଖୀନ ହୁଅନ୍ତି। ଅନେକ ଯୁବକ ପୈତୃକ ଘର ଏବଂ ସେଗୁଡ଼ିକୁ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଦକ୍ଷତା ଛାଡ଼ି ସହରକୁ ସ୍ଥାନାନ୍ତର କରନ୍ତି। ଏହା ସହିତ, ଆର୍ଥିକ ପ୍ରୋତ୍ସାହନ ପ୍ରାୟତଃ ପାରମ୍ପରିକ ପଦ୍ଧତିଗୁଡ଼ିକୁ ସମାୟୋଜିତ କରେ ନାହିଁ କିମ୍ବା ସମର୍ଥନ କରେ ନାହିଁ। ଏହି ଧାରା ଓଲଟାଇବାକୁ, ସରକାର ଏବଂ ସଂଗଠନଗୁଡ଼ିକୁ ଜଳବାୟୁ ଅନୁକୂଳନ ଏବଂ କାର୍ବନ ହ୍ରାସରେ ପାରମ୍ପରିକ ସ୍ଥାପତ୍ୟର ମୂଲ୍ୟକୁ ଚିହ୍ନିବା ଆବଶ୍ୟକ। ପୁନରୁଦ୍ଧାର ପାଇଁ ପାଣ୍ଠି ଯୋଗାଇବା, କାରିଗରମାନଙ୍କୁ ତାଲିମ ଦେବା ଏବଂ ଆଧୁନିକ ସ୍ଥାୟୀତ୍ୱ ଯୋଜନାରେ ପାରମ୍ପରିକ କୌଶଳକୁ ସଂହତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକ ଏହି ଘରଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ନିଶ୍ଚିତ କରିପାରିବେ।

ପାରମ୍ପରିକ ଗ୍ରାମୀଣ ଏବଂ ଆଦିବାସୀ ଘରଗୁଡ଼ିକୁ ସଂରକ୍ଷଣ କରିବା କେବଳ ସାଂସ୍କୃତିକ ଗର୍ବର ବିଷୟ ନୁହେଁ - ଏହା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବାରେ ଏକ ଚିନ୍ତାଶୀଳ ସ୍ଥାୟୀ ରଣନୀତି। ଏହି ଘରଗୁଡ଼ିକ କମ୍ କାର୍ବନ ଜୀବନଯାପନ, ସମ୍ପ୍ରଦାୟ ସ୍ଥିରତା ଏବଂ ତାପ ଚାପର ବ୍ୟବହାରିକ ସମାଧାନ ପ୍ରଦର୍ଶନ କରନ୍ତି ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏପର୍ଯ୍ୟନ୍ତ ହାସଲ କରିବାକୁ ଚେଷ୍ଟା କରୁଛି। ଜୀବନଯାପନର ଏହି ସମୟ-ପରୀକ୍ଷିତ ଉପାୟଗୁଡ଼ିକୁ ମୂଲ୍ୟାଙ୍କନ ଏବଂ ନିବେଶ କରି ଆମେ ଏକ ଅଧିକ ସ୍ଥିର ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇପାରିବା। ●

ବାଲିଆପାଳ(ବାଲେଶ୍ୱର), ମୋ: ୭୮୯୪୪୫୬୫୧

## ଆମ ବୃକ୍ଷଲତା ଆମ ଜୀବନ

### ସୀତାଫଳ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ସୀତାଫଳ ଏକ ସୁସ୍ୱାଦୁ ଫଳ ଉତ୍ପାଦନକାରୀ ଉଦ୍ଭିଦ, ଯାହା ଭାରତରେ ବହୁଳ ଭାବରେ ଚାଷ କରାଯାଏ। ଏହାର ଉତ୍ପତ୍ତିସ୍ଥଳ ନୂତନ ବିଶ୍ୱ ଉଷ୍ଣମଣ୍ଡଳୀୟ କାରିବିଆନ ଅଞ୍ଚଳରେ ବୋଲି ଅନୁମାନ କରାଯାଏ।

ଛୋଟ, ଅର୍ଦ୍ଧ-ପତ୍ରପାତୀ, ବହୁ ଶାଖାବିଶିଷ୍ଟ ୩-୮ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ସୀତାଫଳ ଗଛର ପତ୍ରଗୁଡ଼ିକ ପତଳା, ସରଳ, ୫-୧୭ ସେମି ଲମ୍ବା ଏବଂ ୨-୬ ସେମି ଚଉଡ଼ା। ତିନୋଟି ସବୁଜ ବାହ୍ୟ ପାଖୁଡ଼ା ଏବଂ ତିନୋଟି ଭିତର କ୍ଷୁଦ୍ର ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ବସନ୍ତ-ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଫୁଟିଥାଏ। ଫଳଗୁଡ଼ିକ ସାଧାରଣତଃ ନୀଳ-ସବୁଜରୁ ଫିକା ସବୁଜ ଏବଂ ଧାରଗୁଡ଼ିକ ଧଳା ଗୋଲାପୀ। ଫୁଲ ଫୁଟିବାର ୩ ରୁ ୪ ମାସ ପରେ ଫଳ ପାଚେ। ଫଳ ରସାଳ ସୁଗନ୍ଧିତ, ହାଲୁକା ହଳଦିଆ ରଙ୍ଗରୁ କ୍ରିମି ଧଳା ଏବଂ କଷ୍ଟାର୍ଡ ପରି ସୁସ୍ୱାଦୁ। ବିହନ ବା ମଞ୍ଜି ଟାଣ ଏବଂ କଳା ବର୍ଣ୍ଣର, ଯାହା ପ୍ରତ୍ୟେକ ଧଳା ମାଂସଳ ପରଦା ସହିତ ଆବୃତ ହୋଇଥାଏ। ଫଳର ମଧ୍ୟ ଭାଗରେ ଏକ ଲମ୍ବା ସ୍ତମ୍ଭାକାର ପଦାର୍ଥ ଥାଏ, ଯାହା ଚାରିପାଖରେ ମଞ୍ଜିଗୁଡ଼ିକ ସଜେଇ ହୋଇ ରହିଥାଏ। ପ୍ରତି ଫଳରେ ୨୦ ରୁ ୪୦ କିମ୍ବା ତା'ଠାରୁ ଅଧିକ ମଞ୍ଜି ଥାଇପାରେ। ଏଥିରେ ୫୦ ରୁ ୬୦% ରସାଳ ବା ମାଂସଳ ଖାଦ୍ୟ ପଦାର୍ଥ ଥାଏ, ଯାହା ଶର୍କରା ବା କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏବଂ ପ୍ରୋଟିନର ଉତ୍ସ।

ଫଳ ସାଧାରଣତଃ ତାଜା ଖିଆଯାଏ ଏବଂ ଜୁସ୍, କେକ୍ ଓ ଆଇସ୍କ୍ରିମ୍ ତିଆରି କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ସୁସ୍ୱାଦୁ ଫଳ ରସ ବ୍ୟତୀତ ସୀତାଫଳର ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ପଦ୍ଧତିରେ ପାରମ୍ପରିକ ଔଷଧର ଏକ ପ୍ରମୁଖ ଉପାଦାନ। ସୀତାଫଳର ବିଭିନ୍ନ ଅଂଶ ଆସ୍କର୍ବିକ୍ ଏସିଡ୍, କ୍ୟାଲସିୟମ୍, ଫସଫରସ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ତତ୍ତ୍ୱର ଭଣ୍ଡାର। ସୀତାଫଳରୁ ପ୍ରାପ୍ତ ପାରମ୍ପରିକ ଉପଚାରଗୁଡ଼ିକ ପାକସ୍ଥଳୀ ବିକାର, ଶ୍ୱାସକ୍ରିୟା ସଂକ୍ରମଣ, ପ୍ରଦାହ, ମଧୁମେହ, ହିଷ୍ଟେରିଆ ବା ଉନ୍ମା. ଫୁଲା, ମଳଦ୍ୱାର ପ୍ରଳୟ, ଟ୍ୟୁମର, ରକ୍ତହୀନତା, ଜଳାପୋଡ଼ା, ଶୁଦ୍ଧିକାରକ, କଫ, ରକ୍ତଚାପ, ଆମାଶୟ, ନାଳଝାଡ଼ା, ମେରୁଦଣ୍ଡ ମଜ୍ଜା ଆଦି ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ସୀତାଫଳ ଗଛର ପତ୍ର, କାଣ୍ଡ, ଛାଲି, ମୂଳ ଓ ବିହନ ସମେତ ଉଦ୍ଭିଦର ବିଭିନ୍ନ ଅଂଶକୁ ପାରମ୍ପରିକ ଔଷଧରେ ନିୟୋଜିତ କରାଯାଇଥାଏ। ପାରମ୍ପରିକ ଭାରତୀୟ ଔଷଧରେ ପତ୍ରଗୁଡ଼ିକୁ ପୋଲ୍ଟିସ୍ ବା ପୁଟୁଳି ଭାବରେ ବ୍ୟବହାର ପାଇଁ ମଧ୍ୟ ଚୂର୍ଣ୍ଣ କରାଯାଏ ଏବଂ କ୍ଷତ ଉପରେ ପ୍ରୟୋଗ କରାଯାଏ।

ଉଦ୍ଭିଦରେ ବିଭିନ୍ନ ପ୍ରକାରର ଜୈବ ରାସାୟନିକ ଉପାଦାନ ରହିଛି, ଯେଉଁଥିରେ ଆନୋନାଇନ୍, ସ୍କ୍ୱାମୋସିନ୍, ରେଟିକୁଲାଇନ୍, ଆନୋମୁରିସିନ୍ ଏ ଏବଂ ଆନୋନାମାଇନ୍ ଭଳି ଆଲକାଲଏଡ୍ ଅନ୍ତର୍ଭୁକ୍ତ, ଯାହା ସାଇଟୋଟକ୍ସିକ୍, ଆଣ୍ଟିମାଇକ୍ରୋବାୟଲ୍ ଓ ଆଣ୍ଟିପାରାସାଇଟିକ୍ ଗୁଣ ପ୍ରଦର୍ଶନ କରେ। ସ୍କ୍ୱାମୋଷ୍ଟାଟିନ୍, ସ୍କ୍ୱାମୋସିନ୍, ଆନୋନାସିନ୍ ଓ ବୁଲାଟାସିନ୍ ଭଳି ଆସେଟୋଜେନିନ୍ କର୍କଟ କୋଷ ଉପରେ ସେମାନଙ୍କର ଶକ୍ତିଶାଳୀ ସାଇଟୋଟକ୍ସିକ ପ୍ରଭାବ ପାଇଁ ଉଲ୍ଲେଖନୀୟ। ଫ୍ଲାଭୋନଏଡ୍ସରେ ଅନ୍ତର୍ଭୁକ୍ତ କ୍ୱେରସେଟିନ୍, କ୍ୟାମ୍ପଫେରୋଲ୍, ରୁଟିନ୍ ଓ ଲ୍ୟୁଟୋଲିନ୍ ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ବିରୋଧୀ ଲାଭ ପ୍ରଦାନ କରନ୍ତି। ଏହାସହିତ ସିଟୋଷ୍ଟେରୋଲ୍, ଲୁପିଓଲ୍, ଷ୍ଟିଗମାଷ୍ଟେରୋଲ୍, ଉର୍ସୋଲିକ୍ ଏସିଡ୍, ଗାଲିକ୍ ଏସିଡ୍, କ୍ଲୋରୋଜେନିକ୍ ଏସିଡ୍, ଏଲାଜିକ୍ ଏସିଡ୍ ଓ କାଫିକ୍ ଏସିଡ୍ ଭଳି ଟେର୍ପେନୋଏଡ୍ସ ଓ ଫେନୋଲିକ୍ସ ଉଦ୍ଭିଦର ବିସ୍ତୃତ ଔଷଧୀୟ କାର୍ଯ୍ୟକଳାପରେ ଅବଦାନ ରଖନ୍ତି।

ସୀତାଫଳର ଯେକୌଣସି ପ୍ରତିକୂଳ ପରିସ୍ଥିତି ସହ୍ୟ କରିବାର କ୍ଷମତା ଅଛି। ଅଧିକ ଯତ୍ନ ବିନା ବଢ଼ିଥାଏ ଏବଂ ପ୍ରାୟତଃ ଗ୍ରାମାଞ୍ଚଳରେ ଏକ ଅନାବନା ଗଛ ଭାବରେ ଦେଖାଯାଏ। ସୀତାଫଳ ଗଛକୁ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱଇଡ୍ସରେ 'ଚାଷ ପଳାୟନ, ପ୍ରାକୃତିକୀକରଣ, ୱଇଡ୍' ଭାବରେ ତାଲିକାଭୁକ୍ତ କରାଯାଇଛି। ଅର୍ଥାତ ଏହାର ଚାଷ ପାଇଁ କୌଣସି ଉପଯୁକ୍ତ ପଦକ୍ଷେପ ନେବାରୁ ସୀତାଫଳ ଉଦ୍ଭିଦ ବଞ୍ଚିତ ରହିଛି। ●

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ମହାଅଘଟଣ...

ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨ ଆହତ ଭର୍ତ୍ତି ହୋଇଛନ୍ତି। ମୃତ ଶ୍ରଦ୍ଧାଳୁମାନେ ହେଲେ, ବୋଲଗଡ଼ର ବାସନ୍ତୀ ସାହୁ, ଭୁବନେଶ୍ୱରର ପ୍ରେମକାନ୍ତ ମହାନ୍ତି ଏବଂ ବାଲିପାଟଣା ଅଠାନ୍ତରର ପ୍ରଭାତୀ ଦାସ। ଏହି ଦୁର୍ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୋକାକୁଳ ପରିସ୍ଥିତି ଉପୁଜିଥିଲା। ପୁଲିସ୍ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଘଟଣାସ୍ଥଳରେ ଉପସ୍ଥିତ ଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପ୍ରଶାସନର ଅବହେଳା ଯୋଗୁଁ ଏପରି ଅଘଟଣ ଘଟିଲା। ସେମାନଙ୍କ ସୂଚନା ମୁତାବକ, ଭକ୍ତଙ୍କ ଭିଡ଼ ଭିତରେ ୨ଟି ଚାରକାଠ ବୋଝେଇ ଟ୍ରକ୍ ପଶିଥିଲା। ଟ୍ରକ୍ ପଶିବା ଯୋଗୁଁ ଠେଲାପେଲାରୁ ଦଳାଚକଟା ହୋଇଥିଲା। ଏହି ସମୟରେ ହାତଗଣତି କିଛି ସୁରକ୍ଷା କର୍ମୀ ଥିଲେ। କୌଣସି ପ୍ରଶାସନିକ ଅଧିକାରୀ ନଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ବି କିଛି ବ୍ୟବସ୍ଥା ନଥିଲା। ଯିଏ ଯେଉଁପଟେ ଚାହୁଁଥିଲା, ଆସୁଥିଲା। ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ନ ଥିଲା। ଡାକବାଜି ଯନ୍ତ୍ରରେ କେତେବେଳେ ପହୁଡ଼ ଖୋଲାଯିବ, ତାହାର ସୂଚନା ଦିଆଯାଉନଥିଲା। ଫଳରେ ଲୋକଙ୍କ ମଧ୍ୟରେ ଠାକୁରଙ୍କୁ ଦେଖିବା ପାଇଁ ଦଳଚକଟା ପରିସ୍ଥିତି ଉପୁଜିଥିଲା।

ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭକ୍ତମାନେ ଯେଉଁ ପଲିଥିନ୍‌ରେ ବସିଥିଲେ, ତାହା କାଳ ହୋଇଥିଲା। ଝିପିଝିପି ବର୍ଷା ହେବାରୁ ପଲିଥିନ୍‌ରେ ଗୋଡ଼ ଖସିଥିଲା। ଚାରମାଳ କାଠ ଗାଡ଼ି ଆସିବା ବେଳେ ହଠାତ୍ ଉଠିବା ବେଳେ ଜଣଙ୍କ ପରେ ଜଣେ କଚାଡ଼ି ହୋଇ ପଡ଼ିଥିଲେ।

ଅନ୍ୟପକ୍ଷରେ ଜଣେ ମୃତକଙ୍କ ସ୍ୱାମୀ ପ୍ରଶାସନିକ ଅବେହଳାକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଯଦି ପ୍ରଶାସନ କିମ୍ବା ଆମ୍ବୁଲାନ୍ସ ସେଠାରେ ଥାଆନ୍ତା, ତା'ହେଲେ ତାଙ୍କ ସ୍ତ୍ରୀ ବଞ୍ଚିଯାଇଥା'ନ୍ତା। ପୁଲିସକୁ ଅବଗତ କରାଇଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ। ପ୍ରଶାସନର ଅବହେଳା ଯୋଗୁଁ ତାଙ୍କ ସ୍ତ୍ରୀ ମରିଗଲା ବୋଲି କୋହଭରା କଣ୍ଠରେ କହିଛନ୍ତି।

ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର ମଧ୍ୟ ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି। ୭୫ପ୍ରତିଶତ ଜାଗାରେ ବ୍ୟାରିକେଡ୍ ପକାଯାଇଛି। ଫଳରେ ଭକ୍ତଙ୍କ ପାଇଁ ସଂକୀର୍ଣ୍ଣ ଜାଗା ଛଡ଼ାଯିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ପ୍ରାକ୍ତନ ପ୍ରଶାସକ ତଥା ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର କହିଛନ୍ତି, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ହେବା ଏହା ପ୍ରଥମ ଘଟଣା। ଦୀର୍ଘ ୪୦/୫୦ ବର୍ଷ ହେବ ଶରଧାବାଲିରେ କେବେ ଏମିତି ଦୁର୍ଘଟଣା ଘଟି ନ ଥିବା ସେ ମତ ଦେଇଛନ୍ତି।

## କ୍ଷମା ମାଗିଲେ...

ସେହିପରି ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ଏହି ଘଟଣାର ତଦନ୍ତ କରିବେ। ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ସରକାର ସମ୍ପୂର୍ଣ୍ଣ...

ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତ। ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଇଛି।

ନବୀନ ପୁଣି କହିଛନ୍ତି ଯେ ରଥଯାତ୍ରା ଦିନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିବାରେ ଅହେତୁକ ବିଳମ୍ବ ହେଲା, ହେଲେ ସରକାର ଅତି ସହଜରେ ଏହାକୁ 'ମହାପ୍ରଭୁଙ୍କ ଇଚ୍ଛା' ବୋଲି କହି ଦାୟିତ୍ୱରୁ ମୁହଁ ଫେରାଇ ନେଲେ। ଏପରି ଅଭାବନୀୟ ଉକ୍ତି ପ୍ରଶାସନର ଦାୟିତ୍ୱହୀନତାକୁ ଢାଙ୍କିବା ବ୍ୟତୀତ ଆଉ କିଛି ବି ନୁହେଁ । ସରକାରଙ୍କ ବେଖାତିର ମନୋଭାବ ତଥା ସମ୍ବେଦନହୀନ ଆଚରଣ ହିଁ ଏପରି ଅଘଟଣର କାରଣ ବୋଲି ଉଲ୍ଲେଖ କରି ଆଡ଼ପ ବିଜେ, ବାହୁଡ଼ା, ସୁନାବେଶ ତଥା ରଥଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ରୀତିନୀତି ଯେପରି ସୁରୁଖୁରୁରେ ସମାପନ ହେବ ସେଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମ୍ବେଦନଶୀଳ ଭାବେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନବୀନ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଅନ୍ୟପଟେ ଶରଧାବାଲିରେ ଦଳାଚକଟା ଯୋଗୁଁ ପ୍ରାଣ ହରାଇଥିବା ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ମୃତ୍ୟୁ ହୋଇଛି। ଆଜି ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୃତ ପ୍ରଭାତୀ ଦାସଙ୍କ ପୁଅ ଆୟୁଷ ଦାସଙ୍କ ସହିତ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକ ବ୍ୟକ୍ତ କରିବା ସହ ଗଭୀର ସମବେଦନା ଜଣାଇଥିଲେ। ସେହିପରି ବୋଲଗଡ଼ ଗୋବର୍ଦ୍ଧନପୁରର ବାସନ୍ତି ସାହୁଙ୍କ ପରିବାରବର୍ଗଙ୍କ ସହ ମଧ୍ୟ ଫୋନ୍ ଯୋଗେ କଥା ହୋଇଛନ୍ତି। ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମୟରେ ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ରହି ଫୋନ୍ ଯୋଗେ ନବୀନ ପଟ୍ଟନାୟକଙ୍କୁ କଥାବର୍ତ୍ତା କରାଇଛନ୍ତି।

## ଉଦ୍‌ବେଗ ଜଣାଇଲେ...

ଗମ୍ଭୀରତାର ସହିତ ସମୀକ୍ଷା କରାଯିବା ଉଚିତ ବୋଲି ରାହୁଲ କହିଛନ୍ତି। ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଦାୟିତ୍ୱରେ କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି ରାହୁଲ୍ କହିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ୍ ଖଡ୍‌ଗେ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଦାୟିତ୍ୱରେ ଅବହେଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶ୍ରୀ ଖଡ୍‌ଗେ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ରଥଯାତ୍ରା ସମୟରେ ଦଳାଚକଟା ଯୋଗୁଁ ମୁଁ ଗଭୀର ମର୍ମାହତ। ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଏବଂ ଅତି କମରେ ୫୦ ଜଣ ଆହତ ହୋଇଛନ୍ତି। ଏହା ବ୍ୟତୀତ ଶୁକ୍ରବାର ରଥଯାତ୍ରା ସମୟରେ ମଧ୍ୟ ୫୦୦ ଭକ୍ତ ଆହତ ହୋଇଥିଲେ। ସମସ୍ତ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ଏହି ଦୁଃଖଦ ଘଟଣା ପାଇଁ ଯେଉଁ ଅବହେଳା ଏବଂ କୁପରିଚାଳନା କରାଯାଇଛି ତାହା ଅକ୍ଷମଣୀୟ। ରାଜ୍ୟ ସରକାର ଏହି ଗୁରୁତର ତ୍ରୁଟିର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ। ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଃଖଦ ଘଟଣା ପାଇଁ ଦାୟୀ ଲୋକଙ୍କୁ ଆଇନ ଅନୁଯାୟୀ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି।

## ଅରବିନ୍ଦ ଅଗ୍ରୱାଲଙ୍କୁ...

କରିଛନ୍ତି ସରକାର। ରଥଯାତ୍ରା ପରିଚାଳନା ଦାୟିତ୍ୱରୁ ଶ୍ରୀ ପାଢ଼ୀଙ୍କୁ ଅବ୍ୟାହତି ଦେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ରଥ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ରବିବାରଠାରୁ ତାଙ୍କ ତଦାରଖରେ ରଥଯାତ୍ରାର ବଳକା ନୀତି ଏବଂ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସେହିପରି ଭାବେ ଅତିରିକ୍ତ ପୁଲିସ ଡିଜି(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ବଳକା ନୀତି, କାର୍ଯ୍ୟକ୍ରମ ବେଳେ ପୁଲିସ ବ୍ୟବସ୍ଥାବଳୀର ସମସ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ନେତୃତ୍ୱରେ ହିଁ ପୁରୀରେ ପୁଲିସ କାର୍ଯ୍ୟ କରିବ ବୋଲି ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ରଥଯାତ୍ରା ମହାବିଭ୍ରାଟରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀଙ୍କ ଭୂମିକାକୁ ନେଇ ସାଧାରଣରେ ବେଶ୍ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଦଳାଚକଟାରେ ରାଜ୍ୟ ସରକାର ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହେଁ ମୁଖ୍ୟ ପ୍ରଶାସକଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ମାତ୍ର ରଥଯାତ୍ରାର ଅବଶିଷ୍ଟ ଦିନଗୁଡ଼ିକର ପରିଚାଳନା ଦାୟିତ୍ୱ ତାଙ୍କଠାରୁ କାଢ଼ି ନିଆଯାଇଛି। ପରୋକ୍ଷରେ ଦେଖିଲେ ସରକାର ତାଙ୍କ ଉପରୁ ଭରସା ହରାଇଥିବା କୁହାଯାଉଛି। ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦେବା ଅର୍ଥ ତାଙ୍କୁ ଏକପ୍ରକାର ନିଷ୍କ୍ରିୟ କରାଯାଇଛି। ରଥଯାତ୍ରା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କ୍ଷମତା ଅଳିନ୍ଦରେ ଆଲୋଚନା ଚାଲିଛି ।

## ମନ୍ତ୍ରୀ, ପ୍ରଶାସକଙ୍କୁ...

ସମର୍ଥକଙ୍କୁ ପାସ୍ ବାଣ୍ଟିବା ଛଡ଼ା କୁଟାକୁ ଦିଖଣ୍ଡ କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ରଥଯାତ୍ରା ପୂର୍ବରୁ ଆଇନ ମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ ତ୍ରୁଟିଶୂନ୍ୟ ଏବଂ ଶୃଙ୍ଖଳିତ ରଥଯାତ୍ରା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଆସୁଥିଲେ। ମାତ୍ର ଗତ ୩ ଦିନ ଧରି ଘଟଣାବଳୀ ରାଜ୍ୟ ସରକାରଙ୍କ ପାରିବାପଣିଆକୁ ସାଧାରଣରେ ଉଜାଗର କରିଛି। ସରକାରର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଉତ୍ତରଦାୟୀ ଓ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ମାତ୍ର ମୁଖ୍ୟମନ୍ତ୍ରୀ ନିଜର ସହଯୋଗୀ ତଥା ରଥଯାତ୍ରା ପରିଚାଳନା ନିମନ୍ତେ ଗଠିତ ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବଦଳି କରିଥିବା କୁହାଯାଉଛି ।

ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବିନ୍ଦ୍ର ନାଥ ବେହେରା କହିଛନ୍ତି ଯେ ଏପରି ଅଭାବନୀୟ ପରିସ୍ଥିତି ପାଇଁ କେବଳ ଜିଲ୍ଲାପାଳ, ଏସପିଙ୍କୁ ଦୋଷ ଦେଇ ସରକାର ଖସିଯିବାକୁ ଉଦ୍ୟମ କରିବା ଉଚିତ୍ ନୁହେଁ। ସରକାର ହିଁ ରଥଯାତ୍ରା ପରିଚାଳନା କରୁଥିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଗତ ୨୨ ତାରିଖରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କରିବା ସହ ଚଳିତ ଥର ଭକ୍ତ ଦିବ୍ୟ ଓ ଭବ୍ୟ ଅନୁଭୂତି ନେଇ ଫେରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଗତବର୍ଷ ମହାପ୍ରଭୁ ବଳଭଦ୍ର ନିଜେ ଚାରମାଳ ଉପରେ ପଡ଼ିଯିବାର ଅଘଟଣ ମନରୁ ନ ଲିଭୁଣୁ ଚଳିତ ବର୍ଷ ବାରମ୍ବାର ଅଘଟଣ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି ।

## ବାପାଙ୍କ ସମୟରେ...

ରାଜ୍ୟ ସରକାରରେ ଆଇନମନ୍ତ୍ରୀ ଅଛନ୍ତି ବିଶ୍ୱଭୂଷଣଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନ ଓ ଚଳିତ ବର୍ଷ ରଥଯାତ୍ରାରେ ଦଳାଚକଟାରେ ୩ ଜଣ ମୃତ୍ୟୁବରଣ କରିଛନ୍ତି । ଶତାଧିକ ଆହତ ହୋଇ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଗତକାଲି ରଥଟଣା ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଅଣନିଃଶ୍ୱାସୀ ହୋଇ ଚିକିତ୍ସାଧୀନ ଥିଲେ ଓ ଆଜି ପ୍ରତ୍ୟୁଷରେ ଦଳାଚକଟାରେ ଶହଶହ ଲୋକ ଆହତ ହୋଇଛନ୍ତି।

## ଜଳକାରେ ବନ୍ୟା...

ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୯.୧୦ମିଟର ପାଣି ପ୍ରବାହିତ ହେଉଛି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ମିଟର ଥିବା ବେଳେ ସତର୍କ ସଙ୍କେତ ୭.୨୧ମିଟର ରହିଛି। ସନ୍ଧ୍ୟା ୭ଟା ସୁଦ୍ଧା ଏଠାରେ ୭.୧୮ ମିଟର ଜଳ ପ୍ରବାହିତ ହେଉଛି। ବର୍ଷା ଲାଗି ରହିଲେ ଆଜି ରାତି ସୁଦ୍ଧା ଏହି ଦୁଇଟି ନଦୀରେ ବନ୍ୟା ଗୁରୁତର ହେବାର ଆଶଙ୍କା ରହିଛି।

ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ନିମନ୍ତେ ଏକ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ବର୍ତ୍ତମାନ ନଦୀର ଜଳସ୍ତର, ବନ୍ୟା ପରିସ୍ଥିତି ନିମନ୍ତେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ତଦାରଖ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ (ରାଜସ୍ୱ), ସୁଧାକର ନାୟକ (ସାଧାରଣ), ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଅଧୀକ୍ଷଣ ଅଧିକାରୀ ଇଲେକ୍ଟ୍ରିକାଲ ଟାଟା ପାୱାର, ଅଧୀକ୍ଷଣ ଅଧିକାରୀ ଜଳସେଚନ, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ସମସ୍ତେ ବନ୍ୟା ପରିସ୍ଥିତି ନିମନ୍ତେ ସଜାଗ ରହିଥିବା ସୂଚନା ଜିଲ୍ଲାପାଳଙ୍କୁ ଦେଇଥିଲେ। ବାଲିଆପାଳ ବ୍ଲକ ଓ ବାଲେଶ୍ୱର ସଦର ଠାରେ ଅପ୍ରୀତିକର ପରିସ୍ଥିତିରୁ ସାମ୍ନା କରିବା ପାଇଁ ଓଡ୍ରାଫର ଦୁଇଟି ଟିମ୍‌କୁ ନିୟୋଜିତ କରାଯାଇଛି। ଜିଲ୍ଲାପାଳ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବନ୍ୟାପ୍ରବଣ ଅଞ୍ଚଳ ପରିଦର୍ଶନ କରିଛନ୍ତି।

## ସୁବର୍ଣ୍ଣରେଖା ଓ ଜମ୍ବୀରାରେ...

ହୋଇପଡ଼ିଛି। ଅପରପକ୍ଷେ, ଲଗାତାର ବର୍ଷା ଯୋଗୁଁ ଜିଲ୍ଲାରେ ୨୪୨ଟି ଘର ଭାଙ୍ଗିଥିବା ବେଳେ କାନ୍ଥପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷେ, ଆସନ୍ନ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁଇଜଣ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହକାରୀ ସଚିବ ସରୋଜ କୁମାର ଦାସଙ୍କୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ନିଯୁକ୍ତ କରିଛନ୍ତି। ଉଭୟ ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ଜିଲ୍ଲାପାଳଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ମୁକାବିଲା ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦେଇ ନଦୀ ସଂଲଗ୍ନ ଗ୍ରାମରୁ ଜନସାଧାରଣଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ୩ଦିନ ପାଇଁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ସମସ୍ତ ସ୍କୁଲ ଗୁଡ଼ିକୁ ଆସନ୍ତାକାଲି (ସୋମବାର) ପାଇଁ ଛୁଟି ଘୋଷଣା କରାଯାଇଛି।

ସୂଚନାନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ଶନିବାରଠାରୁ ବର୍ଷା ପରିମାଣ ବୃଦ୍ଧି ପାଇଛି। ଜିଲ୍ଲାରେ ରାଜ୍ୟର ସର୍ବାଧିକ ପରିମାଣର ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ରବିବାର ପ୍ରଦତ୍ତ ରିପୋର୍ଟ ଅନୁସାରେ, ଗତ ୨୪ ଘଣ୍ଟାରେ କୁଳିଅଣାରେ ରାଜ୍ୟର ସର୍ବାଧିକ ବର୍ଷା ୩୨୦ ମିମି ରେକର୍ଡ ହୋଇଥିବା ବେଳେ ଜାମଶୋଳାରେ ୨୮୨ମିମି, ଶୁଳିଆପଦାରେ ୨୫୦ମିମି, ସାରସକଣାରେ ୨୪୯ମିମି, ଚନ୍ଦନପୁରରେ ୨୨୪ମିମି, ବାଙ୍ଗିରିପୋଷିରେ ୧୯୮ମିମି, ଶ୍ୟାମାଖୁଣ୍ଟାରେ ୧୮୦ମିମି, ବାରିପଦାରେ ୧୪୬ମିମି, ବିଶୋଇରେ ୧୨୬ମିମି, ଉଦଳାରେ ୧୦୭ମିମି, ବିଜାତଳାରେ ୧୦୫ମିମି, କୁସୁମୀ ୯୬ମିମି, ରାଇରଙ୍ଗପୁରରେ ୯୨ମିମି, କପ୍ତିପଦାରେ ୯୧ମିମି, ମୋରଡ଼ାରେ ୭୯ ମିମି, ତିରିଂରେ ୭୫ ମିମି ଓ ରାସଗୋବିନ୍ଦପୁରରେ ୬୦ମିମି ବର୍ଷା ରେକର୍ଡ ହୋଇଛି। ଏତେ ବର୍ଷା ଯୋଗୁଁ ଡ୍ୟାମ୍, ନଦୀ ଏବଂ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକର ଜଳସ୍ତରରେ ବୃଦ୍ଧି ଘଟିଛି। ଜମ୍ବୀରା ନଦୀରେ ବନ୍ୟା ପାଇଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ଝାଡ଼ଖଣ୍ଡର ଚାନ୍ଦିଲ ଡ୍ୟାମରୁ ପୁନର୍ବାର ୬ଲକ୍ଷ କ୍ୟୁସେକ୍ ପାଣି ଛଡ଼ାଯାଇଛି। ସୋମବାର ସକାଳ ସୁଦ୍ଧା ଏହା ମୟୂରଭଞ୍ଜ ଜିଲ୍ଲା ଅତିକ୍ରମ କରି ବାଲେଶ୍ୱରର ରାଜଘାଟରେ ପହଞ୍ଚିବ। ପୁଣି ସୋମବାର ୪ଲକ୍ଷ କ୍ୟୁସେକ ପାଣି ଝାଡ଼ଖଣ୍ଡ ଛାଡ଼ିବ। ଏଥିପାଇଁ ସାରସକଣାର ନେଦା ଗାଁ ଓ ରାସଗୋବିନ୍ଦପୁରର ଟିକାୟତପୁର ଗ୍ରାମରୁ ୪ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳରେ ରଖାଯାଇଛି।

ସେହିପରି ଭାରୀ ବର୍ଷା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାଥମିକ ତଥ୍ୟ ଅନୁଯାୟୀ ଜିଲ୍ଲାରେ ୨୪୨ଟି ବାସଗୃହ ବର୍ଷା ପାଇଁ ଭାଙ୍ଗିଥିବା ଜଣାପଡ଼ିଛି। ଏହି ସଂଖ୍ୟା ଆଗକୁ ବୃଦ୍ଧି ପାଇବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ କହିଛନ୍ତି। ମୋରଡ଼ା ବ୍ଲକରେ କାନ୍ଥ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ବଜ୍ରପାତରେ ବଡ଼ସାହି ବ୍ଲକରେ ଗୋଟିଏ ପରିବାରର ୨ବଖରା ଭସ୍ମୀଭୂତ ହୋଇଛି।

ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଜି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ଭାଦବ ହାଁସଦାଃ, ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ଗଣେଶ୍ୱର ପାତ୍ର ଗସ୍ତ କରି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଜିଲ୍ଲାର ରାଇରଙ୍ଗପୁର, ବାଙ୍ଗରିପୋଷି, ସାରସକଣା, କରଞ୍ଜିଆ, କୁସୁମୀ, ବହଳଦା, ବିଜାତଳା, ଠାକୁରମୁଣ୍ଡା, ବଡ଼ସାହି, କୁଳିଅଣା, ଉଦଳା, କପ୍ତିପଦା, ଗୋପବନ୍ଧୁନଗର, ଖୁଣ୍ଟା ଓ ଶ୍ୟାମାଖୁଣ୍ଟା ଆଦି ବ୍ଲକ୍‌ର ବିଭିନ୍ନ ନଦୀ ଓ ଜଳାଶୟରେ ବନ୍ୟାଜଳ ବୃଦ୍ଧି ପାଇଁ ତଳି ଅଞ୍ଚଳ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୋମବାର ଭାରୀ ବର୍ଷା ହେଲେ ମୟୂରଭଞ୍ଜ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଆଖଣ୍ଡଳମଣି ମନ୍ଦିରରେ ଅଘଟଣ

# ମନ୍ଦିର ଚୂଡ଼ା ତ୍ରିଶୂଳ ଦଣ୍ଡ ଭାଙ୍ଗିଲା

### ଖସିପଡ଼ିଲା ବାନା; ବଙ୍କିଗଲା ତ୍ରିଶୂଳ ଅର



**ଭଦ୍ରକ/ଆରଡ଼ି,୨୯ ।୬(ସମିସ):** ଗତ ୩ଦିନ ହେଲା ସକ୍ରିୟ ମୌସୁମୀ ଓ ଲଘୁଚାପ ପ୍ରଭାବରେ ଆରଡ଼ି ତଥା ଆଖପାଖ ଅଞ୍ଚଳରେ ଲାଗି ରହିଛି ଲଗାଣ ବର୍ଷା। ଲଗାଣ ଝଡ଼ବର୍ଷାରେ ଗତକାଲି ରାତିରେ ଭାଙ୍ଗିଯାଇଛି ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାର ତ୍ରିଶୂଳ ଦଣ୍ଡ। ଫଳରେ ତ୍ରିଶୂଳ ଦଣ୍ଡରେ ଲାଗି ହୋଇଥିବା ବାନା ଖସିପଡ଼ିଛି। ଆଜି ଭୋର୍‌ରେ ବାବାଙ୍କ ପହିଲୁ ନୀତି ସମୟରେ ଦ୍ୱାରଫିଟା ବେଳକୁ ଏପରି ଘଟଣା ଦେଖିବାକୁ ପାଇଥିଲେ ସେବାୟତମାନେ। ତୁରନ୍ତ ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତାହାସହ ପୁଣି ଦଧିନଉତିର ଥିବା ଅଷ୍ଟଧାତୁ ନିର୍ମିତ ତ୍ରିଶୂଳର ବାମପାର୍ଶ୍ୱ ଅର ବଙ୍କିଯିବା ସହ ଢଳି ରହିଛି। ପୂର୍ବରୁ ଦୀର୍ଘ ଦେଢ଼ ବର୍ଷ ତଳେ ପବନବର୍ଷାରେ ତ୍ରିଶୂଳର ମଧ୍ୟଭାଗ ଅର ଭାଙ୍ଗି ଖସି ପଡ଼ିଥିଲା। ଏପରି ଖବର ପାଇବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ହେଲେ ଠିକ୍ ଭାବେ ମରାମତି ହୋଇ ନଥିବାରୁ ଆଜି ପୁଣି ଏପରି ଅଘଟଣ ଦେଖାଦେଇଥିବା କହିଛନ୍ତି ସେବାୟତ। ପରେ ମନ୍ଦିରରେ ଏକ ନୂଆ ବାନା ଲାଗି ହେବା ପରେ ବାବାଙ୍କ ସକାଳଧୂପ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।


**AFFIDAVIT**

By virtue of an affidavit before the Executive Magistrate, Sambalpur no.1989 dtd.26.06.2025, I, JITU BHOI, S/o-Kandarpa Bhoi, residence of at-Tabloi, Po.- Keshapali, Ps.-Dhama, Dist.- Sambalpur, Odisha state that, my actual and correct name is **JITU BHOI** but in my Aadhar Card my name has been wrongly mentioned as Jitendra Bhui. Both the names **JITU BHOI & JITENDRA BHUI** is of one and same person. Henceforth I shall be known as **JITU BHOI** for all purposes.

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

6370964966

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

GADHWAL GROUP

Mob.: 9437015112

**AFFIDAVIT**

By virtue of an affidavit dtd. 13.06.2025 before the Executive Magistrate Berhampur, Ganjam, I, Bijaylaxmi Gouda, At-Alakapuri 13th Lane, Bhabinipur, Po- Engineering School, Dist.-Ganjam - 760002 have changed my name from Bijay Laxmi Dash to Bijaylaxmi Gouda. Henceforth I shall be known as **Bijaylaxmi Gouda** for all purposes.

Sd/- Bijaylaxmi Gouda

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit before The Notary Public, Titilagarh, on dated-25/06/2025. I, Kumpatia Bag (Applicant name), Son of Babi Bag, Permanent resident of At-Antarla, P.O. Naren, P.S. Titilagarh, Dist. Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Doleswari Bag** (old name) To **Doli Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Doli Bag** (new name).

Kumpatia Bag

**M/s. R.R. ENTERPRISES**

Administration Office: Plot No. SCR-46, Kharvel Nagar, Bhubaneswar-1. Tel: 0674-2392457, 9861032457, 8280327531

E-mail: rrenterprises155@gmail.com

**REQUIREMENT**

Required for Engagement of Human Resources for setting up FRA Cells (Dharti Aaba Units) at Sub-Divisional level under DA-JGUA in respect of Sambalpur District on outsourcing basis.

**1. COORDINATOR (03 Nos) :**

Salary ₹ 35,000/-, (inclusive of all Taxes). i.) Candidate should have completed Graduation individual with Master Degree will be preferred. ii) Minimum 2-3 years year of experience in NGO / Social Sector Project. iii) Candidates from concerned District should be preferred for all the positions under the scheme. iv) Experience of working with Govt. Project training & capacity building Programmee / Initiatives Computer be an added advantage. v) Proficiency in understanding of Central / State Govt. schemes & Community mobilization skills use of MS Office & Conversant with internet/email and fluency oral & written communication in Eng., Odia & Local Language are preference age limit as per State Govt. of Odisha.

**2. MIS ASSISTANT (03 Nos)**

Salary ₹ 25,000/-, (inclusive of all Taxes). I) Candidates should have completed Graduation and PGDCA course Individuals with master degree will be preference age limit as per Govt. of Odisha norms. ii.) 02 year experience in DEO-Cum-Office Assistant for database office management in any reputed Govt./NGO Sector. iii) Proficiency in the use of MS Office Specially, Word, Excel & Conversant with internet/ use of online platforms is a mandatory requirement and preferred for local language.

The above post candidates are advised to send their attested photocopy of all relevant educational certificate, CVs, Pass size Photo and post wise experience through speed post regd. Post & Courier with mention for post applied and submission last date **08/07/2025** in the above mention address only.


## The Khordha Central Co-operative Bank Ltd,Khordha

### Report on the Audit of the standalone Financial Statement

**Opinion**

We have audited the accompanying Finacial Statements of **Khordha Central Co-operative Bank Limited("The Bank" or "KCCB")**,which comprises of teh Balance Sheet as at March-31,2025.Profit and Loss Account for the year ended on March -31,2025 and a summary of significant accounting policies and other explanatory information.

In our opinion, and the best of our information and according to the explanations given to us, the aforesaid financial statements read together with the Notes of Accounts forming part of the said Financial Statements,give the information required by the Banking Regulation Act,1949, the Odisha Co-operative Societies Act,1962 and the Rules made there under (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Developement (NABARD),in the manner so required and give a true and fair view in conformity with the accounting principles generally accepted in india of the state of affairs of the Bank as at March-31,2025 and its profit for the financial year ended.

The Balance sheet and profit and Loss Accouunt dealt with by this report , agree with the trail balance generated from Computer System and prepared manually by consolidating the trail balances. Then Balance in Various Ledger Heads in General Ledger reconciles with balance in Schedules for relevant head.

We have furnished our opinion and findings on the Long form Audit Report (LFAR) questionnaire,which forms integral part of this Audit Report.

The Accounting standards adopted by the Bank are consistent with those laid down by accounting principles generally accepted in India so far as applicable to Bank.

Sd/- JBMT & ASSOCIATES
Chartered Accountants (FRN:320232E)

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure Form A**
**Form of Balance Sheet for the year ended on 31st March 2025**

| | Capital and Liabilities | Schedule | GL | As on 31.03.2025 (Current Year ) | As on 31.03.2024 (Previous Year ) |
|---|---|---|---|---|---|
| 1 | Capital | 1 | | 1,30,81,04,456.06 | 1,17,36,74,882.01 |
| 2 | Reserves and Surplus | 2 | | 21,11,77,541.81 | 12,67,89,618.61 |
| 3 | Deposits | 3 | | 7,40,00,39,816.57 | 6,33,03,05,368.35 |
| 4 | Borrowings | 4 | | 5,39,49,22,313.00 | 5,96,71,98,159.00 |
| 5 | Other liabilities and provisions | 5 | | 2,73,84,74,849.86 | 2,59,27,48,553.00 |
| | Total | | | 17,05,27,18,977.30 | 16,19,07,16,580.97 |
| | | | | | |
| | Aseet | | | | |
| 1 | Cash and balance with Reserve Bank of India | 6 | | 49,59,28,420.85 | 83,18,54,767.61 |
| 2 | Balance with banks and money at call and shots notice | 7 | | 30,00,00,000.00 | |
| 3 | Investments | 8 | | 5,72,06,40,624.14 | 5,71,41,42,267.14 |
| 4 | Advances | 9 | | 9,76,44,74,536.95 | 8,93,13,25,051.84 |
| 5 | Fixed Aseets | 10 | | 9,70,21,608.58 | 9,11,35,435.73 |
| 6 | Other Assets | 11 | | 67,46,53,786.78 | 62,22,59,058.65 |
| | Total | | | 17,05,27,18,977.30 | 16,19,07,16,580.97 |
| | Contingent liabilities Bills for collectic | 12 | | | |

**Balance Sheet of The Khordha District Centarl Co-operative Bank Ltd.Khordha**
**Annexure I Form B**
**Form of Profit and Loss Account for the year ended on 31st March 2025**

| | | Schedule | GL | As on 31.03.2025 (Current Year) | As on 31.03.2024 (Previous Year ) |
|---|---|---|---|---|---|
| I | Income | | | | |
| | Interest Earned | 13 | | 1,15,14,12,104.56 | 1,11,01,96,230.40 |
| | Other Income | 14 | | 79,79,526.02 | 3,27,53,860.15 |
| | Total | | | 1,15,93,91,630.58 | 1,14,29,50,090.55 |
| II | Expenditure | | | | |
| | Interest expended | | | 70,19,99,203.69 | 62,34,07,099.96 |
| | Operating expenses | | | 18,44,61,251.69 | 16,25,56,977.59 |
| | Provisions and contigencies | | | 25,29,09,859.15 | 33,82,19,213.00 |
| | Total | | | 1,13,93,70,314.53 | 1,12,41,83,290.55 |
| III | Profit /Loss | | | | |
| | Net Profit/loss(-) for the year | | | 2,00,21,316.05 | 1,87,66,800.00 |
| | Profit/loss(-) brought forward | | | | |
| | Total | | | 2,00,21,316.05 | 1,87,66,800.00 |
| IV | Appropriations | | | | |
| | Transfer to statutory reserves | | | | |
| | Transfer to other reserves | | | | |
| | Transfer to Government/ Proposed divided | | | | |
| | Balance carried over to balance sheet | | | | |
| | Total | | | | |
| | Grand Total | | | 1,15,93,91,630.58 | 1,14,29,50,090.55 |

sd/- Chief Executive Officer | sd/- Director | sd/- Director | sd/- President | sd/- Final Auditor

## ଲାଗିନି ସୂଚନାଫଳକ

# ଦେଓଗାଁ ପଥର ବନ୍ଧ ମରାମତି ନିମ୍ନମାନର

ଆନନ୍ଦପୁର, ୨୯।୬ (ସମିସ)

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍‌ର ଦେଓଗାଁରେ ଥିବା ଐତିହାସିକ ପଥର ବନ୍ଧର ରକ୍ଷଣାବେକ୍ଷଣ ପାଇଁ ସରକାର ଅନୁଦାନ ଯୋଗାଇ ଦେଲେ; ହେଲେ ପଥର ପ୍ୟାକିଙ୍ଗ ଓ ମୋରମ ପରିବର୍ତ୍ତେ ମାଟି ପକାଇ ଏହି ଅର୍ଥକୁ ହଡ଼ପ କରିବା ଅଭିଯୋଗ ଏବେ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ସ୍ଥାନୀୟ ବେଙ୍ଗପାଟିଆ ପୋଖରୀରୁ ମାଟି ଆଣି ଏହି ପଥର ବନ୍ଧରେ ପକାଯିବା ଘଟଣାକୁ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଜରାଜୀର୍ଣ୍ଣ ହୋଇପଡିଥିବା ଏହି ବନ୍ଧ ଭୁଶୁଡ଼ି ପଡିବା ପରିସ୍ଥିତିରେ ଥିବାରୁ ଏହି ଐତିହ୍ୟର ସୁରକ୍ଷା ପାଇଁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମରାମତି ପାଇଁ ୨.୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅନୁଦାନରେ ଚଞ୍ଚକତା କରି ହାତୀଶିଳା ପାର୍ଶ୍ୱରୁ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ପଥରବନ୍ଧର ସୁରକ୍ଷା କାର୍ଯ୍ୟ ଏଯାଏ ଆରମ୍ଭ ହୋଇ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଫଳକ ଲଗା ନଯାଇ ନିଜ ମନମାନିରେ ଚାଲିଥିବା ଏହି କାର୍ଯ୍ୟର ସ୍ଥାୟିତ୍ୱନେଇ ଆଶଙ୍କା ପ୍ରକାଶ ପାଇଛି।

ଦେଓଗାଁଠାରେ ରହିଛି ଓଡ଼ିଶାର ଦ୍ୱିତୀୟ ପଥରବନ୍ଧ। ଏହାର ସୁରକ୍ଷା ପାଇଁ ହୋଇଥିଲା ଦାବି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ଏହି ଅର୍ଥ ବିନିଯୋଗ କରାଯାଉଥିବାରୁ ଏହି ପ୍ରାଚୀନ ପଥରବନ୍ଧ ଭୁଶୁଡ଼ି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀର ଅପରପାର୍ଶ୍ୱରେ ଆବଶ୍ୟକ ନ ଥିବା ସ୍ଥାନରେ ପଥର ପ୍ୟାକିଂ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ପୁଣି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।




- ୨.୫ କୋଟି ଅନୁଦାନ ବିନିଯୋଗରେ ଚଞ୍ଚକତା
- ପଥର ପ୍ୟାକିଙ୍ଗ ବଦଳରେ ବେଙ୍ଗ ପାଟିଆ ପୋଖରୀ ମାଟି

ଶ୍ରୀକୁଶଳେଶ୍ୱର ମନ୍ଦିର ଓ ଦେଓଗାଁ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ କୁଶେଇ ନଦୀ କୂଳରେ ନିର୍ମାଣ ହୋଇଥିବା ପଥରବନ୍ଧର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣ ହେଉ ନଥିବାରୁ ଅନାବନା ଗଛଲତା ମାଡିଯାଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପଥରବନ୍ଧର ସୁରକ୍ଷା ଜରୁରୀ ହୋଇପଡିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସାପ କାମୁଡ଼ାରେ ଚାଷୀ ମୃତ

ଆନନ୍ଦପୁର, ୨୯।୬ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୋଚିନ୍ଦା ପଞ୍ଚାୟତ ଖଡ଼ିପାଳ ଗ୍ରାମର ଜଣେ ବୃଦ୍ଧ ତଥା ଚାଷୀ ମଦନ ବେହେରା (୭୫) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ଣ ସମୟରେ ସେ ବିଲକୁ ଛେଳି ଧରି ଯାଇଥିବା ବେଳେ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ୨ ଗୁରୁତର



ହାଟଡ଼ିହୀ,୨୯।୬(ସମିସ): ସୋସୋ ଥାନା ଅନ୍ତର୍ଗତ ଢେଙ୍କା ବଜାର ନିକଟରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଦିବା ପ୍ରାୟ ୨ଟା ସମୟରେ ୨ଜଣ ବାଇକ ଆରୋହୀ ଢେଙ୍କା ବଜାର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଉଭୟ ବାଇକ ଆରୋହୀ ଗୁରୁତର ହୋଇ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାର ଦେଖି ଗୋରୁ ଚରାଳି ଏବଂ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ବୈଦାଖିଆ ଅଞ୍ଚଳର ରାମ ମୁଣ୍ଡା ହୋଇଥିବା ବେଳେ ଅନ୍ୟ ଜଣେ ହରିଚନ୍ଦନପୁର ଅଞ୍ଚଳର ମଙ୍ଗୁଲୁ ଲାଦୁରା ବୋଲି ଜଣାପଡ଼ିଛି। ସୋସୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପଠାଇଛି।

## ରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ



ବେଲବାହାଳି, ୨୯।୬(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ମଛାଳ ଗ୍ରାମର ମା' ବିଶ୍ୱ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରୁଦ୍ରେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ପୂଜକ ଅରବିନ୍ଦ ପତି, ସତ୍ୟନାରାୟଣ କର, ଉପେନ୍ଦ୍ର ତ୍ରିପାଠୀ, ବସନ୍ତ ପଣ୍ଡା, ପରୀକ୍ଷିତ ପାଣିଗ୍ରାହୀ, ରତ୍ନାକର ପତିଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା ହୋଇଥିଲା। କର୍ତ୍ତା ଭାବେ ବିଜୟ ବାରିକ ଓ ଧର୍ମପତ୍ନୀ ରଶ୍ମିତା ବାରିକ କାର୍ଯ୍ୟ ତୁଲାଇଥିଲେ। ସାଇଁକୁଳ ଆଞ୍ଚଳିକ ଶନିଶ୍ଚର ସାଂସ୍କୃତିକ ପରିଷଦ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ କୀର୍ତ୍ତନ କରାଯାଇଥିଲା। ଗ୍ରାମରେ ଚାରିଦିନ ଧରି ଶାନ୍ତିମୟ, ଭାବମୟ, ଆନନ୍ଦମୟ, ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ମା'ବିଶ୍ୱ ତାରିଣୀ ମନ୍ଦିର କମିଟି ସଦସ୍ୟଙ୍କ ସହିତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରଯାଇଥିଲା।

## ଭଣ୍ଡା ଗାଁ ରଥଯାତ୍ରାରେ ଶ୍ରଦ୍ଧାଳଙ୍କୁ ଭିଡ଼



ଚମ୍ପୁଆ, ୨୯।୬(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମର ରଥଯାତ୍ରା କମିଟି ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ନେତା ତଥା ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ତ୍ରିପାଠୀଙ୍କ ଯୋଗ ଦେଇଥିଲା ବେଳେ ତାଙ୍କ ସହ କ୍ଷେତ୍ରବାସୀ ମହାନ୍ତ, ଦିବାକର ମହାନ୍ତ, ଦାଶରଥୀ ମହାକୁଡ଼, ହୃଷୀକେଶ ମହାନ୍ତ, ଯଦୁମଣି ମହାନ୍ତ, ବଳରାମ ନାଏକ, ରତ୍ନାକର ମହାନ୍ତ ଓ ମିଡିଆ ବନ୍ଧୁ ଡମ୍ବରୁଧର ମହାନ୍ତ ଯୋଗ ଦେଇଥିଲେ। ଭଣ୍ଡା, କଂସରା ଗ୍ରାମର ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ସମସ୍ତ ବିଧି ରାଜା ରହିତ ମହାନ୍ତ ଓ ରାଣୀ ଗୀତାରାଣୀ ମହାନ୍ତଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବେଳେ ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ସହଯୋଗ କରିଥିଲେ।

## ନଳକୂଅରୁ ବାହାରୁଛି ଗୋଳିଆ ପାଣି



ହାଟଡ଼ିହୀ,୨୯।୬(ସମିସ): ହାଟଡ଼ିହୀ ବ୍ଲକ୍ ସୁନ୍ଦରାପାଳ ଗ୍ରାମର ବିଭିନ୍ନ ନଳକୂଅରୁ ଗୋଳିଆ ପାଣି ବାହାରୁଥିବା ଦେଖାଯାଇଛି। ସାଧାରଣତଃ ଗାଁଲୋକେ ବିଶୁଦ୍ଧ ପାନୀୟଜଳ ପାଇବାରେ ନାନା ସମସ୍ୟା ଭୋଗୁଛନ୍ତି। ପ୍ରକାଶ ଥାଉକି, ଗାଁରେ ୧୩୦ରୁ ଊର୍ଦ୍ଧ୍ୱ ପରିବାରର ତିନିଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମାତ୍ର ଦୁଇଟି ନଳକୂପ ଅଛି। ଉକ୍ତ ଦୁଇଟି ନଳକୂଅରୁ ଗୋଳିଆ ପାଣି ବାହାରୁଛି। ଗାଁ ଲୋକେ ବାଧ୍ୟ ହୋଇ ସେହି ନଳକୂଅ ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ବବୁଲ ଖଣ୍ଡେଇ, ତୁଳସୀ ଖଣ୍ଡେଇ, କନକ ଖଣ୍ଡେଇ, ରଶ୍ମିତା ଖଣ୍ଡେଇ, କୁମୁଦିନୀ ନାଇକ, ବାବୁ ଖଣ୍ଡେଇ, ସଞ୍ଜୁ ଖଣ୍ଡେଇ, କଟି ଖଣ୍ଡେଇ, ବିଜୁ ଖଣ୍ଡେଇ, ଜାଗା ନାଇକ, ବଳିଆ ନାଇକ, ଶମ୍ଭୁନାଥ ଖଣ୍ଡେଇ, ବସନ୍ତ ଖଣ୍ଡେଇ, ନୀରାଶ୍ରୀ ନାଇକ, ସୁଶାନ୍ତ ଖଣ୍ଡେଇ, ମିଲୁ ଖଣ୍ଡେଇ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବର୍ଷା ହେଲେ ବିଦ୍ୟୁତ ଖୁଣ୍ଟରୁ ବାହାରୁଛି ନିଆଁ

### ଅଙ୍ଗନବାଡ଼ି ପିଲାଙ୍କ ପାଇଁ ସାଜିଛି ବିପଦ



ବେଲବାହାଳି,୨୯।୬(ସମିସ): ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତ ଅନ୍ତର୍ଗତ ସିଆପଡ଼ା ଗ୍ରାମର ଅଙ୍ଗନବାଡ଼ି ନିକଟରେ ଥିବା ଷ୍ଟ୍ରିଟ ଲାଇଟ ଖୁଣ୍ଟରୁ ନିଆଁ ବାହାରିବା ସହ କରେଣ୍ଟ ମାରୁଥିବା ଅଭିଯୋଗ ହୋଇଛି। ପ୍ରାୟ ସମସ୍ତ ଗାଁକୁ ଷ୍ଟ୍ରିଟ ଲାଇଟ ପ୍ରଦାନ କରାଯାଇଥିବା ବେଳେ ଲାଇଟଗୁଡିକ କେଉଁଠି ଜଳୁଛି ତ ଆଉ କେଉଁଠି ଭାଙ୍ଗି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହି ଗ୍ରାମର ଅଙ୍ଗନବାଡି ପାର୍ଶ୍ୱବର୍ତ୍ତୀ ଖୁଣ୍ଟରୁ ବର୍ଷା ହେଲେ ଚାର୍ଜ ହୋଇ କରେଣ୍ଟ ମାରୁଛି। ଦୀର୍ଘ ଦିନ ହେବ ଲାଇଟର ସୁଇଚ ଦିନରେ ବି ବନ୍ଦ କରାଯାଉନାହିଁ। ଯାହାଫଳରେ ସରକାରଙ୍କ ଉପରେ ବିଦ୍ୟୁତ ବିଲ୍‌ର ଟିକସ ବଢୁଛି। ଏନେଇ ଗ୍ରାମବାସୀ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ସମେତ ଗ୍ରାମକୁ ଆସୁଥିବା ରାମଚନ୍ଦ୍ରପୁର ସର୍କଲରେ କାର୍ଯ୍ୟରତ ଥିବା ଟିପିଏନ ଓଡିଏଲର କର୍ମଚାରୀଙ୍କୁ ଜଣାଇଥିଲେ ସୁଦ୍ଧା ଏହା ଆମ କାମ ନୁହେଁ, ଏହା ପଞ୍ଚାୟତ କାମ କହି ଚାଲିଯାଉଥିବା ଅଭିଯୋଗ ହେଉଛି। କିଛି ଦିନ ହେବ ଲଗାଣ ବର୍ଷା ହେଉଛି ଯଦି ଅଙ୍ଗନବାଡ଼ିକୁ ଆସୁଥିବା କୋମଳମତି ଶିଶୁମାନେ ଅଜାଣତରେ ଏହି ଖୁଣ୍ଟକୁ ସ୍ପର୍ଶ କରନ୍ତି ତାହେଲେ ବଡ଼ ଅଘଟଣ ଘଟିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗ୍ରାମର ପ୍ରକାଶ ରାଉତ, କୋଦଣ୍ଡ ନାୟକ, ମୃଷା ମହାନ୍ତି, ବାବାଜୀ ନାୟକ, କାହ୍ନୁଚରଣ ଜେନା, କାବୁଲି ନାୟକ, ବାବୁଲା ନାୟକ ସମେତ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

## କୌଳିକ ବୃତ୍ତିକୁ ଆପଣାଇଛନ୍ତି ବୃଦ୍ଧ ଶ୍ୟାମ



ରାମଚନ୍ଦ୍ରପୁର,୨୯।୬(ସମିସ): ଆଧୁନିକ ଯୁଗରେ ଆସ୍ଥା ଓ ବିଶ୍ୱାସ ଆଗରେ ବିଜ୍ଞାନ ବି ହାର ମାନିଛି। ଏହି ପରିପ୍ରେକ୍ଷୀରେ ମହିଳାମାନେ ଏବେବି ନିଜର ଓଷା ବ୍ରତ ଜାରି ରଖିଛନ୍ତି। ସୁଦଶା ବ୍ରତ, ସାବିତ୍ରୀ ବ୍ରତ,ତାରିଣୀ ବ୍ରତ, ମଙ୍ଗଳା ବ୍ରତ ଭଳି ଅନେକ ପୂଜାରେ ମହିଳାମାନେ ସୂତାରେ ତିଆରି ଏକ ବ୍ରତକୁ ନିଜ ବାହୁରେ ଗୁଡ଼ାଇ ରଖି ପରିବାରର ମଙ୍ଗଳ କାମନା କରିଥାନ୍ତି। ଏହି ବ୍ରତକୁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ତିଆରି କରି ବିକ୍ରାବଟା କରିଥାନ୍ତି। ବର୍ଷ ତମାମ୍ ଏହି ବ୍ରତ ତିଆରି କରି ନିଜ ଗୁଜୁରାଣ ମେଣ୍ଟାଉଥିବା ଜଣେ ବୃଦ୍ଧ ହେଉଛନ୍ତି ଶ୍ୟାମସୁନ୍ଦର ପାଗଳ(୭୦)। ଘର ପଡ଼ୋଶୀ ଯାଜପୁର ଜିଲ୍ଲା କଡ଼ମା ଗ୍ରାମରେ। ହେଲେ କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁର, ଜରଦା, ବଡପଦନା, ଅଳତି, ବେଲସୁନ୍ଦରୀ ସମେତ ପାଖାଆଖି ୧୫ ଖଣ୍ଡ ଗାଁରେ ଘରକୁ ଘର ବୁଲି ବ୍ରତ ବେପାର କରିଥାନ୍ତି ଶ୍ୟାମ। ଏକ ନିର୍ଦ୍ଦିଷ୍ଟ ନାଲି, କଳା ଏବଂ ରଙ୍ଗିନ ସୂତାରେ ଏହି ବ୍ରତ ତିଆରି ହୋଇଥାଏ। ବ୍ରତ ତିଆରିରେ ପୁରା ପରିବାର ସହଯୋଗ କରିଥାନ୍ତି। ବିକ୍ରି ଦାୟିତ୍ୱ ନ୍ୟସ୍ତ ଥାଏ ବୃଦ୍ଧ ଶ୍ୟାମସୁନ୍ଦର ଉପରେ। ବ୍ରତ ଗୋଟା ପ୍ରତି ୧୦ ଟଙ୍କା ହିସାବରେ ମହିଳାମାନେ କ୍ରୟ କରିନେଇଥାନ୍ତି। ହେଲେ ଏହି ବ୍ରତ ବେପାର କରି ଆଜିକାଲିର ମହଙ୍ଗା ଯୁଗରେ ପରିବାର ପୋଷଣ କରିବା କଷ୍ଟସାଧ୍ୟ ହୋଇଥିଲେ ସୁଦ୍ଧା ବ୍ରତ ବେପାରରୁ କେବେ ବିଚ୍ୟୁତ ହୋଇନାହାନ୍ତି। ପରିଣତ ବୟସରେ ମଧ୍ୟ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖି ଆସିଛନ୍ତି ଶ୍ୟାମସୁନ୍ଦର।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ



କେନ୍ଦୁଝର, ୨୯।୬(ସମିସ): ପ୍ରଫେସର ପ୍ରଶାନ୍ତଚନ୍ଦ୍ର ମହଲାନୋବିଜଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ କେନ୍ଦୁଝର ଜିଲ୍ଲାପାଳଙ୍କ ଦରବାର ହଲରେ ପାଳନ କରାଯାଇଛି। ୧୯ତମ ବର୍ଷରେ ଅନୁଷ୍ଠିତ ହୋଇଥିବା ଏହି ସ୍ୱତନ୍ତ୍ର ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ସହପ୍ରାଧ୍ୟାପକ (ଅର୍ଥନୀତି) ଡାକ୍ତର ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହପ୍ରାଧ୍ୟାପକ(ବାଣିଜ୍ୟ) ଡ଼ାକ୍ତର ଅଜିତ ବରାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌମ୍ୟସାର୍ଥକ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଏହି ଉତ୍ସବରେ ସାମଗ୍ରିକ ଭାବରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଟଗାଁ ବ୍ଲକର ପ୍ରବୋଧ କୁମାର ଜେନା, ଆନନ୍ଦପୁର ବ୍ଲକର ମଳୟ ରଞ୍ଜନ ପରିଡା ଏବଂ ପାଟଣା ବ୍ଲକର ସାଲଖାନ ସୋରେନ ଏବଂ ସେହିପରି ୨୦୨୫-୨୬ କୃଷି ବର୍ଷ ପାଇଁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଷିପୁରାର ବ୍ଲକର ସନାତନ ସାହୁ, ଯୁଗ୍ମ ଦ୍ୱିତୀୟ ରେ ଝୁମ୍ପୁରା ବ୍ଲକର ତାପସ କୁମାର ପ୍ରଧାନ ଓ ହରିଚନ୍ଦନପୁର ବ୍ଲକର ପ୍ରଦୀପ ଜେନା ଏବଂ କେନ୍ଦୁଝର ସଦର ବ୍ଲକର ଭାଗ୍ୟଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହନିର୍ଦ୍ଦେଶକ ଜୟରାମ ଟୁଡୁ, ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ପବିତ୍ର ମୋହନ ନାୟକ, ଅନୁପମା ପାତ୍ର, ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ ପୃଥ୍ୱୀରାଜ ସୋରେନ, ମାଧୁରୀ ପ୍ରିୟା ହନହଗା, ପ୍ରଶାନ୍ତ ପ୍ରଧାନ, ଅନୁସନ୍ଧାନକାରୀ ସୁଶ୍ରୀ ବିନ୍ଦିଆ ମୁଣ୍ଡା, ଦୋଳମଣି ହଂସ, ବିଷ୍ଣୁପ୍ରିୟା ଓଝା ଓ ଡିପିଏମୟୁର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଫେଲ୍ ମାରୁଛି ହାତୀ ଘଉଡ଼ା

# ୩୫ ହାତୀଙ୍କ ଉପଦ୍ରବ; ଲଗାଣ ବର୍ଷାରେ ଭାଙ୍ଗିଲେ ୯ ଘର

ଚମ୍ପୁଆ, ୨୯।୬(ସମିସ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତ ତଥା ଉଖୁଣ୍ଡା ସେକ୍ସନର ରାଇଗୁଡି ଓ ଡିପାସାହିଠାରେ ୩୫ ଗୋଠିଆ ହାତୀପଲଙ୍କ ଉପଦ୍ରବ ଫଳରେ ୯ ଜଣଙ୍କ ଘର ଭାଙ୍ଗିଯାଇଛି। ଏହି ଘଟଣାରେ ବନ ବିଭାଗର ହାତୀ ଗତିବିଧି ନିୟନ୍ତ୍ରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲଗାଣ ବର୍ଷା ସମୟରେ ଉକ୍ତ ଅଞ୍ଚଳରେ ୯ ଜଣଙ୍କଣ ଘର ହାତୀମାନେ ଭାଙ୍ଗିଥିବା ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ ସୂଚନା ଦେଇଛନ୍ତି। ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ବର୍ତ୍ତମାନ ନିତିଦିନିଆ ଘଟଣା। ହାତୀପଲଙ୍କ ପାଇଁ ଏକପ୍ରକାର ଆବାସସ୍ଥଳ ପାଲଟି ଗଲାଣି। ଏହି ହାତୀପଲ ଦ୍ୱାରା ଏକର ଏକର ଚାଷ ଉଜୁଡି ଯାଉଥିବା ବେଳେ ସଞ୍ଜ ନଇଁଲେ ହାତୀପଲ ଜଙ୍ଗଲରୁ ବାହାରି ଗ୍ରାମରେ ପ୍ରବେଶ କରି ତାଣ୍ଡବ ଚଳାଉଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା କ୍ଷତି ସହୁଛନ୍ତି। ଗତରାତି ଏହି ୩୫ ଗୋଠିଆ ହାତୀପଲ ରାଇଗୁଡି ଅଞ୍ଚଳର ଡିପାସାହିରେ ରାତି ପ୍ରାୟ ୨ଟା ପରେ ପ୍ରବେଶ କରି ଦୁର୍ଯ୍ୟୋଧନ ବେହେରା, ଧିରେନ ନାଏକ, ଅନିରୁଦ୍ଧ ନାଏକ, ରାଧିକା ନାଏକ, ଲକ୍ଷ୍ମୀଧର ନାଏକ, ଶ୍ୟାମ ନାଏକ, ଗୁଲଟ ନାଏକ, ଦାଶରଥୀ ନାଏକ ପ୍ରମୁଖଙ୍କ ଘରକୁ ଭାଙ୍ଗିଦେଇଛନ୍ତି। କେତକଙ୍କ ଘର କାନ୍ଥକୁ କଣା କରିଦେଇଥିବା ବେଳେ କେତେକଙ୍କ ଘର କାନ୍ଥ ଭାଙ୍ଗି ଦେଇଛନ୍ତି। ରାତିଅଧରେ ହାତୀପଲଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଗ୍ରାମରେ ଭୟର ବାତାବରଣ ଦେଖାଯାଇଛି। ଲଗାଣ ବର୍ଷା ସାଙ୍ଗକୁ ହାତୀ ଉପଦ୍ରବ ନେଇ ଗ୍ରାମବାସୀ ନିଜକୁ ସୁରକ୍ଷିତ ମଣୁ ନଥିବା ବେଳେ ବିଭିନ୍ନ ବାଧାବିଘ୍ନ ମଧ୍ୟରେ ବନବିଭାଗ ହାତୀ ଘଉଡ଼ାଇବା କୌଶଳ ଫେଲ ମାରୁଛି। ଫଳରେ ବିଭାଗର ଚିନ୍ତା ବଢ଼ିଯାଇଛି।




ସକାଳ THE SAKALA
ସୋମବାର
୩୦ ଜୁନ, ୨୦୨୫



# ଘରୁ ସୁନା ଅଳଙ୍କାର ସହ ନଗଦ ୧ଲକ୍ଷ ୩୦ହଜାର ଲୁଟ୍

କରଞ୍ଜିଆ,୨୯।୬(ସମିସ):

କରଞ୍ଜିଆ ଏନଏସି ୱାର୍ଡ଼ ନଂ ୧ ସରୁବାଲି ଗ୍ରାମରୁ ଜଣେ ଭଡାଦାରଙ୍କ ଘରର ଝରକା ଗ୍ରିଲ ତାଡି ଚୋରି ହୋଇଥିବା ନେଇ ଆଜି ଥାନାରେ ଅଭିଯୋଗ ହୋଇଛି। ଶିମିଳିପାଳ ବନାଞ୍ଚଳରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା ଦେବାଶିଷ ସାହୁ କରଞ୍ଜିଆ କନଭେଣ୍ଟ ସ୍କୁଲରେ ଦୁଇ ଛୁଆଙ୍କୁ ପାଠ ପଢ଼ାଉଥିବା ହେତୁ ସରୁବାଲିରେ ଭଡା ଘର ନେଇ ସସ୍ତ୍ରୀକ ରହୁଥିଲେ। ଦେବାଶିଷ ଶିମିଳିପାଳ ଅଞ୍ଚଳକୁ କାର୍ଯ୍ୟରେ ପଳାଉଥିବା ବେଳେ ଘରେ ସ୍ତ୍ରୀ ସଂଗୀତା ସାହୁ ଓ ପିଲାଦ୍ୱୟ ରହୁଥିଲେ। ଶନିବାର ରାତିରେ ପିଲାଦ୍ୱୟଙ୍କୁ ପାଠ ପଢ଼ାଉଥିବା ରୁମରେ ସଂଗୀତା ଶୋଇ ପଡ଼ିଥିଲେ। ବାହାର ମୁଖ୍ୟ ଦରଜା ବନ୍ଦ ଥିଲେ ମଧ ଚୋରମାନେ ଝରକା ଗ୍ରିଲ ତାଡି ବେଡ଼ ରୁମରେ ପଶି ଗୋଟେ ସୁନାର ଲକେଟ, କାନଫୁଲ, ମଙ୍ଗଳସୂତ୍ର ଓ ନଗଦ ୧ଲକ୍ଷ ୩୦ ହଜାର ଟଙ୍କା ନେଇଯାଇଛନ୍ତି। ରବିବାର ସକାଳେ ସଂଗୀତା ଥାନାରେ ଅଭିଯୋଗ କଲା ପରେ ତଦନ୍ତକାରୀ ଅଧିକାରୀ ଉପ ଆରକ୍ଷୀ ନିରୀକ୍ଷକ ସୁଧାଂଶୁ ଶେଖର ସେଠୀ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି। ସୋମବାର ବାରିପଦାରୁ ସାଇଣ୍ଟିଫିକ ଦଳ ଆସି ତଦନ୍ତ କରିବା ପରେ ଜଣାପଡିବ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

# ରେଲୱେ କ୍ରସିଂର ଗଳାପୋଲରେ ୪ ଫୁଟ୍‌ର ପାଣି



ବାଙ୍ଗିରିପୋଷି, ୨୯।୬ (ସମିସ): ଲଗାଣ ବର୍ଷାରେ ବାଙ୍ଗିରିପୋଷି ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖାଦେଇଛି। କଳାବାଡ଼ିଆ ଓ ବାଙ୍ଗିରିପୋଷିକୁ ସଂଯୋଗ କରୁଥିବା ଏମଡିଆର ୪୫ ରାସ୍ତା ପୁନସିଆ ରେଲୱେ କ୍ରସିଂର ଗଳା ପୋଲରେ ୪ ଫୁଟର ପାଣି ପ୍ରବାହିତ ହେବା ଫଳରେ ଦିନତମାମ ସେହି ରାସ୍ତା ଦେଇ ଯିବାଆସିବା ସମ୍ପୂର୍ଣ୍ଣ ଠପ ହୋଇ ଯାଇଥିଲା। ଅଳଙ୍କାର ନାମକ ଯାତ୍ରୀବାହୀ ବସଟି ଦୀର୍ଘ ୩ ଘଣ୍ଟା ଧରି ପାଣିରେ ଫସି ରହିଥିଲା; ଯାହାପାଇଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତକାଲି ସନ୍ଧ୍ୟାରୁ ଚାଲୁ ରହିଥିବା ଲଗାଣ ବର୍ଷା ପାଇଁ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଅତିରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ଫଳରେ ବାଙ୍ଗିରିପୋଷି ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀରେ ପାଣିର ପରିମାଣ ବୃଦ୍ଧି ହେବାରେ ଲାଗିଛି। ଏକର ଏକର ଚାଷ ଜମିଉପରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

# ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

ବାଙ୍ଗିରିପୋଷି, ୨୯।୬(ସମିସ): ଜଣେ ଅଜଣା ମହିଳାଙ୍କ ମୃତଦେହ ଆଜି ଉଦ୍ଧାର କରିଛି ବାଙ୍ଗିରିପୋଷି ପୁଲିସ। କଳାବାଡ଼ିଆ-ବାଙ୍ଗିରିପୋଷି ଏମଡିଆର-୪୫ର ଗୋଷାଣୀପାଲ୍ ଛକ ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡିଥିବାର ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠେଇ ଦେଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ କରୁଛି। ଖବର ଲେଖା ହେଲା ବେଳକୁ ମହିଳାଙ୍କ ପରିଚୟ ମିଳିପାରିନାହିଁ। ମହିଳାଙ୍କ ମୃତ୍ୟୁ କିପରି ହେଲା ସେନେଇ ସ୍ପଷ୍ଟ ହୋଇନାହିଁ।

# ଲଗାଣ ବର୍ଷା ଜାରି, ଏକାଧିକ ପରିବାର ଜଳବନ୍ଦୀ





କୁଆମରା ୨୯।୬(ସମିସ): କ୍ରମାଗତ ୩ ଦିନ ଧରି ଲଘୁଚାପ ଜନିତ ବର୍ଷା ଲାଗି ରହିବା ଯୋଗୁଁ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଗଡସାହି ଗ୍ରାମର ଏକାଧିକ ପରିବାର ଦୁଇ ଦିନ ଧରି ଜଳବନ୍ଦୀ ରହିଛନ୍ତି। ବର୍ଷା ଜଳ ନିଷ୍କାସନ ନହୋଇ ପାରିବା ଫଳରେ ଗ୍ରାମର କ୍ଷୀତିଶ ଚନ୍ଦ୍ର ରାଉତ, ସନ୍ତୋଷ ରାଉତ, ସନାତନ ମହାପାତ୍ର, ରାଧା ମୋହନ ପାହାଡ ସିଂ, ରାମକୃଷ୍ଣ ପାଢୀ, ମିନତୀ ରାଇସିଂହ ପ୍ରଭୃତିଙ୍କ ଘର ସମ୍ମୁଖରେ ଦୁଇ ଫୁଟ ଉଚ୍ଚର ବର୍ଷା ଜଳ ଲହଡି ମାରୁଛି। ତଳିଆ ଘରଗୁଡିକ ମଧ୍ୟକୁ ଗତ ରାତିରୁ ପାଣି ପଶିବା ଯୋଗୁଁ ମାଟି ଘରଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେବେ ଗ୍ରାମର ତଳପାଖରେ ମାଟି ଜମି ରହିବା ଯୋଗୁଁ ଏପରି ଅବସ୍ଥା ହୋଇଥିବାର ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସରପଞ୍ଚ ରବିନ୍ଦ୍ର ସିଂ ପରିଦର୍ଶନ କରି ଫେରିଛନ୍ତି। ଅସ୍ଥାୟୀ ଭାବେ ଖୁବ୍ ଶୀଘ୍ର ଜଳ ନିଷ୍କାସନ କରାଯିବା ସହ ବର୍ଷା ଋତୁ ପରେ ଡ୍ରେନେଜ ବ୍ୟବସ୍ଥା କରାଯାଇ ସ୍ଥାୟୀ ସମାଧାନ ହେବ ବୋଲି ଶ୍ରୀ ସିଂ କହିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟିରେ ଲାଗିଲା ନିଆଁ, ବର୍ତ୍ତିଲେ ଶ୍ରଦ୍ଧାଳୁ



ବାରିପଦା, ୨୯।୬(ସମିସ): ଲାଲବଜାରସ୍ଥିତ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ନିକଟରେ ବିଦ୍ୟୁତ ଖୁଣ୍ଟିରେ ନିଆଁ ଲାଗିଯାଇଥିଲା। ରବିବାର ସନ୍ଧ୍ୟାରେ ଉକ୍ତ ଅଘଟଣ ଘଟିଛି। ରଥ ଟାଣି ଶ୍ରଦ୍ଧାଳୁ ଉକ୍ତ ରାସ୍ତା ଦେଇ ଫେରୁଥିବା ବେଳେ ହଠାତ ବିଦ୍ୟୁତ ଖୁଣ୍ଟି ଉପର କେବୁଲଟି ଜଳି ଉଠିଥିଲା। ଜୋରରେ ନିଆଁ ଜଳିବାରୁ ଲୋକେ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ନିଆଁ ଲିଭାଇ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଲଗାଣ ବର୍ଷା ପାଇଁ ସର୍ଟ ସର୍କିଟରୁ କେବୁଲ ଜଳି ଯାଇଥିବା ନେଇ ଅନୁମାନ କରାଯାଉଛି। ତେବେ ଶ୍ରଦ୍ଧାଳୁମାନେ ଅଳ୍ପକେ ଅଘଟଣରୁ ବର୍ତ୍ତି ଯାଇଛନ୍ତି।

# ୨ ବଖରା ଜଳିଗଲା



ବଡ଼ସାହି,୨୯।୬(ସମିସ): ବଡ଼ସାହି ବ୍ଲକ୍ ଅଧୀନ ମାଧପୁର ପଞ୍ଚାୟତ ହାତିମଡ଼ା ଗ୍ରାମର ଶରତ ଚନ୍ଦ୍ର ପାତ୍ରଙ୍କର ୨ବଖରା ଘର ଅଗ୍ନିକାଣ୍ଡରେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ବେଳେ ଏହାର ଭୟାବହତା ପାଇଁ ଘର ଭିତରୁ କିଛି ଜିନିଷ କାଢିବା ପାଇଁ ପରିବାର ଲୋକେ ସମୟ ମଧ ପାଇନାହାନ୍ତି। ଘରର ୩ଟି ଗାଈରୁ ଗୋଟିଏ ମରିଯାଇଥିବା ବେଳେ ଅନ୍ୟ ଦୁଇଟି ଆହତ ହୋଇଛନ୍ତି। ଶ୍ରୀ ପାତ୍ର ମଧ ଆହତ ହୋଇ ଚିକିତ୍ସାଧୀନ ହେଉଥିବାର ଜଣାଯାଇଛି। ଏତଦବାଦ ଘରର ସମସ୍ତ ଆସବାବପତ୍ର ଓ ଖାଦ୍ୟଶସ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଯାଇଛି। ବଡ଼ସାହି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ତହସିଲଦାର ଓ ବିଡିଓଙ୍କୁ ଫୋନ କରି ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ରାସ୍ତା ବିପଦସଙ୍କୁଳ



କେନ୍ଦୁଝର,୨୯।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରଠାରୁ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ପୁରୁଣାସାହି ଦେଇଯାଇ ଯାଇଥିବା ପ୍ରଧାନମନ୍ତ୍ରୀ ପିଚୁ ରାସ୍ତା ବିପଦସଙ୍କୁଳ ପାଲଟିଛି। ଭାରୀଯାନ ଯାତାୟାତ କରିବା ଯୋଗୁଁ ପିଚୁ ପୋଲ ନିକଟରେ ଉଠି ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ୧୦୮ ଆମ୍ବୁଲାନ୍ସ ଯିବାଆସିବାରେ ଅସୁବିଧାରେ ପଡୁଛି। ସ୍କୁଲ କଲେଜ ସମେତ ସାଧାରଣ ଲୋକେ ପଦ୍ମପୁର ଓ କେନ୍ଦୁଝର ସହରକୁ ଗଲାବେଳେ କଷ୍ଟ ଭଗୁଛନ୍ତି। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଦୈନଦିନ ଦୁର୍ଘଟଣା ଘଟୁଛି। ତୁରନ୍ତ ରାସ୍ତା ମରାମତି କରାଯିବାକୁ ସମାଜସେବୀ ଦିଲ୍ଲୀପ କୁମାର ବେହେରା, ବିକ୍ରମ କିଶୋରୀ ମହାନ୍ତ ଓ ଗ୍ରାମବାସୀ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଧସିଲା ମାଟି କାନ୍ଥ



ତୁରୁମୁଙ୍ଗା, ୨୯।୬(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ବେହାଲ ହୋଇପଡିଛି। ୩ ଦିନ ଧରି ଝିପି ଝିପି ବର୍ଷା ଲାଗି ରହୁଥିବା ଯୋଗୁଁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଲଗାଣ ବର୍ଷା ଫଳରେ ରବିବାର ସକାଳୁ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବଡ ନୂଆଗାଁ ଗ୍ରାମର ବିଧବା ମହିଳା ଆସଲ ବେହେରାଙ୍କ ମାଟି ଘରର କାନ୍ଥ ଭୁଶୁଡି ପଡିଛି। ପରିବାର ଲୋକେ ଘରେ ଥିବା ବେଳେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଆସଲଙ୍କୁ ପଲିଥିନ ଯୋଗାଇ ଦିଆ ଯାଇଥିବା ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି। ଆସଲ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ରହ୍ମାକୁମାରୀଜ ପାଠଶାଳାରେ ଆଲୋଚନାଚକ୍ର



କୁଆମରା, ୨୯।୬(ସମିସ): ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ଅଛଡା ଗ୍ରାମରେ ବ୍ରହ୍ମାକୁମାରୀଜ ପାଠଶାଳାରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ସଞ୍ଚାଳିକା ସାବିତ୍ରୀ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଶିକ୍ଷାବିତ ଦେବବ୍ରତ ବାରିକ, ଉଦଳା ସେବା କେନ୍ଦ୍ରର ଶିକ୍ଷୟିତ୍ରୀ ବିକେ ବିକେ ମନସ୍ୱିନୀ, ଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ବିକେ ଚନ୍ଦ୍ର ମୋହନ, ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜସ୍ଥାନର ବିକେ ଚିତ୍ତରଞ୍ଜନ ପ୍ରମୁଖ ଯୋଗ ଦେଇଥିଲେ। ଘାଘରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାରତୀ ଜେନାଙ୍କୁ ଚାକିରି କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ସଫଳତା ପାଇଁ ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ୍ ପ୍ରେଟନ୍ ଡଃ ରମାକାନ୍ତ ମହାନ୍ତଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିକେ ବନିତା ବେହେରା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମଦ କାରଖାନାରେ ଚଢ଼ଉ

ବେତନଟୀ,୨୯।୬(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ଜଦୁନାଥପୁର ଅଞ୍ଚଳରେ ଚଢ଼ଉ କରାଯାଇ ୪୨ଶହ ଲିଟରରୁ ଅଧିକ ମଦ ଜବତ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ଏକ ମଦ କାରଖାନା ଉପରେ ଚଢଉ କରାଯାଇ ବହୁ ସାମଗ୍ରୀ ନଷ୍ଟ କରିଛନ୍ତି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇପାରିନାହିଁ।

# ଚମକପୁର- ଖଣ୍ଡବନ୍ଧ ରାସ୍ତା ନିର୍ମାଣ ନିମ୍ନମାନର



ଠାକୁରମୁଣ୍ଡା,୨୯।୬(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମକପୁର ଓ ଖଣ୍ଡବନ୍ଧ ରାସ୍ତା ନିର୍ମାଣ ହୋଇଛି; ହେଲେ ପେଟି ଠିକାଦାର ନିମ୍ନମାନର କରିଥିବାରୁ ଏବେ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଚମକପୁର ଭାୟା ତାଳପଦା ଖଣ୍ଡବନ୍ଧ ରାସ୍ତା ନିର୍ମାଣ ପାଇଁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ସତ୍ୟେନ୍ଦ୍ର ପ୍ରସାଦଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏବେ ଏହି ରାସ୍ତା କାମ ୭୦ ପ୍ରତିଶତ ସରିଥିଲେ ମଧ ୧୦ଟି ପୋଲ କାମ ଅଧାରେ ରହିଛି। ନାମଫଳକରେ ବର୍ଷେ ୨୧.୪.୨୩ରେ ଆରମ୍ଭ ହୋଇ ୨୦.୫.୨୪ରେ ହେବ ଏହି କାର୍ଯ୍ୟ ଶେଷ ହୋଇସାରିଛି। ରାସ୍ତାକାମ ଶେଷ ହେବା କଥା; କିନ୍ତୁ ଏ ଯାଏ ୧୦ଟି ପୋଲର କାମ ସରିନାହିଁ। କାମ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ନିମ୍ନମାନର କାମ ହୋଇଛି। କିଛି ସ୍ଥାନରେ କଂକ୍ରିଟ ଉଠିଗଲାଣି। ବଡ଼ ବଡ଼ ଖାଲ ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଲୋକେ ଠାକୁରମୁଣ୍ଡାରୁ ଭୀମକୁଣ୍ଡ, ପାଟଣା, ଘଟଗାଁ, କେନ୍ଦୁଝର ଆଦି ସ୍ଥାନକୁ ଯିବାଆସିବା କରୁଛନ୍ତି।

# ବିଦ୍ୟାଳୟ ପ୍ରବେଶ ପଥରେ କାଦୁଅ ପଚପଚ

ବହଳଦା/ତିରିଂ,୨୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ସାନଭୁଣ୍ଡୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାଙ୍ଗୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରବେଶ ପଥ କାଦୁଅ ପଚପଚ ହୋଇଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବତନ ଶିକ୍ଷାମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଗ୍ରାମ ଚାଙ୍ଗୁଆଠାରେ ୧୯୫୪ ମସିହାରେ ସ୍ଥାପିତ ହୋଇଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରିଥାନ୍ତି। ଏଠାରେ ଉତ୍ତମ ଶିକ୍ଷା ବ୍ୟବସ୍ଥା ରହିଛି। ହେଲେ ବିଦ୍ୟାଳୟର ମୁଖ୍ୟ ଗେଟ୍ ସମ୍ମୁଖରେ କାଦୁଅ ଆଣ୍ଠୁଏ କାଦୁଅ ରହିଥିବାରୁ ଛାତ୍ରଛାତ୍ରୀ ଯିବାଆସିବାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକ କାଦୁଅରେ ପଡି ଛାତ୍ରଛାତ୍ରୀଙ୍କ ଡ୍ରେସ କାଦୁଅ ହେବା ଫଳରେ ଘରକୁ ଫେରିବାକୁ ବାଧ ହେଉଛନ୍ତି। ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ସପ୍ତାହିକ ହାଟ ସମସ୍ୟା ସମାଧାନ ଓ ନୂତନ ସଦସ୍ୟ ଚୟନ



ବଡ଼ସାହି,୨୯।୬(ସମିସ): ବଡ଼ସାହି ବ୍ଲକ୍ ଭୀମଦା ପଞ୍ଚାୟତ ନୂଆହାଟରେ ଥିବା ସାପ୍ତାହିକ ହାଟ ନିଲାମ ଓ ପରିଚାଳନାକୁ ନେଇ ଗତ କିଛି ଦିନ ଧରି ବିବାଦ ଲାଗି ରହିଥିଲା। ମାତ୍ର ସମାଜସେବୀ ପ୍ରକାଶ କର ମହାପାତ୍ରଙ୍କ ହସ୍ତକ୍ଷେପ ପରେ ଏହି ସମସ୍ୟାର ସମାଧାନ ହୋଇଛି। ଏହି ଅବସରରେ ନୂଆହାଟ ବିଜୁ ପାଠାଗାର ପ୍ରାଙ୍ଗଣରେ ଗୋ÷ରମୋହନ ଦଳେଇଙ୍କ ସଭାତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଉକ୍ତ ହାଟଟି ନୂଆହାଟ ବାସନ୍ତୀ ପୂଜା କମିଟି ଅଧୀନରେ ରହିଛି। ମାତ୍ର ଚଳିତବର୍ଷ ଶୁକ୍ରା ସିଂ ତାଙ୍କ ନାମରେ ପଞ୍ଚାୟତରୁ ଏହି ହାଟଟିକୁ ନିଲାମ ନେଇଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଥିବା ବେଳେ ଏଡି ସମସ୍ୟାର ସମାଧାନ ହୋଇଛି। ବୈଠକର ନିଷ୍ପତ୍ତି ମୁତାବକ ନିଲାମଧାରୀ ଶ୍ରୀ ସିଂ କମିଟିର ସଦସ୍ୟଙ୍କ ସହିତ ସମ୍ପର୍କ ରଖି ଏହାର ପରିଚାଳନା କରିବେ। ହାଟର ମହାସୁଲ ଆଦାୟ ଶୁକ୍ରା ସିଂଙ୍କ ସହିତ ରଘୁନାଥ ଦଳେଇ, ସୁଶାନ୍ତ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ସାମଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ମହାସୁଲ ଆଦାୟ ପରେ କମିଟିର ସମ୍ପାଦକ ରାଧାକୃଷ୍ଣ ପାତ୍ରଙ୍କ ନିକଟରେ ଟଙ୍କା ଓ ରସିଦ ବହି ଦାଖଲ କରିବେ। ଏତଦବାଦ ପ୍ରତିମାସ ୩ ତାରିଖ ଅପରାହ୍ନ ୫ଟାରେ ବୈଠକ ବସି କମିଟିର ବିଭିନ୍ନ ସମସ୍ୟା ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ। ଏହି ନିଷ୍ପତ୍ତି ପରେ ସର୍ବସମ୍ମତି କ୍ରମେ କମିଟିର ନୂତନ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ସେମାନେ ହେଲେ ପ୍ରକାଶକର ମହାପାତ୍ର, ଶୁକ୍ରା ସିଂ, ରଘୁନାଥ ଦଳେଇ, ହେମନ୍ତ ମହାରଣା, ନିରଂଜନ ଗାୟା, ଲକ୍ଷ୍ମୀଧର ପାତ୍ର, ନିରଂଜନ ସାମଲ, କରୁଣାକର ଜେନା, ମନୁ ମହାଲିକ, ରଘୁନାଥ ଦଳେଇ(ବି), ଉପେନ୍ଦ୍ର ମଣ୍ଡଳ, ଶକର୍ଷଣ ଜେନା, ପ୍ରଶାନ୍ତ କମିଳା ଓ ଅଶୋକ କୁମାର ମହାର୍ଣ୍ଣ। ଶେଷରେ ଗୋ÷ରମୋହନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଙ୍ଗିପୋଷିରେ ଅବକାରୀ ବିଭାଗ ନିଷ୍କ୍ରିୟ

ବାଙ୍ଗିରିପୋଷି,୨୯।୬(ସମିସ): ବାଙ୍ଗିରିପୋଷିରେ ନିଶା କାରବାର ବଢ଼ିବାରେ ଲାଗିଛି। ଫଳରେ ଅଞ୍ଚଳରେ ଅପରାଧ ମଧ ବଢୁଛି। ନିଶା କବଳରେ କବଳିତ ଯୁବବର୍ଗ। ଏଠାରେ ଅବକାରୀ ବିଭାଗ ରହିଛି; କିନ୍ତୁ ନିଶା କାରବାର ରୋକିବାରେ ବିଫଳ। ଯେଉଁମାନେ ଚୋରା ବିଦେଶୀ ମଦ ବିକ୍ରି କରୁଛନ୍ତି ସେମାନଙ୍କଠାରୁ ବଟି ଆଦାୟ କରି ମାମଲାକୁ ଚପାଇ ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ହୋଟେଲ, ଢାବା ଏବଂ ଦୋକାନରେ ବିଦେଶୀ ମଦର କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏପରିକି ଅନେକ ସ୍ଥାନରେ ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ରହିଛି। ୭ଟି ଅଫ ସପ, ୨ଟି ଅନ ସପ ଏବଂ ୩ଟି ଦେଶୀ ମଦ ଭାଟି ରହିଥିଲେ ମଧ ବେପାରୀମାନେ ଗ୍ରାମାଞ୍ଚଳକୁ ମଦ ଯୋଗାଉଛନ୍ତି। ଠିପିବନ୍ଦ ଦୋକାନରେ ଖୋଲା ମଦ ବିକ୍ରି ହେଉଛି। ଅନେକ ଦୋକାନରେ ଅପମିଶ୍ରିତ ମଦ ମଧ ବିକ୍ରି ଅଭିଯୋଗ ହେଉଛି। ବିଷାକ୍ତ ମଦ ପିଇ ଆଗରୁ ଅନେକ ଜୀବନ ଯାଇ ବହୁ ଗରିବ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ କୋହଳ ମନଭାବ ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ଭକ୍ତି କବିତା ପୁସ୍ତକ "ଭକ୍ତି ପଞ୍ଚାମୃତ" ଲୋକାର୍ପିତ



ଉଦଳା,୨୯।୬(ସମିସ): ବାରିପଦା ନିବାସୀ କବି ପଞ୍ଚାନନ ସାହୁଙ୍କର ଭକ୍ତି କବିତା ପୁସ୍ତକ "ଭକ୍ତି ପଞ୍ଚାମୃତ' ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଅବସରରେ ମୟୂରଭଞ୍ଜର ପୁରାତନ ଶ୍ରୀଜଗନ୍ନାଥ ପୀଠ କଇଁସାରୀରେ ଉନ୍ମୋଚିତ ହୋଇଯାଇଛି। 'ଭକ୍ତିଚନ୍ଦନ', 'ଭକ୍ତିସୁମନ' ଓ 'ଭକ୍ତି ପୁଷ୍ପାଞ୍ଜଳି' ପରେ ଏହା କବିଙ୍କର ଚତୁର୍ଥ ଭକ୍ତି କବିତା ସଙ୍କଳନ। ଏହି ଉତ୍ସବରେ କବିଙ୍କର ଧର୍ମପତ୍ନୀ ସୁଶୀଳା ସାହୁ, ପୁତ୍ର ରଜତ ସାହୁ ଓ ଜାମାତା ଶାନ୍ତନୁ ବେଜ୍ ଉପସ୍ଥିତ ଥିଲେ।

## ଚିତ୍ରଡ଼ାର ଧର୍ମକ୍ଷେତ୍ରରେ ରଥଯାତ୍ରା ସମ୍ପନ୍ନ

# ମହିଳା ଭକ୍ତଙ୍କ ଅଧିକ ସମାଗମ



ମୋରଡ଼ା,୨୯।୬(ସମିସ):

ମୋରଡ଼ା ନିର୍ବାଚନମଣ୍ଡଳୀରେ ଥିବା ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଚିତ୍ରଡାର ଧର୍ମକ୍ଷେତ୍ରରେ ରବିବାର ରଥଯାତ୍ରା ସମ୍ପନ୍ନ ହୋଇଛି। ଚିତ୍ରଡାର ବଡ଼ଦାଣ୍ଡରେ ଘିରିଘିରି ହୋଇ ଗଡୁଛି ରଥ। ମାଉସୀ ମା' ଘର ଅଭିମୁଖେ ଯାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଘଣ୍ଟ, ହରିବୋଲ ଓ ହୁଳହୁଳିର ମହାପଟୁଆରରେ ଯାଉଛନ୍ତି ଜଗତର ନାଥ ଜଗନ୍ନାଥଙ୍କ ସହିତ ବଳଭଦ୍ର ଓ ସୁଭଦ୍ରା। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ରତ୍ନବେଦୀରୁ ଜନ୍ମବେଦୀକୁ ଯାଉଛନ୍ତି କାଳିଆ ଠାକୁର। ଚିତ୍ରଡାର ବଡ଼ଦାଣ୍ଡରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପ୍ରଥମ ଦିନରେ ପହଣ୍ଡି ବିଜେ ଦିନ ରଥକୁ ମନ୍ଦିର ନିକଟରୁ ତିନି ପାଦ ଟାଣି ରଖି ଦିଆଯାଇଥିବାବେଳେ ତା'ପର ଦିନ ସେଠାରୁ ମୋରଡ଼ା ବ୍ଲକ ଛକ ସମ୍ମୁଖରେ ଟାଣିଆଣି ରଖିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଆଜି ରଥଟି ମାଉସୀ ମାଁ ମନ୍ଦିର ନିକଟରେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ବିଶେଷକରି ମହିଳା ଭକ୍ତମାନେ ଅଧିକ ମାତ୍ରାରେ ଉତ୍ସାହର ସହ ଏଥିରେ ସାମିଲ ହୋଇଥିଲେ। ରଥଯାତ୍ରାରେ ଚିତ୍ରଡା ମହାବିଦ୍ୟାଳୟର ଏନଏସଏସ, ସ୍କାଉଟ ପିଲାମାନେ ଭିଡ଼ ନିୟନ୍ତ୍ରଣ ସହିତ ଲୋକଙ୍କୁ ସେବା ଯୋଗାଇ ଥିବାର ଦେଖିବାକୁ ମିଳିଥିଲା। ଭିଡକୁ ଦେଖି ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଟ୍ରାଫିକ ପରିଚାଳନା କରିଥିଲେ। ଶ୍ରଦ୍ଧାଳୁମାନେ ଫେଣି, ମିଠେଇ ଆଦି ବିଭିନ୍ନ ପ୍ରକାରର ଭୋଗ କିଣି ମହାପ୍ରଭୁଙ୍କ ନିକଟରେ ଭୋଗ ଲଗାଇ ଉକ୍ତ ଭୋଗକୁ ତଳେ ଥିବା ଲୋକଙ୍କୁ ବଣ୍ଟନ କରିଥିଲେ।

# ଆମେରିକାରେ ଭାରତୀୟ ଯୁବତୀ ନିଖୋଜ



ନ୍ୟୁଜର୍ସି, ୨୯।୬ (ଏଜେନ୍ସି): ଆମେରିକାରେ ଜଣେ ଭାରତୀୟ ମହିଳା ନିଖୋଜ ହୋଇଛନ୍ତି। ଜଣେ ୨୪ ବର୍ଷୀୟ ଭାରତୀୟ ମହିଳା ଆମେରିକାର ପହଞ୍ଚିବାର ୫ ଦିନପରେ ନିଖୋଜ ହୋଇଛନ୍ତି ବୋଲି ନ୍ୟୁଜର୍ସି କର୍ତ୍ତୃପକ୍ଷ କହିଛନ୍ତି। ଗତ ୨୦ ତାରିଖରେ ଆମେରିକାର ପହଞ୍ଚିଥିବା ଏହି ମହିଳାଙ୍କ ନାମ ସିମରନ ବୋଲି ଜଣାଯାଇଛି। ସେ ପ୍ରସ୍ତାବ ଅନୁଯାୟୀ ବାହା ହେବାକୁ ଆମେରିକା ଯାଇଥିଲେ। ସେ ଏକ ସ୍ଥାନରେ ଏକୁଟିଆ ଠିଆ ହୋଇଥିବାର ଦେଖାଯାଇଛି ବୋଲି ସିସିଟିଭି ଫୁଟେଜରୁ ଜଣା ପଡିଛି ବୋଲି ପୁଲିସ କହିଛି। ସେ ଫୋନ୍‌କୁ ବାରମ୍ବାର ଦେଖୁଥିଲେ ଓ ଜଣକୁ ଅପେକ୍ଷା କରୁଥିବାର ଦେଖାଯାଇଛି। ଆମେରିକାରେ ତାଙ୍କ ସମ୍ପର୍କୀୟ ରହୁଛନ୍ତି। ସେ ଇଂଲିଶରେ କଥା ହୋଇ ପାରନ୍ତି ନାହିଁ ବୋଲି କୁହାଯାଇଛି। ଆମେରିକାର ସରକାରଙ୍କ ନୂଆ ଭିଜା ନୀତି ଅନୁସାରେ ବେଆଇନ୍ ଭାବେ ରହୁଥିବା ଲୋକଙ୍କୁ ଡିପୋର୍ଟ କରାଯାଉଥିବା ବେଳେ ମହିଳା ଜଣକ କିପର ଆମେରିକାରେ ପହଞ୍ଚିଲେ ସେ ନେଇ ପ୍ରଶ୍ନ ଉଠିଛି। ସିମରନଙ୍କ ଉଚ୍ଚତା ୫ ଫୁଟ ୪ ଇଞ୍ଚ୍ ହୋଇଥିବା ବେଳେ ତାଙ୍କ ଓଜନ ୬୮ କେଜି ବୋଲି କୁହାଯାଇଛି।

# ୟୁକ୍ରେନ୍ ଉପରେ ୪୭୭ ଡ୍ରୋନ୍, ୬୦ ମିସାଇଲ ମାଡ଼



କିଭ୍,୨୯।୬(ଏଜେନ୍ସି): ରୁଷ ରବିବାର ରାତିରେ ୟୁକ୍ରେନ୍ ଉପରେ ଜବରଦସ୍ତ ଆକ୍ରମଣ କରିଛି। ରୁଷିଆ ବାୟୁସେନା ୟୁକ୍ରେନ ଉପରେ ୪୭୭ଟି ଡ୍ରୋନ୍ ଓ ୬୦ଟି ମିସାଇଲ ମାଡ଼ କରିଛି। ରୁଷିଆର ଏମ୍/କେଏନ୍-୨୩ ବାଲାଷ୍ଟିକ ମିସାଇଲ, ୩୩ କେଏଚ୍- ୧୦୧/ଇସ୍କେଡର କ୍ରୁଜ୍ ମିସାଇଲ ସହ ୪ଟି କ୍ରୁଜ୍ ମିସାଇଲ ମାଡ କରିଛି। ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଛି। ୟୁକ୍ରେନ ବାୟୁସେନା ୪୭୪ଟି ଆକ୍ରମଣକୁ ପଣ୍ଡ କରିବାରେ ସକ୍ଷମ ହୋଇଛି। ଏହି ଆକ୍ରମଣରେ ୟୁକ୍ରେନ୍‌ର ଏକ ଏଫ୍-୧୬ ଲଢୁଆ ବିମାନ ଧ୍ୱଂସ ହୋଇଛି ଓ ଜଣେ ପାଇଲଟ ମୃତ୍ୟୁ ବରଣ କରିଛନ୍ତି। ଏହାପୂର୍ବରୁ ୨୮ ତାରିଖରେ ୟୁକ୍ରେନ ରୁଷିଆର କ୍ରିମିଆ ଏୟାର ବେସ୍ ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ରୁଷ୍‌ର ଏମ୍‌ଆଇ-୮, ଏମ୍‌ଆଇ-୨୬ ଓ ଏମ୍‌ଆଇ-୨୮ ହେଲିକପ୍ଟର ଅନ୍ୟ ବିମାନ ସବୁ ନଷ୍ଟ ହୋଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ ୟୁକ୍ରେନ ସହ କଥା ହେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

## ଡିସେମ୍ବର ୩୧ ସୁଦ୍ଧା ସୀମା ନିର୍ଦ୍ଧାରଣ ସାରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଜାତିଗତ ଜନଗଣନା ସହିତ ଭାରତର ୧୬ ତମ ଜନଗଣନା ୨୦୨୭ରୁ ଆରମ୍ଭ ହେବ। ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏହା ୨୦୨୬ ଅକ୍ଟୋବରରୁ ଆରମ୍ଭ ହୋଇଯିବ। ଦେଶର ଅନ୍ୟ ଭାଗରେ ୨୦୨୭ରୁ ଜନଗଣନା କରାଯିବ। ଏହା ଦୁଇଟି ପର୍ଯ୍ୟାୟରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟ 'ହାଉସ ଲିଷ୍ଟିଂ ଅପରେସନ'ରେ ପ୍ରତ୍ୟେକ ଘରର ଆବାସିକ ସ୍ଥିତି, ସମ୍ପତ୍ତି ଏବଂ ସୁବିଧାର ତଥ୍ୟ ସଂଗ୍ରହ କରାଯିବ। ଏ ନେଇ କେନ୍ଦ୍ର ସରକାର ସବୁ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ୩୧ ପୂର୍ବରୁ ପୌର ପାଳିକା, ରାଜସ୍ୱ ଗାଁ, ତହସିଲ, ଉପ-ବିଭାଗ କିମ୍ବା ଜିଲ୍ଲା ସୀମା ନିର୍ଦ୍ଧାରଣ କରିବାକୁ କିମ୍ବା ପ୍ରସ୍ତାବିତ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୧୬ ତମ ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

## ଦିଲ୍ଲୀ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ମୌସୁମୀ ରବିବାର ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି। ଏଥିସହ ମୌସୁମୀ ସାରା ଦେଶରେ ପରିବ୍ୟାପ୍ତ ହୋଇଛି। ୯ ଦିନ ପୂର୍ବରୁ ହିଁ ମୌସୁମୀ ସାରା ଦେଶରେ ପ୍ରବେଶ କରିସାରିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଜୁଲାଇ ୮ରେ ମୌସୁମୀ ସାରା ଦେଶରେ ଆଚ୍ଛାଦିତ ହେବ ବୋଲି ପୂର୍ବାନୁମାନ କରାଯାଉଥିଲା। କିନ୍ତୁ ଏହାର ୯ ଦିନ ପୂର୍ବରୁ ମୌସୁମୀ ପ୍ରଭାବ ସବୁଠି ଦେଖିବାକୁ ମିଳିଛି। ଚଳିତ ବର୍ଷ ମେ ୨୪ରେ କେରଳରେ ମୌସୁମୀ ପ୍ରଥମେ ପ୍ରବେଶ କରିଥିଲା।

## କରୋନାରେ ମାସକେ ୧୩୫ ମୃତ୍ୟୁ

ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ସାରା ଦେଶରେ କରୋନା ଭାଇରାସର ଆକ୍ଟିଭ ମାମଲା ସଂଖ୍ୟରେ ଯଥେଷ୍ଟ ଅବନତୀ ହୋଇଛି। ଏହା ସତ୍ତ୍ୱେ କରୋନାର ନୂଆ ଭ୍ୟାରିଏଣ୍ଟରେ ଗୋଟିଏ ମାସ ମଧ୍ୟରେ ପାଖାପାଖି ୧୩୫ ଜଣ ମୃତ୍ୟୁ ବରଣ କରିଛନ୍ତି। ଆକ୍ଟିଭ ସଂଖ୍ୟା ଗତ ଦୁଇ ସପ୍ତାହ ହେବ କମିବାରେ ଲାଗିଛି ଓ ଏହା ୨୦୮୬ରେ ପହଞ୍ଚିଛି। ଜୁନ୍ ୧୨ ତାରିଖରେ ଦେଶରେ ୭୧୩୧ ଆକ୍ଟିଭ ସଂଖ୍ୟ ଥିଲା। ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାର ନୂଆ ଭ୍ୟାରିଏଣ୍ଟରେ ମୋଟ୍ ୧୪୨ ମୃତ୍ୟୁବରଣ କରିଛନ୍ତି। ଗତ ୨୪ ଘଣ୍ଟରେ ୩ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ବାଂଲାଦେଶରେ ମହିଳାଙ୍କୁ ଦୁଷ୍କର୍ମ, ୫ ଗିରଫ

ଢ଼ାକା,୨୯।୬(ଏଜେନ୍ସି): ବାଂଲାଦେଶ କୋମିଲା ଜିଲ୍ଲାର ମୁରାଦନଗର ଥାନାର ରାମଚନ୍ଦ୍ରପୁର ପଞ୍ଚକିଟା ଗାଁରେ ଜଣେ ହିନ୍ଦୁ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ଘଟଣାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଜଡିତ ଥିବା ୫ ଜଣଙ୍କୁ ପୁଲିସ ଗିରଫ କରିଛି। ଦୁଷ୍କର୍ମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୨୫ ବର୍ଷୀୟା ଏହି ମହିଳାଙ୍କୁ ଜଣେ ୩୮ ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଛି। ଅଭିଯୁକ୍ତ ଜଣକ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର କାର୍ଯ୍ୟକର୍ତ୍ତା ବୋଲି ଜଣା ପଡିଛି। ଘଟଣା ପରେ ଅଭିଯୁକ୍ତକୁ ସ୍ଥାନୀୟ ଲୋକ ଧରିଥିଲେ ମଧ୍ୟ ସେ ଖସି ପଳାଇଥିଲା। ୧୫ ଦିନ ତଳେ ପୀଡିତାଜଣକ ତାଙ୍କ ବାପ ଘରକୁ ଆସିଥିଲେ। ଅଭିଯୁକ୍ତ ଜଣକ କବାଟ କବାଟ ଭାଙ୍ଗି ଘରେ ପଶି ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି।

## ଆଖିରେ ଲଙ୍କାଗୁଣ୍ଡ ପକାଇ ପାଦରେ ଚାପି ସ୍ୱାମୀକୁ ହତ୍ୟା

ବେଙ୍ଗାଲୁରୁ, ୨୯।୬ (ଏଜେନ୍ସି): ମଧ୍ୟପ୍ରଦେଶ, ତେଲଙ୍ଗାନା ପରେ ଏବେ କର୍ଣ୍ଣାଟକରୁ ବିଶ୍ୱାସଘାତ, ପରକୀୟାପ୍ରୀତି ଏବଂ ହତ୍ୟାର ଏକ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ଜଣେ ମହିଳା ନିଜ ପ୍ରେମିକ ସହ ସ୍ୱାମୀକୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ଆଖିରେ ଲଙ୍କାଗୁଣ୍ଡ ପକାଇ ଗୋଡରେ ତଣ୍ଟିଚିପି ମାରିଛନ୍ତି। ଗତ ୨୪ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଶନିବାର ଏହା ସାମ୍ନାକୁ ଆସିଛି। ତୁମକୁର ଦିଲ୍ଲା ତିପତୁର ବ୍ଲକ କଡାସେଟିହାଲି ଗ୍ରାମର ଶଙ୍କରମୂର୍ତ୍ତି (୫୦) ଏକାକୀ ଏକ ଫାର୍ମ ହାଉସରେ ରହୁଥିଲେ। ତାଙ୍କ ସ୍ତ୍ରୀ ସୁମଙ୍ଗଳା କଳ୍ପତରୁ ଛାତ୍ରୀ ନିବାସରେ ରୋଷେଇ କରୁଥିଲେ। ଏଠାରେ ନାଗାରାଜୁଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଗଢି ଉଠିଥିଲା। ଏହି ସମ୍ପର୍କରେ ସ୍ୱାମୀ ବାଧା ସୃଷ୍ଟି କରୁଥିବାରୁ ଶଙ୍କରମୂର୍ତ୍ତିକୁ ହଟାଇବା ପାଇଁ ଉଭୟେ ଯୋଜନା କରିଥିଲେ। ଘଟଣା ଦିନ ସ୍ୱାମୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଏକ ବାଡ଼ିରେ ସୁମଙ୍ଗଳା ମାଡ଼ ମାରିଥିଲେ। ପରେ ପାଦରେ ବେକ କୁଦି ମାରି ଦେଇଥିଲେ। ବସ୍ତାରେ ମୃତଦେହକୁ ୩୦ କିମି ଦୂରରେ ଥିବା ଏକ କୂଅରେ ନେଇ ଫୋପାଡ଼ି ଥିଲେ।

# କ୍ୟାପ୍‌ଟେନ ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ଅଡୁଆରେ ସରକାର




- ପାକିସ୍ତାନ ସାମରିକ ଠିକଣାରେ ବାୟୁସେନା ଆକ୍ରମଣ ଚାହୁଁ ନ ଥିଲେ ସରକାର
- କ୍ୟାପ୍‌ଟେନ୍‌ଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି: ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଭାରତର କ୍ଷୟକ୍ଷତିକୁ ନେଇ ବିରୋଧୀ ଦଳ କଂଗ୍ରେସ ସରକାରଙ୍କୁ ଘେରୁଥିବାବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇଣ୍ଡୋନେସିଆରେ ଭାରତର ଡିଫେନ୍ସ ଆଟାଚେ କ୍ୟାପ୍‌ଟେନ ଶିବ କୁମାର ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଦେଶ ପକ୍ଷରୁ ଆପଣା ଯାଇଥିବା ରଣନୀତି ବିଷୟରେ ସୂଚନା ଦେଇ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଇଣ୍ଡୋନେସିଆର ଏକ ୟୁନିଭର୍ସିଟି ସେମିନାରରେ କ୍ୟାପ୍‌ଟେନ କୁମାର କହିଛନ୍ତି ଯେ ଅପରେସନ ସିନ୍ଦୂରକୁ ପ୍ରଥମେ ରାଜନୈତିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାକିସ୍ତାନ ସାମରିକ ଘାଟୀ ଏବଂ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉରେ ଭାରତୀୟ ବାୟୁସେନା ଆକ୍ରମଣ ନ କରୁ ବୋଲି ରାଜନୈତିକ ନେତୃତ୍ୱ ତଥା ସରକାର ଚାହୁଁଥିଲେ। ଏଥିପାଇଁ ପାଇଁ ଭାରତ କିଛି ଲଢୁଆ ବିମାନ ହରାଇ ଥିଲା। ରାଜନୈତିକ ନେତୃତ୍ୱ ଲାଗି କେବଳ ଏହି କ୍ଷୟକ୍ଷତି ହୋଇଥିଲା। ଗତ ୧୦ ତାରିଖରେ କ୍ୟାପ୍‌ଟେନ କୁମାର ଦେଇଥିବା ଏହି ମନ୍ତବ୍ୟକୁ ନେଇ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛି। ସରକାର ଦେଶକୁ ଭୂଆଁ ବୁଲାଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଇଣ୍ଡୋନେସିଆ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଗଣମାଧ୍ୟମ ରିପୋର୍ଟରେ କ୍ୟାପ୍‌ଟେନଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଛି। ସେମିନାରରେ ବକ୍ତା ଦେଇଥିବା ମନ୍ତବ୍ୟର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇ ଭାରତ 'ଅପରେସନ ସିନ୍ଦୂର' ଅଧିନରେ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଥିଲା। ତେବେ ଏହି ସଂଘର୍ଷରେ ଭାରତର ୬ଟି ଲଢୁଆ ବିମାନକୁ ଖସାଇଥିବା ପାକିସ୍ତାନ ଦାବି କରିଥିଲା। ବିରୋଧୀ ଦଳ କଂଗ୍ରେସ ଭାରତର କ୍ଷୟକ୍ଷତି ନେଇ ସରକାରଙ୍କୁ ଜବାବ ମାଗିଥିଲେ। କେତୋଟି ଲଢୁଆ ବିମାନ ହରାଇଛି ବୋଲି ପ୍ରଶ୍ନ କରିଥିଲା। ମାତ୍ର ସିଡିଏସ ଅନୀଲ ଚୌହାନ ଏକ ସାକ୍ଷାତକାରରେ ଭାରତର କିଛି କ୍ଷୟକ୍ଷତି ହୋଇଥିବା କହିବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ୟାପ୍‌ଟେନ କୁମାରଙ୍କ ଟିପ୍ପଣୀକୁ ନେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ପ୍ରଥମେ ସିଙ୍ଗାପୁରରେ ସିଡିଏସ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ଆଉ ଏବେ ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଇଣ୍ଡୋନେସିଆରେ ଏଭଳି ତଥ୍ୟ ଦେଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ସର୍ବଦଳୀୟ ବୈଠକ ଡକାଉ ନାହାନ୍ତି? ସବୁ ଦଳକୁ କାହିଁକି ବିଶ୍ୱାସରେ ନେଉ ନାହାନ୍ତି? ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କାହିଁକି ଖାରଜ କରିଦିଆଯାଉଛି।

## 'ମନ୍ କି ବାତ'ରେ ଏମର୍ଜେନ୍ସିକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡିଓ ଶୋ 'ମନ୍ କି ବାତ'ର ୧୨୩ତମ ସଂସ୍କରଣରେ ପୁଣି ଥରେ ଏମର୍ଜେନ୍ସି କଥା ଉଠାଇ କଂଗ୍ରେସ୍‌କୁ ନିନ୍ଦା କରିଛନ୍ତି। ଆରମ୍ଭରେ ସେ ଯୋଗ ଦିବସ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ଜୁନ୍ ୨୧ରେ ସାରା ବିଶ୍ୱରେ ଲୋକେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରିଥିଲେ। ଯୋଗକୁ ସାରା ବିଶ୍ୱରେ ଆଦୃତ ହେଉଛି ଓ ଏହାକୁ ଦୈନନ୍ଦିନ ଜୀବନରେ ଲୋକେ ଆପାଣାଉଛନ୍ତି। ବିଶାଖପାଟଣାରେ ଏକାସଂଗେ ୩ ଲକ୍ଷ ଲୋକ ଯୋଗ କରିବା ସବୁଠାରୁ ବଡ଼ କଥା ବୋଲି ସେ କହିଛନ୍ତି। ଏହା ପରେ ସେ ଏମର୍ଜେନ୍ସି ବିଷୟରେ ପୁଣି ବାର୍ତ୍ତା ଦେଇ କଂଗ୍ରେସକୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ଜୁନ ୨ରୁ ୧୯୭୭ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଭାରତରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉତ୍ପିଡନର ଶିକାର ହେବାକୁ ପଡିଥିଲା। ମିସା ନିୟମ ଅନୁସାରେ ବହୁ ଲୋକଙ୍କୁ ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶେଷରେ ଜନତାଙ୍କ ବିଜୟ ହୋଇଥିଲା ଓ ଏମର୍ଜେନ୍ସିକୁ ହଟାଇ ଦିଆଯାଇଥିଲା। ଭାରତୀୟ ଗଣତନ୍ତ୍ର ଇତିହାସରେ ଏହା କଳା ଅଧ୍ୟାୟ ସୃଷ୍ଟି କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ବିଜେପି ସଭାପତି ନେଇ ହୋଇପାରୁନି ସହମତି

ନୂଆଦିଲ୍ଲୀ, ୨୯।୬: ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। କୁହାଯାଉଛି ଯେ ଆର୍‌ଏସ୍‌ଏସ୍ ଓ ବିଜେପି ନେତାଙ୍କ ମଧ୍ୟରେ ଏହାକୁ ନେଇ ମତଭେଦ ଲାଗି ରହିଥିବାରୁ ନୂଆ ସଭାପତି ନିଯୁକ୍ତି ନେଇ ସହମତି ହୋଇପାରୁ ନାହିଁ। ତେବେ ଆସନ୍ତା ସପ୍ତାହ ଦିଲ୍ଲୀରେ ଆର୍‌ଏସ୍‌ଏସ୍ ଏବଂ ବିଜେପି ନେତାମାନଙ୍କ ମଧ୍ୟରେ ହେବାକୁ ଥିବା ବୈଠକରେ ଏହାର ସମାଧାନ ହେବାର ସମ୍ଭାବନା ରହିଛି।

ଏବେ ଦଳର ସଭାପତି ପଦରେ ଥିବା କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ଶେଷ ହୋଇଯାଇଥିଲେ ମଧ୍ୟ ପ୍ରଥମେ ତାଙ୍କର କାର୍ଯ୍ୟକାଳକୁ ଜୁନ୍ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ନୂଆ ସଭାପତି ନେଇ ସହମତି ହୋଇ ପାରୁନଥିବାରୁ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ଏହି ପଦରେ ରହିଛନ୍ତି। ଏହି ପଦବୀରେ ବିଜେପି ହାଇକମାଣ୍ଡ ନିଜ ପସନ୍ଦର ନେତା ରଖିବାକୁ ଆଗ୍ରହୀ ଥିବା ବେଳେ ଆର୍‌ଏସ୍‌ଏସ୍ ଏଥିରେ ଏକମତ ହେଉନାହିଁ। ନୂଆ ସଭାପତି ଲାଗି ଆର୍‌ଏସ୍‌ଏସ୍ ଯେଉଁ ସର୍ତ୍ତ ରଖିଛି, ସେଥିରେ ବିଜେପି ହାଇକମାଣ୍ଡଙ୍କ ପସନ୍ଦର ନେତା ଫିଟ୍ ହୋଇପାରୁ ନାହାନ୍ତି। ଏହି ପଦରେ ସାଂଗଠନିକ ଦୃଷ୍ଟିରୁ ଜଣେ ଶକ୍ତିଶାଳୀ ନେତାଙ୍କୁ ବସାଇବାକୁ ଚାହୁଁଛି ଆର୍‌ଏସ୍‌ଏସ୍। କୌଣସି ହସ୍ତକ୍ଷେପ ବିନା ସମଗ୍ର ସଂଗଠନ ଉପରେ ତାଙ୍କର ନିୟନ୍ତ୍ରଣ ରହିବ। ସେ ଦାୟିତ୍ୱ ।।ନେବା ସହିତ ବିଜେପି ସଂଗଠନରେ ପୁନର୍ବିନ୍ୟାସ କରିବେ। ସାଂଗଠନିକ ପୁନର୍ବିନ୍ୟାସ ସହିତ ମନ୍ତ୍ରିମଣ୍ଡଳରେ ମଧ୍ୟ ଅଦଳବଦ କରିବାକୁ ଚାହୁଁଛି ଆର୍‌ଏସ୍‌ଏସ୍।

### ଆସନ୍ତା ସପ୍ତାହରେ ବିଜେପି-ଆର୍‌ଏସ୍‌ଏସ୍ ବୈଠକ

### ୧୯ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇନାହିଁ

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଆର୍‌ଏସ୍‌ଏସ୍‌ର ଏକ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ଏଥିରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସମେତ ସଂଗଠନର ସାଧାରଣ ସଂପାଦକ ଦତ୍ତାତ୍ରେୟ ହୋସାବୋଲେ ଏବଂ ସମସ୍ତ ୬ ଜଣ ଯୁଗ୍ମ ସାଧାରଣ ସଂପାଦକ ଉପସ୍ଥିତ ରହିବେ। ଏହି ଅବସରରେ ବିଜେପି ନେତାମାନଙ୍କ ସହିତ ସେମାନଙ୍କର ବୈଠକ ହେବ ଏବଂ ଏଥିରେ ପରବର୍ତ୍ତୀ ସଭାପତିକୁ ନେଇ ବିଚାର ଆଲୋଚନା ହେବ। ବି।।ଜେପିର କିଛି ବରିଷ୍ଠ ନେତା କହିଛନ୍ତି ଯେ ନୂଆ ସଭାପତି ଦଳ ଭିତରେ ବ୍ୟାପକ ଅଦଳବଦଳ କରିବେ। ସଂଗଠନରେ ଯୁବ ମୁହଁକୁ ଅଗ୍ରାଧିକାର ଦିଆଯିବ। ଅର୍ଦ୍ଧାଧିକ ଜାତୀୟ ସାଧାରଣ ସଂପାଦକଙ୍କୁ ବିଦାୟ କରାଯିବ। ବିଜେପିର ସ।।ର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ପାର୍ଲାମେଣ୍ଟାରୀ ବୋର୍ଡରେ ଅନେକ ବରିଷ୍ଠ ନେତାଙ୍କୁ ସାମିଲ କରାଯିବ। ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ପରିପେୟକ୍ଷୀ।।ରେ ବୋର୍ଡକୁ ଆହୁରି ମଜବୁତ କରାଯିବ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ନିୟମ ଅନୁଯାୟୀ ନୂଆ ରାଷ୍ଟ୍ରୀୟସଭାପତି ନିର୍ବାଚନ ପୂର୍ବରୁ ଅତିକମରେ ୧୯ଟି ରାଜ୍ୟରେ ଦଳୀୟ ସଭାପତି ନିର୍ବାଚନ ସଂପନ୍ନ ହେବା ଦରକାର। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ଟି ରାଜ୍ୟରେ ସଭାପତି ନିର୍ବାଚନ ହୋଇଛି। ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗ, ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଭିନ୍ନ କାରଣରୁ ସଭାପତି ନିର୍ବାଚନ ସଂପନ୍ନ ହୋଇପାରି ନାହିଁ। ଦଳୀୟ ପରଂପରା ଅନୁଯାୟୀ ଉଭୟ ରାଷ୍ଟ୍ରୀୟ ଏବଂ ରାଜ୍ୟ ସଭାପତିଙ୍କୁ ସହମତି ଭିତ୍ତିରେ ନିଯୁକ୍ତି ମିଳେ। ଏଥିପାଇଁ ନିର୍ବାଚନର ଆବଶ୍ୟକତା ପଡ଼େନାହିଁ।

## ପରମାଣୁ ଅସ୍ତ୍ର ପାଇଁ ଇରାନ ପାଖରେ ୟୁରାନିୟମ ଅଛି

ତେହେରାନ୍,୨୯।୬(ଏଜେନ୍ସି): ପରାମାଣୁ ଅସ୍ତ୍ର ତିଆରି କରିବାକୁ ଇରାନ୍ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଧାତୁ ରହିଛି। ଏ ନେଇ ଜାତିସଂଘର ଇଣ୍ଟରନ୍ୟାସାନାଲ ଅଟୋମିକ୍ ଏଜେନ୍ସି (ଆଇଏଇଏ) ରବିବାର ସୂଚନା ଦେଇଛି। ଆଗାମୀ କିଛି ମାସ ମଧ୍ୟରେ ଇରାନ ପୁଣିଥରେ ନିଜର ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିପାରେ ବୋଲି ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରାସୀ ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଏବେ ମଧ୍ୟ ଇରାନ୍‌ର କେତୋଟି ଆଣବିକ କେନ୍ଦ୍ର ରହିଛି। ତେଣୁ ଇରାନ ପୁଣିଥରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ଅସମ୍ଭବ ନୁହଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୩ରେ ଇରାନ ପରମାଣୁ କେନ୍ଦ୍ର ସମେତ ଅନ୍ୟ ସାମରିକ ଘାଟି ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ପରେ ଆମେରିକା ମଧ୍ୟ ବି-୨ ବମ୍ବରରେ ଇରାନର ଫୋର୍ଡୋ, ନତାଂଜ ଓ ଓସ୍କହାନ ଆଣବିକ କେନ୍ଦ୍ର ଉପରେ ବିସ୍ଫୋରଣ କରିଥିଲା ଏଗୁଡିକୁ ଧ୍ୱଂସ କରିଥିଲା।

# କୋଲକାତା ଛାତ୍ରୀ ଗଣଦୁଷ୍କର୍ମ: କଲ୍ୟାଣ-ମହୁଆ ମୁହାଁମୁହିଁ



କୋଲକାତା, ୨୯।୬ (ଏଜେନ୍ସି): କୋଲକାତା ଆଇନ ଛାତ୍ରୀଙ୍କ ଗଣଦୁଷ୍କର୍ମକୁ ନେଇ କ୍ଷମତାସୀନ ଟିଏମ୍‌ସି ସରକାରରେ ଝଡ଼ ସୃଷ୍ଟି ହୋଇଛି। ତିନି ମାସ ପରେ ଏହି ମାମଲାକୁ ନେଇ ପୁଣି ରାଜସ୍ୟଭା ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ଲୋକସଭା ସାଂସଦ ମହୁଆ ମୋଇତ୍ର ମୁହାଁମୁହିଁ ହୋଇଛନ୍ତି। ଗଣଦୁଷ୍କର୍ମ ମାମଲାକୁ ନେଇ କଲ୍ୟାଣ ଦେଇଥିବା ମନ୍ତବ୍ୟକୁ ମହୁଆ ଘୃଣ୍ୟ କହିବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି। ବ୍ୟକ୍ତିଗତ କ୍ଷମତା ଅନୁଯାୟୀ ଏଭଳି ମନ୍ତବ୍ୟ ଦିଆଯାଇଛି ବୋଲି ମହୁଆ କହିଥିଲେ। ଏହା ସହିତ ସେ ଦଳକୁ ଟ୍ୟାଗ କରି ଲେଖିଥିଲେ ଯେ ମହିଳା ବିରୋଧୀ ଟିପ୍ପଣୀ ଦଳମତଠାରୁ ଉର୍ଦ୍ଧ୍ୱରେ। ଯିଏ ବି ଏଭଳି ଘୃଣ୍ୟ ମନ୍ତବ୍ୟ ଦିଏ ତାକୁ ନିନ୍ଦା କରାଯିବା ଉଚିତ। ଏହାପରେ ବରିଷ୍ଠ ଓକିଲ ପିନାକୀ ମିଶ୍ରଙ୍କ ସହ ମୋହୁଆଙ୍କ ବିବାହକୁ ନେଇ ବାନାର୍ଜୀ ନିଶାଣ କରିଥିଲେ। ମହୁଆ ମୋତେ ମହିଳା ବିରୋଧୀ କହୁଛନ୍ତି। ସେ ନିଜେ କ'ଣ କରିଛନ୍ତି? ମହୁଆ ନିଜେ ସବୁଠୁ ବଡ଼ ମହିଳା ବିରୋଧୀ। ସେ ଏକ ୪୦ ବର୍ଷର ବିବାହ ଏବଂ ପରିବାରକୁ ଭାଙ୍ଗି ଦେଇଛନ୍ତି। ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ବିବାହ କରି ମହୁଆ ଏପରି କରିଛନ୍ତି। ଏପରି କରି ମହୁଆ ମହିଳାଙ୍କୁ ଆଘାତ ଦେଉନାହାନ୍ତି କି? ବିବାହ ପରେ ବିଦେଶରୁ ହନିମୁନ୍‌ରୁ ଫେରି ସେ ମୋ ସହ ଲଢେଇ କରୁଛନ୍ତି। ମହୁଆ ୨୦୧୬ରେ ଟିଏମ୍‌ସିରେ ସାମିଲ ହୋଇଥିଲେ। ସେ କେତେବେଳେ ମହିଳାଙ୍କ କଥା ଆଲୋଚନା କରୁଛନ୍ତି କି? ସେ ମୋ ନିର୍ବାଚନ କ୍ଷେତ୍ର ଏବଂ ଦଳର ମହିଳା ନେତ୍ରୀଙ୍କୁ କାମ କରିବାକୁ ଦେଉ ନାହାନ୍ତି। ନିୟମ ଉଲ୍ଲଘଂନ କାରଣରୁ ସଂସଦରୁ ବହିଷ୍କୃତ ହୋଇଥିବା ମହିଳା ଏବେ ମୋତେ ନୀତି ଶିକ୍ଷା ଦେଉଛନ୍ତି। ନିଜ ଭବିଷ୍ୟତକୁ କେମିତି ସୁରକ୍ଷିତ କରି ହେବ ଏବଂ ଟଙ୍କା କେମିତି ଆୟ କରାଯିବ ତାହା ମହୁଆ ଭଲ ଭାବେ ଜାଣିଛନ୍ତି ବୋଲି ବାନାର୍ଜୀ ଅଭିଯୋଗ କରିଛନ୍ତି।

## ପାକିସ୍ତାନକୁ ଭାରତର ସମାଲୋଚନା

ଇସ୍‌ଲାମାବାଦ,୨୯।୬(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ରାଜ୍ୟର ଉତ୍ତର ପାର୍ବତ୍ୟ ଅଞ୍ଚଳ ୱାଜିରସ୍ଥାନ ଅଞ୍ଚଳରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୬ ସୁରକ୍ଷାକର୍ମୀ ପ୍ରାଣ ହରାଇଛନ୍ତି। ପାକିସ୍ତାନ ଏହି ଘଟଣାରେ ଭାରତକୁ ଦାୟୀ କରିଛି। ଏହି ଘଟଣାରେ ସାଧରଣ ନାଗରିକଙ୍କ ସମେତ ୨୪ ଜଣ ଲୋକ ଆହତ ହୋଇଛନ୍ତି। ଭାରତକୁ ଦାୟି କରୁଥିବା ବେଳେ ପାକିସ୍ତାନ ତାଲିବାନ ବା ଟିଟିପି ନିଜୟକୁ ଦାୟୀ କରିଛି। ଭାରତ ପାକିସ୍ତାନର ଏହି ଅଭିଯୋଗକୁ ପ୍ରତ୍ୟାଖାନ କରିଛି। ଆତ୍ମଘାତୀ ଆକ୍ରମଣ କରିଥିବା ଆତଙ୍କବାଦୀଜଣକ ବାରୁଦ ଭର୍ତ୍ତି ଗାଡି ସହ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡିଗୁଡିକ ଉପରେ ମାଡ଼ କରିଥିଲା। ଏଥିରେ ନିକଟରେ ଥିବା ଦୁଇଟି ଘରର ଛାତ ଗଳି ପଡିଥିଲା। ଏହି ଘଟଣାରେ ୬ ଜଣ ଶିଶୁ ଆହତ ହୋଇଛନ୍ତି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଖଣ୍ଡନ କରିଛନ୍ତି।

# କର୍ଣ୍ଣାଟକ କଂଗ୍ରେସରେ ଅଶାନ୍ତି: ପୁଣି ଉଠିଲା ନେତା ପରିବର୍ତ୍ତନ ସ୍ୱର

ବେଙ୍ଗାଲୁରୁ, ୨୯।୬: କର୍ଣ୍ଣାଟକ କଂ।।ଗ୍ରେସରେ ପୁଣି ଅଶାନ୍ତି। ଦଳର କେତେକ ବିଧାୟକ ବିବାଦୀୟ ମନ୍ତବ୍ୟ ।।ଦେଇ ସରକାରକୁ ଅଡୁଆରେ ପକାଉଥିବା ବେଳେ ଗୋଷ୍ଠୀ ବିବାଦ ମଧ୍ୟ ମୁଣ୍ଡ ଟେକିଲାଣି। ବିଶେଷ କରି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ସମର୍ଥକ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଦଳକୁ ଏଭଳି ଅପ୍ରୀତିକର ପରିସ୍ଥିତିରୁ ଉଦ୍ଧାର କରିବା ଲାଗି ଦଳୀୟ ହାଇକମାଣ୍ଡ ଏହାର ସାଧାରଣ ସଂପାଦକ ରଣଦୀପ ସିଂହ ସୁର୍ଯେୱାଲାଙ୍କୁ ପଠାଇଛନ୍ତି। ସେ ଆସନ୍ତାକାଲି ବେଙ୍ଗାଲୁରୁରେ ପହଂଚିବେ। ସେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ଅନେକ ନେତାମାନଙ୍କ ସହିତ ବିଚାରବିମର୍ଶ କରିବେ।

ଦଳର କେତେକ ବିଧାୟକ ପ୍ରଶାସନ ବିରୋଧରେ ଖୋଲାଖୋଲି ଦୁର୍ନୀତି ଅଭିଯୋଗ ଆଣି ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ସେମାନଙ୍କୁ ଶାନ୍ତ କରିବା ଲାଗି ଚଳିତ ସପ୍ତାହ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ଅସନ୍ତୁଷ୍ଟ ନେତାମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ବରିଷ୍ଠ ବିଧାୟକ ବିଆର ପାଟିଲ ରାଜ୍ୟ ଗୃହ ନିର୍ମାଣ ବିଭାଗ ବିରୋଧରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗ ଆଣି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସେହିଭଳି ଅନ୍ୟତମ ବଧାୟକ ରାଜୁ କାଗେ ଅଭିଯୋଗ କରିଥିଲେ ଯେ ରାଜ୍ୟ ପ୍ରଶାସନ ଭୁଶୁଡ଼ି ପଡ଼ିଛି। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବୁଝାଇଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି। ଏହାକୁ ନେଇ ଦଳରେ ଫାଟ ବଢୁଥିବାରୁ ସୁର୍ଯେୱାଲା ବେଙ୍ଗାଲୁରୁରେ ସେମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ଦଳର ଅନ୍ୟ ନେତାମାନଙ୍କ ସହିତ ମଧ୍ୟ ଏକାକୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳିବା ଲାଗି ମଧ୍ୟ ଦଳ ଭିତରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ସୁର୍ଯେୱାଲା ହାଇକମାଣ୍ଡଙ୍କ ମତାମତ ଜଣାଇବେ। ଦଳର ଏକତା ଏବଂ ସରକାରରେ ସ୍ଥିରତା ସ୍ୱାର୍ଥ ଦୃଷ୍ଟିରୁ ସାଧାରଣରେ ଆଶ୍ୱସ୍ତିକର ମନ୍ତବ୍ୟ ନଦେବା ଲାଗି ସେ ଦଳର ନେତାମାନଙ୍କୁ ପରାମର୍ଶ ଦେବେ। ଦୁଇ ଦିନ ଧରି ସେ ବେଙ୍ଗାଲୁରୁରେ ରହି ଦଳ ଭିତରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବାକୁ ଉଦ୍ୟମ କରିବେ।

ଇତିମଧ୍ୟରେ ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ କହିଛନ୍ତି ଯେ ଦୁଇ ତିନି ମାସ ଭିତରେ ମୁଖ୍ୟମନ୍ତ୍ରୀ ବଦଳିବେ। ସିଦ୍ଧରମେୟାଙ୍କ ସ୍ଥାନରେ ଡି. ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ହାଇକମାଣ୍ଡ ନିଷ୍ପତ୍ତି ନେଇ ସାରିଥିବା ସେ କହିଛନ୍ତି। ଉପଯୁକ୍ତ ସମୟରେ ଦଳୀୟ ହାଇକମାଣ୍ଡ ଏହି ଘୋଷଣା କରିବେ ବୋଲି ସେ କହିଛନ୍ତି।



## ମୋ ଜଗା କାଳିଆରେ...

ରଥାରୂଢ଼ ମହାପ୍ରଭୁଙ୍କ ପାଖରେ କିଏ ନ ଚାହିଁବ ଟିକେ ତାଙ୍କ ସେବା କରିବାକୁ। ମହାପ୍ରଭୁଙ୍କ ପାଇଁ ଯେ କୌଣସି ପ୍ରକାରର ସେବା ମିଳିଲେ ଯିଏ ନାଇଁ ସିଏ ନିଜକୁ ଧନ୍ୟ ମନେ କରିବ। ଏହିଭଳି ମଧ୍ୟ ସବୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚାହାନ୍ତି ଦେବଦାସୀ ହୋଇ ପାଦରେ ନୂପୁର ବାନ୍ଧି ମହାପ୍ରଭୁଙ୍କ ଆଗରେ ସେମିତି ନୃତ୍ୟ ପରିବେଷଣ କରିବାକୁ। ଗୁଣ୍ଡିଚା ଓ ବାହୁଡ଼ାରେ ଭିନ୍ନଭିନ୍ନ ପ୍ରକାରର ବେଶ ହୋଇ ମହାପ୍ରଭୁଙ୍କ ଆଗରେ ନୃତ୍ୟ ପରିବେଷଣ ଦେଖିବାକୁ ମିଳିଥାଏ। ଏହିଭଳି ମଧ୍ୟ ରବିବାର ବଡ଼ଦାଣ୍ଡରେ ଜଟଣୀ ଅଞ୍ଚଳରୁ ଆସିଥିବା ଶିବାଂଶ ଓଡ଼ିଶୀ ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ଶରଧାବାଲିରେ ଆହେ ନୀଳ ଶୈଳ..., ଜଗନ୍ନାଥ ହେ..., ମୋ ଜଗା କାଳିଆରେ... ଆଦି ଭଜନରେ ନୃତ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ବିଶେଷ କରି ଗୁଣ୍ଡିଚା କି ବାହୁଡ଼ାରେ ନୃତ୍ୟ ପରିବେଷଣ କରିପାରୁନାହାନ୍ତି। ଏଥିପାଇଁ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିବା ପୂର୍ବରୁ ଏହି ନୃତ୍ୟଶିଳ୍ପୀମାନେ ଆସି ଶରଧାବାଲିରେ ନୃତ୍ୟ ପରିବେଷଣ କରିଥିଲେ। ଏନେଇ ଏହି ଗ୍ରୁପ୍‌ର ମୁଖ୍ୟ ହରପ୍ରିୟ ପଣ୍ଡା କୁହନ୍ତି, ବହୁତ ଇଚ୍ଛା ହୁଏ ପିଲାମାନେ ଆସି ଗୁଣ୍ଡିଚା ଓ ବାହୁଡ଼ାରେ ମହାପ୍ରଭୁଙ୍କ ଆଗରେ ନୃତ୍ୟ ପରିବେଷଣ କରନ୍ତୁ। କିନ୍ତୁ ଏତେ ବାଟ ହେଉଥିବାରୁ ଆସିବା ସମ୍ଭବ ହେଉନାହିଁ। ତଥାପି ମହାପ୍ରଭୁଙ୍କ କୃପାରୁ ଆମେ ଏହି ସ୍ଥାନକୁ ଆସି ନୃତ୍ୟ ପରିବେଷଣ କରିପାରିଲୁ, ଏଥିପାଇଁ ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି।





■ ସେବାୟତ ବେଶରେ ଛଦ୍ମବେଶୀ

# ମନଇଚ୍ଛା ଚନ୍ଦନ ମାରି ଦେ' ୧୦

ରଥରେ ମହାପ୍ରଭୁଙ୍କୁ ଦର୍ଶନ କରିଲେ କୋଟି ପୁଣ୍ୟ ମିଳିଥାଏ ବୋଲି କଥା ଅଛି। ରବିବାର ରଥାରୂଢ଼ ଦିଅଁଙ୍କୁ ଦେଖିବା ପାଇଁ ବଡ଼ ଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଅନେକ ଲୋକ ପାଟ ଓ ମଠାକୁ ପରିଧାନ କରି ହାତରେ ଚନ୍ଦନ ଓ ସିନ୍ଦୂର ଧରି ଶ୍ରଦ୍ଧାଳୁଙ୍କ ମୁଣ୍ଡରେ ନିଜଆଡୁ ଚନ୍ଦନ ଲଗେଇ ଦେ ଦଶ ବୋଲି କହିଥିଲେ। ଯିଏ ନ ଦେଲା ତା' ସହିତ ଯୁକ୍ତି ବି କରିବାକୁ ପଛାଉ ନାହାନ୍ତି। ଏଥିସହିତ ଆଉ କିଛି ସେବକଙ୍କ ବେଶରେ ହାତରେ ସୂତା ଧରି ଜଗନ୍ନାଥଙ୍କ ପାଖରେ ଲାଗିହୋଇଥିବା ଏହି ସୂତା ନିଅ ତୁମର ବହୁତ ମଙ୍ଗଳ ହେବ ବୋଲି କହି ଶ୍ରଦ୍ଧାଳୁମାନଙ୍କୁ ବିକ୍ରି କରି ଅଧିକ ଟଙ୍କା ଆଦାୟ କରୁଥିଲେ। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଏନେଇ କଟକର ସୀମା ସାହୁ କୁହନ୍ତି, ଆମେ ଦର୍ଶନ କରିବାକୁ ଯାଉଥିଲୁ। ଜଣେ ଲୋକ ଆସି ମନଇଚ୍ଛା ଚନ୍ଦନ ମାରିଦେଲେ, ଆଉ କହିଲେ ଦେ ଦଶ। ଆମେ କ'ଣ ଚନ୍ଦନ ଲଗେଇବା ପାଇଁ କହିଥିଲୁ କି ଆପଣ ମନଇଚ୍ଛା ଆସି ଚନ୍ଦନ ଲଗେଇଲେ ଆମେ କାହିଁକି ପଇସା ଦେବୁ ବୋଲି କହିବାରୁ ଏହି କଥାକୁ ନେଇ କିଛି ସମୟ ଶ୍ରଦ୍ଧାଳୁ ଓ ଛଦ୍ମବେଶୀ ସେବାୟତଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା ବୋଲି କହିଛନ୍ତି। ଏମିତି କିଛି ଲୋକଙ୍କ ପାଇଁ ଅନେକ ଭକ୍ତ ଅସୁବିଧାରେ ପଡୁଛନ୍ତି ବୋଲି ସେ କହିଛନ୍ତି।





## ଅନୁଭୂତିରେ ଶ୍ରୀଜଗନ୍ନାଥ

### ● ଦୂରରୁ ଦେଖିଲି ମନ ଶାନ୍ତି



ଜଗନ୍ନାଥଙ୍କୁ ଦୂରରୁ ଦେଖି ମନ ବହୁତ ଶାନ୍ତି ହୋଇଗଲା। ରଥ ଦଉଡ଼ି ଛୁଇଁପାରିଲିନି, ମନ ଟିକେ ଦୁଃଖ ଅଛି। ତଥାପି ଏତେ ବାଟ ଆସି ବହୁତ ଖୁସି ଲାଗୁଛି।

-ଦେବସ୍ମିତା ପାତ୍ର, ଭଦ୍ରକ

### ● ବଞ୍ଚିଥିଲେ ପୁଣି ଠାକୁରଙ୍କୁ ଦେଖିବାକୁ ଆସିବି



ରୋଗିଣା ଦେହରେ ମହାପ୍ରଭୁ ଏତେ ବାଟ ନେଇ ଆସିଲେ। ବଞ୍ଚିଥିଲେ ପୁଣି ଠାକୁରଙ୍କୁ ଦେଖିବାକୁ ଆସିବି।

-ନନ୍ଦ କିଶୋର ଦାଶ, କେନ୍ଦ୍ରାପଡ଼ା

### ● ଅଧାରେ ରହିଗଲା ଆଡ଼ପ ଦର୍ଶନ



ବହୁତ ଆଶା ନେଇ ଆସିଥିଲି ଆଡ଼ପ ମଣ୍ଡପରେ ଦର୍ଶନ କରିବି। ହେଲେ ଆଡ଼ପ ଦର୍ଶନ ଅଧାରେ ରହିଗଲା। ତିନି ଦିନ ହେଲା ପୁରୀ ଆସିଲୁଣି। ଏବେ ଖାଲି ଗୁଣ୍ଡିଚା ମନ୍ଦିର ପାଖରେ ଠାକୁରଙ୍କୁ ରଥ ଉପରେ ଦର୍ଶନ କରି ଚାଲିଯିବୁ।

-ବିଦ୍ୟାଧର ଦାସ, ବାଲେଶ୍ୱର

### ● ସବୁ ଜଗନ୍ନାଥଙ୍କ ଦୟା



ଏ ଅନୁଭୂତିକୁ ପ୍ରକାଶ କରିହେବ ନାହିଁ। କେତେ ଖୁସି କହି ହବନି। ପ୍ରତି ବର୍ଷ ଆସିବା ପାଇଁ ଚେଷ୍ଟା କରେ। କେଉଁ ବର୍ଷ ଆସିପାରୁଛି ତ ଆଉ କେଉଁ ବର୍ଷ ଆସି ହେଉନାହିଁ। ଏ ବର୍ଷ ଡୋରି ଲାଗିଲା, ସପରିବାର ଦର୍ଶନ କରି ଆସିଛୁ।

-ନିତେଶ ଅଗ୍ରୱାଲ, ମୁମ୍ବଇ

### ● କେତେବେଳେ କୋଉଠି ଥିବା ଆମେ ଜାଣିନେ



ଆଜି ମହାପ୍ରଭୁଙ୍କ ପାଖରେ ଅଛେ, କାଲି କେଉଁଠି ଥିବା ଆମେ କେହି ଜାଣିନୁ। ସେ ଇଚ୍ଛା କରିଲେ ଆମେ ମହାପ୍ରଭୁଙ୍କ ପାଖକୁ ଆସୁଛୁ। ଆଉ ତାଙ୍କ ରଥଯାତ୍ରା ଦେଖିବାର ସୁଯୋଗ ମିଳିଲା। ଏହି ଭାଗ୍ୟ ସମସ୍ତଙ୍କୁ ମିଳେନାହିଁ।

-ପବିତ୍ର ସାମନ୍ତରାୟ, ବୌଦ୍ଧ

## ଦ୍ୱିତୀୟ ଟେଷ୍ଟ ଲାଗି ଭାରତର ନୂଆ ରଣନୀତି

# ଲଢ଼େଇ କରିବାକୁ କୁଲଦୀପ ପ୍ରସ୍ତୁତ

ଏଜ୍‌ବାଷ୍ଟନ୍,୨୯।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଜବାଷ୍ଟନରେ ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଏହି ମୁକାବିଲାକୁ ଜିତିବା ଲାଗି ଭାରତୀୟ ଦଳ ଜୋରଦାର ପ୍ରସ୍ତୁତି ଚଳାଇଛି। ଏଠାରେ ପହଞ୍ଚିବା ପରେ ପ୍ରଥମେ ଶୁକ୍ରବାର ଓ ଶନିବାର ଦୁଇଦିନ କଡ଼ା ଅଭ୍ୟାସ କରିବା ପରେ ଆଜି ରବିବାର ଖେଳାଳିମାନେ ବିଶ୍ରାମ ନେଇଛନ୍ତି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କିପରି ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେବେ, ଏହି ମ୍ୟାଚ୍ ଲାଗି ଦଳରେ କାହାକୁ ବାଦ୍ ଦିଆଯିବ, କାହାକୁ ସାମିଲ କରାଯିବ ତାହା ଉପରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏପରିକି ଯେ କୌଣସି ପରିସ୍ଥିତିରେ ଏହି ଟେଷ୍ଟ ଜିତି ସିରିଜ୍ ବରାବର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି। ଏଥିଲାଗି କି ଯୋଜନା କରୁଛି ସେ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। କିନ୍ତୁ ଏଠାରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ପ୍ରତିପକ୍ଷ ଦଳକୁ ଦୁଇଥର ଆଉଟ କରିବାକୁ ହେଲେ କିମ୍ବା ୨୦ଟି ୱିକେଟ ନେଲେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ଖେଳାଇବା ଜରୁରୀ ବୋଲି ଭାରତ ଛାଡ଼ିବା ପୂର୍ବରୁ କହିଥିଲେ ଅଧିନାୟକ ଶୁବମନ ଗିଲ୍। ଏହା ସହ ଆଉ ଜଣେ ବୋଲିଂ ଅଲରାଉଣ୍ଡର ମଧ୍ୟ ଖେଳିବା ଆବଶ୍ୟକ। ହେଡିଂଲେ ଟେଷ୍ଟ ହାରିଯିବା ପରେ ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ସମାନ କଥା ଦୋହରାଇଛନ୍ତି। ଟେଷ୍ଟରେ ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ସାମିଲ ନ କଲେ ଆମେ ପ୍ରତିପକ୍ଷ ଦଳର ୨୦ଟି ୱିକେଟ ନେଇ ପାରିବୁ ନାହିଁ। ଅଲରାଉଣ୍ଡର ଭୂମିକା ରବୀନ୍ଦ୍ର ଜାଡେଜା ତୁଲାଉଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟରେ ଭାରତ ଯେଉଁ ଚତୁର୍ଥ ସ୍ପେଶାଲିଷ୍ଟ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇଥିଲା ତାହା କାମ ଦେଲାନି। ଏହି ମ୍ୟାଚ୍‌ରେ ଭାରତ ୧୮୨.୪ ଓଭର ବୋଲିଂ କରିଥିଲା। କିନ୍ତୁ ଜଣେ ସ୍ପେଶାଲିଷ୍ଟ ବୋଲର ହୋଇଥିଲେ ମଧ୍ୟ ଠାକୁର ମାତ୍ର ୧୬ ଓଭର ବୋଲିଂ କରିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ସେ କେବେ ବି ପ୍ରତିପକ୍ଷ ବ୍ୟାଟରଙ୍କ ଲାଗି ବିପଦ ସୃଷ୍ଟି କରିବାରେ ସମର୍ଥ ହୋଇ ନ ଥିଲେ। ନିମ୍ନ ଭାଗରେ ଭଲ ବ୍ୟାଟିଂ କରୁଥିବାରୁ ତାଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ସେ ୨ଟି ଇନିଂସରେ ୧ ଓ ୪ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁଁ ତାଙ୍କୁ ଦ୍ୱିତୀୟ ଟେଷ୍ଟ ନୁହେଁ ବରଂ ସିରିଜ୍‌ରେ ଆଉ ଖେଳିବା ସୁଯୋଗ ମିଳିବା କଷ୍ଟକର।



ହେଡିଂଲେରେ ଭାରତୀୟ ବୋଲର ବିଫଳ ହେବାର ଅନ୍ୟତମ କାରଣ ହେଲା ଇଂଲଣ୍ଡ ପିଚ୍‌ରେ ପରିବର୍ତ୍ତନ। ଏବେ ଇଂଲଣ୍ଡର ଘରୋଇ କ୍ରିକେଟ ସିଜିନ ଶେଷ ହେବାକୁ ଯାଉଛି। ଯେଉଁ ପିଚ୍‌ରେ ଟେଷ୍ଟ ଖେଳାଯାଉଛି, ସେଥିରେ ବିଶେଷ ସୁଇଂ ହେଉନାହିଁ। ଅବଶ୍ୟ ଏଥିରୁ ଭାରତୀୟ ବ୍ୟାଟରମାନେ ଫାଇଦା ଉଠାଇଛନ୍ତି ଓ ଦୁଇଟି ବଡ଼ ପାଳି ୪୭୧ ଓ ୩୬୪ ରନ୍ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ଏତେ ରନ୍ କରି ମଧ୍ୟ ଭାରତ ଏହି ମ୍ୟାଚ୍ ହାରିଯାଇଥିଲା। ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଇଂଲଣ୍ଡର ହେଡ୍ କୋଚ୍ ଓ ବେନ୍ ଷ୍ଟୋକ୍ସ ଅଧିନାୟକ ହେବା ପରଠାରୁ ଇଂଲିଶ ପିଚ୍ ଆଉ ଏତେ ବୋଲରଙ୍କୁ ସୁହାଉ ନାହିଁ। ଏଣୁ ବାଜ୍‌ବଲ ଶୈଳୀରେ ଏମାନେ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ନୀତିରେ ସେମାନେ ହେଡିଂଲେ ଟେଷ୍ଟ ଜିତିବାରେ ସମର୍ଥ ହୋଇଥିଲେ।

ଇଂଲଣ୍ଡକୁ ଦ୍ରୁତ ହାରରେ ରନ୍ ସଂଗ୍ରହ କରିବାରେ ଅଟକାଇବାକୁ ହେଲେ ଦଳରେ ଜଣେ ରିଷ୍ଟ ସ୍ପିନରଙ୍କ ଆବଶ୍ୟକତା ରହିଛି। ଏଥିଲାଗି କୁଲଦୀପ ଯାଦବ ପ୍ରସ୍ତୁତ ହୋଇ ରହିଛନ୍ତି। କିନ୍ତୁ ତାଙ୍କୁ ସୁଯୋଗ ମିଳିବ କି ନାହିଁ ତାହା ଗମ୍ଭୀର-ଗିଲ ଯୋଡି ନିଷ୍ପତ୍ତି ନେବେ। ୩୦ ବର୍ଷରେ ପଦାର୍ପଣ କରିଥିବା କୁଲଦୀପ ମାତ୍ର ୧୩ଟି ଟେଷ୍ଟ ଖେଳିଛନ୍ତି। ବାଜ୍‌ବଲକୁ ଟକ୍କର ଦେବାକୁ ହେଲେ କୁଲଦୀପଙ୍କ ଉପସ୍ଥିତି ନିହାତି ଜରୁରୀ। ଭାରତର ଏକ ନମ୍ବର ସ୍ପିନର ଭାବେ ରବୀନ୍ଦ୍ର ଜାଡେଜା ଖେଳିବେ। ପ୍ରଥମ ଟେଷ୍ଟରେ ତାଙ୍କୁ ଇଂଲଣ୍ଡ ବ୍ୟାଟରମାନେ ୩୯ଥର ରିଭର୍ସ ସୁଇପ୍ ସଟ୍ ମାରିଥିଲେ। ଜଣେ ବୋଲରଙ୍କୁ ସୁଇପ୍ ସଟ୍ ମାରିବାରେ ଏହା ସର୍ବାଧିକ। ସେ ଜଣେ ବାମହାତୀ ସ୍ପିନର। କିନ୍ତୁ କୁଲଦୀପ ଜଣେ ରିଷ୍ଟ ସ୍ପିନର। ରିଷ୍ଟ ସ୍ପିନରଙ୍କୁ ସୁଇପ୍ ସଟ୍ ମାରିବା ଏତେଟା ସହଜ ହେବ ନାହିଁ। ଏଣୁ ୱିକେଟ ପ୍ରତି ୨୨.୧୬ ହାରରେ ରନ୍ ବ୍ୟୟ କରିଥିବା କୁଲଦୀପ ଏହି ମୁକାବିଲା ଲାଗି ପ୍ରସ୍ତୁତ ଅଛନ୍ତି। ତାଙ୍କୁ ସୁଯୋଗ ମିଳିଲେ ଗମ୍ଭୀର-ଗିଲଙ୍କ ଯୋଜନା ଯେ ସଫଳ ହେବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

## ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଭାରତ



ବ୍ୟାଙ୍କକ୍, ୨୯।୬ (ଏଜେନ୍ସି): ଏଏଫ୍‌ସି ମହିଳା ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଫୁଟ୍‌ବଲ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଥାଇଲାଣ୍ଡର ଚିଆଙ୍ଗ ମାଇ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୪-୦ ଗୋଲ୍‌ରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ତୈମର ଲିଷ୍ଟକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ମହିଳା ଦଳ ପକ୍ଷରୁ ମନୀଷା କଲ୍ୟାଣ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ କ୍ରମାଗତ ୨ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁଲାଇ ୨ରେ ଇରାକ ଓ ୫ରେ ଥାଇଲାଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ମଙ୍ଗୋଲିଆକୁ ହରାଇଥିଲା। ଏଥିରେ ଓଡ଼ିଆ ତାରକା ପ୍ୟାରୀ ଖାଖା ୫ଟି ଗୋଲ୍ ଦେଇଥିଲେ। ପ୍ରତି ଗ୍ରୁପ୍‌ର ବିଜେତା ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ କରିବ। ଭାରତୀୟ ମହିଳା ଫୁଟ୍‌ବଲ ଦଳ ୮ଥର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଥିଲା। ସେଥିମଧ୍ୟରୁ ଶେଷଥର ଲାଗି ୨୦୨୩ରେ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଇଥିଲା।

# ଛକା ମାରିବା ପରେ ଚାଲିଗଲା ଜୀବନ

ଫିରୋଜପୁର, ୨୯।୬ (ଏଜେନ୍ସି): ପଞ୍ଜାବର ଫିରୋଜପୁର ଜିଲ୍ଲାରୁ ଏକ ଚକିତ କଲାଭଳି ଘଟଣା ସାମ୍ନାକୁ ଆସିଛି। ଛକା ମାରିବା ପରେ ପରେ ଜଣେ କ୍ରିକେଟର୍‌ଙ୍କ ପିଚ୍ ଉପରେ ହୃଦଘାତରେ ଜୀବନ ଚାଲିଯାଇଛି। ଏହି ହୃଦୟ ବିଦାରକ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ମୃତ୍ୟୁବରଣ କରିଥିବା କ୍ରିକେଟର୍‌ଙ୍କ ନାମ ହର୍‌ଜିତ୍ ସିଂହ ବୋଲି ଜଣାପଡ଼ିଛି। ଫିରୋଜପୁରର ଡିଏଭି ସ୍କୁଲ ପଡ଼ିଆରେ ଏହି ମ୍ୟାଚ୍ ଖେଳାଯାଉଥିଲା। ବ୍ୟାଟିଂ କରୁଥିବା ହର୍‌ଜିତ୍ ଏକ ବିଶାଳ ଛକା ମାରିବା ପରେ ଚାଲି ଚାଲି ଅପରପାର୍ଶ୍ୱରେ ଥିବା ବ୍ୟାଟର୍‌ଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ସେ ଥକ୍କା ଅନୁଭବ କରି ପିଚ୍ ମଝିରେ ବସି ପଡ଼ିଥିଲେ। ସାଥୀ ବ୍ୟାଟର୍ ମଧ୍ୟ ତାଙ୍କ ସହ ବାର୍ତ୍ତାଳାପ କରୁଥିବାବେଳେ ହରଜିତ୍ ହଠାତ୍ ଟଳି ପଡ଼ିଥିଲେ। ଏହାପରେ ଅନ୍ୟ ଖେଳାଳିମାନେ ତୁରନ୍ତ ତାଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ହର୍‌ଜିତ୍‌ଙ୍କ ଜୀବନ ରକ୍ଷା କରିବା ସମ୍ଭବପର ହୋଇପାରି ନ ଥିଲା। ପୂର୍ବରୁ ୨୦୨୪ରେ ପୁଣେରେ ଇମରାନ ପଟେଲ ନାମକ ଜଣେ ଖେଳାଳି ପଡ଼ିଆରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ● ଏବିଏସ୍ ସ୍ମାରକୀ ଓପନ ଚେସ୍

# ସୌମ୍ୟ ଜିତିଲେ ୮୩ତମ ଟାଇଟଲ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟର ପ୍ରଥମ ଚେସ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ନିଜ ପେସାଦାର ଖେଳ ଜୀବନର ୮୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ତୃତୀୟ ଅଟଳ ବିହାରୀ ସେନାପତି (ଏବିଏସ୍) ସ୍ମାରକୀ ରାଜ୍ୟ ଓପନ ଚେସରେ ସୌମ୍ୟ ଚାମ୍ପିଅନ ହେବା ସହ ଏହି ରେକର୍ଡ ସଫଳତା ହାସଲ କରିଛନ୍ତି। ଏହି ଟାଇଟଲ ଜିତିବା ଲାଗି ଭୁବନେଶ୍ୱରର ସଞ୍ଜୀବନ ନାୟକଙ୍କ ସହ ସୌମ୍ୟଙ୍କର କଡ଼ା ମୁକାବିଲା ହୋଇଥିଲା। ୫ ରାଉଣ୍ଡ ଖେଳ ଶେଷରେ ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସୌମ୍ୟ ବାଜି ମାରିନେଇଥିଲେ। ସେ ପ୍ରଥମରେ ରହିବା ସହ ଚାମ୍ପିଅନ ଓ ସଞ୍ଜୀବନ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଆଉ ୪ ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ଆଦିତ୍ୟ ଖାଡ଼ଙ୍ଗା ଓ କଟକର ରବୀନ୍ଦ୍ର କୁମାର ଓଝା ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସାଏସା ସାହୁ ଶ୍ରେଷ୍ଠ ବାଳିକା ଓ ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ

# ଦୃଢ଼ ସ୍ଥିତିରେ ଦକ୍ଷିଣ ଆଫ୍ରିକା

ବୁଲାୱାୟୋ, ୨୯।୬ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ସ୍କୋର ୪୧୮/୯ ରନ ଜବାବରେ ଜିମ୍ବାୱେ ୨୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜିମ୍ବାୱେ ପାଇଁ ଅଭିଜ୍ଞ ସିନ୍ ୱିଲିୟମ୍ସ ୬ଷ୍ଠ ଟେଷ୍ଟ ଶତକ ସହ ସର୍ବାଧିକ ୧୩୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମଲଡର୍ ୪ ଏବଂ ଅଧିନାୟକ କେଶବ ମହାରାଜ ଓ କୋଡି ୟୁସୁଫ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଫଳରେ ୧୬୭ ରନରେ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୯ ରନ କରିଛି। ଓପନର୍ ଟୋନି ଡି ଜୋର୍ଜି ୨୨ ଓ ୱିଆନ ମଲଡର୍ ୨୫ ରନରେ ଅପରାଜିତ ରହିଛନ୍ତି। ଦକ୍ଷିଣ ଆଫ୍ରିକା ମୋଟ୍ ଉପରେ ୨୧୬ ରନରେ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ପୂର୍ବରୁ ଜିମ୍ବାୱେ ପାଳିରେ ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରି ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କ୍ୱିନା ମଫାକାଙ୍କ ବଲ୍ ତାଙ୍କ ହେଲ୍‌ମେଟ୍‌ରେ ବାଜିଥିଲା। ସେ ବଳକା ମ୍ୟାଚରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କନ୍‌କଜନ ସବ୍‌ଷ୍ଟିଚ୍ୟୁଟ୍ (ଆଘାତ ପ୍ରତିବଦଳ) ଭାବେ ପ୍ରିନ୍ସ ମାସଭାଉରେ ଦଳରେ ସାମିଲ ହୋଇଛନ୍ତି।

### ମହାରାଜଙ୍କ ରେକର୍ଡ

ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ କେଶବ ମହାରାଜ ଏହି ମ୍ୟାଚରେ ଏକ ରେକର୍ଡ କରିଛନ୍ତି। ପ୍ରଥମ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ମହାରାଜ ଟେଷ୍ଟରେ ୨୦୦ ୱିକେଟ୍ ସଫଳତା ପାଇଛନ୍ତି। ୩୪ତମ ଓଭରରେ ସେ ଜିମ୍ବାୱେର କାଏଲେ ଭେରେନେଙ୍କୁ ଷ୍ଟମ୍ପ୍ ଆଉଟ୍ କରି ଟେଷ୍ଟ କ୍ୟାରିୟରର ୨୦୦ତମ ୱିକେଟ୍ ପୂରଣ କରିଥିଲେ। ୫୯ତମ ଟେଷ୍ଟ ମ୍ୟାଚରୁ ସେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକା ସ୍ପିନର ଭାବେ ହ୍ୟୁଗ୍ ଟୟଫିଲ୍ଡ ୧୭୦ ଟେଷ୍ଟ ୱିକେଟ୍ ନେଇଥିଲେ।

## ଓଡ଼ିଶାରୁ ସୁରେଶ ଉପସଭାପତି, ସନ୍ଦୀପ ସଦସ୍ୟ ନିର୍ବାଚିତ

# ସରଜୁ ଏସ୍‌ଜେଏଫ୍‌ଆଇର ସଭାପତି ଓ ରମେଶ ସମ୍ପାଦକ

ଭୁବନେଶ୍ୱର, ୨୯।୬ (ସମିସ): ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା ସରଜୁ ଚକ୍ରବର୍ତ୍ତୀ ନୂଆ ସଭାପତି ଓ ତେଲେଙ୍ଗାନାର ଭି. ରମେଶ ସମ୍ପାଦକ ଭାବେ ଆସନ୍ତା ୨ ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୪ଟି ଉପସଭାପତି ପଦ ଲାଗି ହୋଇଥିବା ନିର୍ବାଚନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ରେକର୍ଡ ୧୨ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ନରେଶ ଶେଲକେ, ସାବି ହୁସେନ ଓ ଏସ୍ ଦୀପକ ରାଘବ ଅନ୍ୟ ୩ ଜଣ ଉପସଭାପତି ହୋଇଛନ୍ତି। ସମ୍ପାଦକ ରମେଶ, ଯୁଗ୍ମ ସମ୍ପାଦକ ଆସାମର ପାର୍ଥ ଚକ୍ରବର୍ତ୍ତୀ ଓ କୋଷାଧ୍ୟକ୍ଷ ମୁମ୍ବାଇର ସଞ୍ଜୟ ଘରପୁରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୭ ଜଣିଆ କାର୍ଯ୍ୟକାରୀ କମିଟିକୁ ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।




## ଖୋର୍ଦ୍ଧା ଜିଲ୍ଲା ଚେସ୍ ଉଦ୍‌ଯାପିତ

# ନୟନିକା, ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୨୯।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ ପରିସରରେ ୧୩ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ନୟନିକା ସାହୁ ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ତ୍ରିପାଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଇଶାନୀ ଦାସ, ଆର୍ଣ୍ଣିକା ଦାଶ, ଅନିଷା ଆଚାର୍ଯ୍ୟ ଓ ମୌକ୍ତିକା ନାୟକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଓପନ ବା ବାଳିକା ବିଭାଗରେ ବିନୀତ ନାୟକ, ମନୀଷ ମିଶ୍ର, ସିଦ୍ଧାର୍ଥ ମଲ୍ଲିକ ଓ ସୂର୍ଯ୍ୟାଂଶୁ ମହାକୁଡ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଖେଳ ଶେଷରେ ଏପିଜେ ସ୍କୁଲ୍‌ର ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ସଦସ୍ୟ ସ୍ୱୟଂଶୁ ସତ୍ୟକାମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୯ ବର୍ଷରୁକମ୍ ଜାତୀୟ ଚାମ୍ପିଅନ ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ହକିରେ ଲଜ୍ଜା

# ପ୍ରୋ ଲିଗ୍‌ରୁ ବାଦ୍ ପଡ଼ିଲେ ଭାରତୀୟ ମହିଳା



ବର୍ଲିନ, ୨୯।୬ (ଏଜେନ୍ସି): ହକିରୁ ଲଜ୍ଜାଜନକ ଖବର ଆସିଛି। ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣ ଅର୍ଥାତ୍ ୨୦୨୫-୨୬ ସିଜନରୁ ଭାରତ ବାଦ୍ ପଡ଼ିଛି। ଚଳିତ ସିଜନ (୨୦୨୪-୨୫)ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହିବାରୁ ଭାରତୀୟ ମହିଳା ହକି ଦଳ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆସନ୍ତା ସିଜନରେ ଖେଳିବାରୁ ବଞ୍ଚିତ ହୋଇଛି। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୫ ମ୍ୟାଚ୍ ଖେଳି ମାତ୍ର ୨ ବିଜୟ, ୩ ଡ୍ର ଓ ୧୦ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପଏଣ୍ଟ ଟେବଲ୍‌ର ସବାଶେଷ ସ୍ଥାନରେ ରହିଥିବାରୁ ଭାରତ ଅବନତିର ସମ୍ମୁଖୀନ ହୋଇ ସ୍ୱୟଂଚାଳିତ ଏଫ୍‌ଆଇଚ୍ ପ୍ରୋ ଲିଗ୍‌ର ଆଗାମୀ ସିଜନରୁ ବାଦ୍ ପଡ଼ିଛି। ଫଳରେ ଆସନ୍ତା ହକି ସିଜନରେ ଭାରତ ନେସନ୍ସ କପ୍ ଖେଳିବ। ଏଥିରେ ଯଦି ଭାରତୀୟ ମହିଳା ହକି ଦଳ ଚାମ୍ପିଅନ ହୁଏ ତେବେ ୨୦୨୬-୨୭ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

୨୦୨୧-୨୨ ସିଜନରେ ଭାରତୀୟ ମହିଳା ହକି ଦଳ ପ୍ରୋ-ଲିଗ୍‌ରେ ପଦାର୍ପଣ କରିଥିଲା। ସେହି ସିଜନରେ କରୋନା ଲାଗି ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଓହରିଯିବାରୁ ଭାରତକୁ ଖେଳିବାର ସୁଯୋଗ ମିଳିଥିଲା। ତେବେ ୨୦୨୨ ଡିସେମ୍ବରରେ ସ୍ପେନରେ ଅନୁଷ୍ଠିତ ନେସନ୍ସ କପ୍‌ରେ ଚାମ୍ପିଅନ ହେବାପରେ ଭାରତ ଅଫିସିଆଲ୍ ଭାବେ ୨୦୨୩-୨୪ ସିଜନ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସେହି ସିଜନରେ ଭାରତ ୮ମ ସ୍ଥାନରେ ରହିଥିଲା। ତେବେ ୨୦୨୪-୨୫ ସିଜନ ଭାରତ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ସାଲିମାଙ୍କ ନେତୃତ୍ୱରେ ଓ ହରେନ୍ଦ୍ର ସିଂହଙ୍କ ପ୍ରଶିକ୍ଷଣରେ ଭାରତ ୧୫ ମ୍ୟାଚ୍ ଖେଳି ମାତ୍ର ୨ଟି ବିଜୟ ଓ କ୍ରମାଗତ ୧୦ ପରାଜୟବରଣ କରିଥିଲା। ସେପ୍ଟେମ୍ବର ୫ରୁ ହାଙ୍ଗଝୋଉରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରୋ ଲିଗ୍‌ରେ ଅବନତିର ସମ୍ମୁଖୀନ ହେବା ଭାରତର ପ୍ରସ୍ତୁତି ପାଇଁ ଝଟ୍‌କା ସଦୃଶ ହୋଇଛି।

## ଆଜିଠୁ ୱିମ୍ବଲଡନ୍

# ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ଆଲ୍‌କାରାଜ୍

ଲଣ୍ଡନ, ୨୯।୬ (ଏଜେନ୍ସି)

ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଆରମ୍ଭ ହେବାକୁ ଯାଉଛି। ଗ୍ରାସ କୋର୍ଟରେ ଖେଳାଯାଉଥିବା ବିଶ୍ୱର ଏହି ଅନ୍ୟତମ ଶ୍ରେଷ୍ଠ ଓ ସମ୍ମାନଜନକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଏହା ହେବ ୧୩୮ତମ ସଂସ୍କରଣ। ୱିମ୍ବଲଡନର ୧୪୭ ବର୍ଷ ଇତିହାସରେ ପ୍ରଥମଥର ଲାଗି ଲାଇନ୍ ଜଜ୍‌ଙ୍କ ବିନା ମ୍ୟାଚ୍ ଖେଳାଯିବ। ୪୫୦ରୁ ଊର୍ଦ୍ଧ୍ୱ ଟ୍ରାକିଂ କ୍ୟାମେରା ଦ୍ୱାରା ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଇଲେକଟ୍ରୋନିକ ଲାଇନ୍ କଲିଂ ସିଷ୍ଟମ ଦ୍ୱାରା ମ୍ୟାଚ୍ ପରିଚାଳିତ ହେବ। ଫଳରେ ୱିମ୍ବଲଡନରେ ପ୍ରଥମଥର ଲାଗି ନେଭି ବ୍ଲେଜର ପରିଧାନ ଲାଇନ୍ ଜଜ୍‌ଙ୍କୁ ଦେଖିବାକୁ ମିଳିବ ନାହିଁ। ସେହିଭଳି ଏଥର ୱିମ୍ବଲଡନ ଇତିହାସରେ ଆଉ ଏକ ନୂଆ ଘଟଣା ଦେଖିବାକୁ ମିଳିବ। ମହିଳା ଓ ପୁରୁଷ ସିଙ୍ଗଲ୍ସ ଫାଇନାଲ ଯଥାକ୍ରମେ ପ୍ରତିଥର ଭଳି ଜୁଲାଇ ଦ୍ୱିତୀୟ ଶନିବାର ଓ ରବିବାର ଖେଳାଯିବ। କିନ୍ତୁ ଏହା ଅପରାହ୍ଣ ୨ଟା ପରିବର୍ତ୍ତେ ୪ଟାରୁ ଆରମ୍ଭ ହେବ। ଉତ୍ତର ଓ ଦକ୍ଷିଣ ଆମେରିକୀୟ ଦର୍ଶକଙ୍କୁ ନଜରରେ ରଖି ଫାଇନାଲ ଆରମ୍ଭର ସମୟସୂଚୀକୁ ପରିବର୍ତ୍ତନ କରାଯାଇଛି। ପୁରୁଷ ସିଙ୍ଗଲ୍ସରେ ଏଥର ଚାମ୍ପିଅନ ହୋଇ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ୍ ହ୍ୟାଟ୍ରିକ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏଟିପି ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ୍ ୨୦୨୩ ଓ ୨୦୨୪ରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଯଦି ଆଲ୍‌କାରାଜ୍ ଏଥର ଚାମ୍ପିଅନ ହୁଅନ୍ତି ତେବେ ରୋଜର୍ ଫେଡ଼ରରଙ୍କ ପରେ ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ଅଲ୍‌ଇଂଲଣ୍ଡନ ଲନ୍ ଟେନିସ କ୍ଲବରେ ହ୍ୟାଟ୍ରିକ ଟାଇଟଲ୍ ଜିତି ରେକର୍ଡ କରିବେ। ମହିଳା ବିଭାଗରେ ଚେକ୍ ଗଣରାଜ୍ୟର ବାର୍‌ବୋରା କେଜ୍ରିକୋଭା ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି।



ପ୍ରଥମଥର ଲାଗି ଲାଇନ୍ ଜଜ୍ ବିନା ହେବ ଖେଳ



### ରେକର୍ଡ ୪୫୭ କୋଟି ପୁରସ୍କାର ରାଶି

ଏଥର ୱିମ୍ବଲଡନରେ ରେକର୍ଡ ମୋଟ୍ ୫୩.୫୫ ମିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୪୫୭ କୋଟି ୭୭ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୭ ପ୍ରତିଶତ ବୃଦ୍ଧି କରାଯାଇଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗରେ ଚାମ୍ପିଅନ ଖେଳାଳି ଏଥର ୨୫ କୋଟି ୬୪ ଲକ୍ଷ ଟଙ୍କା ଅର୍ଥରାଶି ଘରକୁ ନେଇକି ଯିବେ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳି ୧୩ କୋଟି, ସେମିଫାଇନାଲରେ ପରାଜିତଙ୍କୁ ୬ କୋଟି ୬୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS